# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 24/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 239 | ମୂଲ୍ୟ ₹୭/-





**ଜୟସ୍ୱାଲଙ୍କ ଅର୍ଦ୍ଧଶତକ**

ମାଞ୍ଚେଷ୍ଟରଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଯଶସ୍ୱୀ ଜୟସ୍ୱାଲ। **୧୪**

**୧୩** **ଭାଗ୍ୟକୁ ଦୋଷ ଦେଲେ ଅନନ୍ୟା**

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ନିଜ ଭାଗ୍ୟକୁ ହିଁ ଦୋଷ ଦେଉଛନ୍ତି।







(ଫଟୋ –ମନୋରଞ୍ଜନ ମିଶ୍ର)

ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଶିକ୍ଷାନୁଷ୍ଠାନ ନିକଟରେ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ଏଆଇଡିଏସ୍ଓ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା।

# ଓଡ଼ିଶାର ୨୮% ଶିଶୁ ଶାରୀରିକ ଅବିକଶିତ

- ୧୨% କୁପୋଷଣର ଶିକାର
- ପୋଷଣ ଟ୍ରାକର ତଥ୍ୟ

**ଓଡ଼ିଶାର ୬ ବର୍ଷରୁ କମ୍ ପ୍ରାୟ ୨୮ ପ୍ରତିଶତ ଶିଶୁ ଅବିକଶିତ ବା ଶାରୀରିକ ଭାବେ ଦୁର୍ବଳ ହୋଇଥିବାବେଳେ ୧୨ ପ୍ରତିଶତ କୁପୋଷଣର ଶିକାର। ସେହିପରି ଶୂନରୁ ୫ ବର୍ଷ ବୟସ ମଧ୍ୟରେ ୩.୨୧ ପ୍ରତିଶତ ପିଲା ଉଚ୍ଚତା ତୁଳନାରେ ପତଳା ହୋଇଥିବାବେଳେ ୧୧.୬୩ ପ୍ରତିଶତଙ୍କ ଓଜନ ବହୁତ କମ୍ ବୋଲି କେନ୍ଦ୍ର ସରକାରଙ୍କ ଜୁନ୍ ମାସର ପୋଷଣ ଟ୍ରାକର ତଥ୍ୟରୁ ଜଣାପଡ଼ିଛି, ଯାହାକି ଦୀର୍ଘକାଳୀନ କୁପୋଷଣକୁ ସୂଚିତ କରୁଛି। ତେବେ ରାଜ୍ୟ ତୁଳନାରେ ସାରା ଦେଶର ସ୍ଥିତି ଅଧିକ ଚିନ୍ତାଜନକ ରହିଛି। ଏ କ୍ଷେତ୍ରରେ ସମଗ୍ର ଦେଶର ସ୍ଥିତିକୁ ଦେଖିଲେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନାମ ଲେଖାଇଥିବା ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୮.୯% ଶାରୀରିକ ଭାବେ ଦୁର୍ବଳ ଏବଂ ୧୭% କୁପୋଷଣର ଶିକାର। ୫.୨% ପିଲା ଉଚ୍ଚତା ତୁଳନାରେ ପତଳା।**

**ନୂଆଦିଲ୍ଲୀ, ୨୩।୭**

ପୋଷଣ ଟ୍ରାକର ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ ମୋବାଇଲ ଭିତ୍ତିକ ଆପ୍ଲିକେଶନ। ଏଥିରେ ବ୍ୟବହୃତ ପ୍ରଯୁକ୍ତି ପିଲାମାନଙ୍କ ମଧ୍ୟରେ ଶାରୀରିକ ଦୁର୍ବଳ, କୁପୋଷଣ ଏବଂ କମ୍ ଓଜନ ପିଲାଙ୍କୁ ଚିହ୍ନଟ କରିଥାଏ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ କୁମାରୀମାନେ ଏହାର ହିତାଧିକାରୀ। ସୁପରଭାଇଜର, ସିଡିପିଓ ଏବଂ ଡିପିଓଙ୍କ ଜରିଆରେ ହିତାଧିକାରୀମାନଙ୍କ ବିକାଶର ପର୍ଯ୍ୟବେକ୍ଷଣ କରାଯିବା ସହ ମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପୋଷଣ ଟ୍ରାକରରୁ ଉପଲବ୍ଧ କମ୍ ଓଜନ ଓ ଅତି ଦୁର୍ବଳ ପିଲାମାନଙ୍କ ସ୍ତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦ (ଏନ୍‌ଏଫ୍‌ଏଚ୍‌ଏସ୍‌୫)ରେ ପୂର୍ବାନୁମାନ କରାଯାଇଥିବା ସ୍ତରଠାରୁ ଯଥେଷ୍ଟ କମ୍।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଶିଶୁ ଅଭିବୃଦ୍ଧି ମାନକ ଅନୁଯାୟୀ, ବିକାଶ ନ ହେବା ଦ୍ୱାରା ପିଲାର ଶାରୀରିକ ଏବଂ ମାନସିକ କ୍ଷତି ଘଟିଥାଏ। ଜଣେ ଅବିକଶିତ ଶିଶୁର ବୟସ ତୁଳନାରେ ଉଚ୍ଚତା କମ୍ ହୋଇଥାଏ, ଉପଯୁକ୍ତ ବିକାଶିତ ହୋଇ ନ ଥାଏ ଏବଂ ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ସମୟ ବା ଶୈଶବାବସ୍ଥାରେ ଦୀର୍ଘସମୟ କୁପୋଷଣରେ ରହିଥାଏ ବୋଲି ଶିଶୁରୋଗ ବିଶେଷଜ୍ଞମାନେ କହିଛନ୍ତି। ଅଣ୍ଡରୱେଟ୍ ଶିଶୁମାନଙ୍କ ଉଚ୍ଚତା ତୁଳନାରେ ଓଜନ ବହୁତ କମ୍ ହୋଇଥାଏ। ମୁଖ୍ୟତଃ କୁପୋଷଣ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତି ପାଇଁ ୫ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ଏହା ଦେଖାଦେଇଥାଏ।

# ରାଜ୍ୟର ସବୁ ବିଦ୍ୟାଳୟରେ ଲାଗିବ ସିସିଟିଭି

**ଭୁବନେଶ୍ୱର, ୨୩।୭ (ସୁଚିସ୍ମିତା ସାହୁ)**

ସମ୍ପ୍ରତି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ବାଲେଶ୍ୱରର ଏଫ୍.ଏମ୍. କଲେଜ ପରିସରରେ ଜଣେ ଛାତ୍ରୀ ଯୌନ ନିର୍ଯାତନା ପ୍ରତିବାଦରେ ଆତ୍ମାହୁତି ଦେବା ଘଟଣା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାର ଛାତ୍ରୀମାନଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରୀଙ୍କ ସୁରକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି) ଗଠନ କରାଯିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ବିଦ୍ୟାଳୟ ପରିସରରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଗତ ୨୧ ତାରିଖରେ ସିବିଏସ୍ଇ ସବୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଲିପିର କ୍ରମବିକାଶ**


# ବିଜେଡିକୁ ଅକଳରେ ପକାଇଲା କଂଗ୍ରେସ

## ଅନାସ୍ଥା ଆଣ ନ ହେଲେ ସହଯୋଗ କର: ଭକ୍ତ

ଭୁବନେଶ୍ୱର, ୨୩।୭ (ରବିନାରାୟଣ ଜେନା, ସୁନିତ୍ ମିଶ୍ର)

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଘଟଣାକୁ ନେଇ କଂଗ୍ରେସ ଏବେ ସମ୍ମୁଖ ଯୁଦ୍ଧକୁ ବାହାରିଛି। ଗୋଟିଏ ଗୁଳିରେ ଦୁଇଟି ଶିକାର ନ୍ୟାୟରେ ରାଜ୍ୟ ସରକାରଙ୍କ ସହିତ ପ୍ରମୁଖ ବିରୋଧୀ ବିଜେଡିକୁ ଟାର୍ଗେଟ କରିଛି। ବାଲେଶ୍ୱର ଫକୀର ମୋହନ ଛାତ୍ରୀଙ୍କ ଆତ୍ମାହୁତି ଏବଂ ପୁରୀ ଜିଲା ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ି ମାରିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ କଂଗ୍ରେସ ପ୍ରସଙ୍ଗ କରିଛି। ଗୋଟିଏପଟେ ମା'କୁ ସମ୍ମାନର ନାରା ଦେଉଥିବା ବିଜେଡିକୁ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଆହ୍ୱାନ ଦେଇଥିବାବେଳେ ଅନ୍ୟପକ୍ଷରେ କଂଗ୍ରେସ ଛାତ୍ରନେତା ଉଦିତ ପ୍ରଧାନଙ୍କ ଗିରଫଦାରିରୁ ଦଳକୁ ଯେଉଁ କ୍ଷତି ପହଞ୍ଚିଛି, ସେଥିରୁ ମୁକୁଳିବା ପାଇଁ ରଣନୀତି ଚଳାଇଛି। ଭକ୍ତଙ୍କ ଅନାସ୍ଥା ପ୍ରସଙ୍ଗ ଉପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର କଡ଼ା ଜବାବ ରଖିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି। କଂଗ୍ରେସର ଏଭଳି ଅତର୍କିତ ଆକ୍ରମଣକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇ ଉଠିଛି।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ମା'କୁ ସମ୍ମାନର କଥା କହିଆସୁଥିଲା। ହେଲେ ଏବେ ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ସଂଖ୍ୟାଧିକ ନାରୀ ନିର୍ଯାତିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକା ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଆଡଭାଇଜରିରେ ନାରୀମାନଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ସ୍ଥାନ ବୋଲି କୁହାଯାଇ ସାରିଛି। ସେତେବେଳେ ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ହୋଇଥିବାବେଳେ ଏବେ ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଏବଂ ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ିବା ଭଳି ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜା ଅନୁଭବ ହେଉଛି ବୋଲି ତାଙ୍କ ମନ୍ତବ୍ୟରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ଆଉ ତିଳେ ହେଲେ ବି କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ, ସରକାର ନିଜଆଡୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆମେ ବାହାର କରିଦେବୁ। ମହିଳାଙ୍କ ସୁରକ୍ଷା କଥା କହୁଥିବା ବିଜେଡି ଏବେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ(ନୋ-କନ୍‌ଫିଡେନ୍ସ ମୋଶନ) ଆଣୁ ଆମେ ସମର୍ଥନ ଦେବୁ, ନଚେତ୍ କଂଗ୍ରେସ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବ, ତାକୁ ବିଜେଡି ସମର୍ଥନ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ୧୩ ମାସ ଧରି ନାରୀକୁ ନ୍ୟାୟ ଦେବା ଲାଗି କଂଗ୍ରେସ ପକ୍ଷରୁ ଯେଉଁ ରଣକୌଶଳ ଆରମ୍ଭ ହୋଇଥିଲା ତାହା ଏବେ ନିର୍ଣ୍ଣାୟକ ମୋଡ଼ ନେଇଛି। ବୁଧବାର ଭକ୍ତଙ୍କ ଏହି ରାଜନୈତିକ ଫାଶ କେବଳ ଯେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ତାହା ନୁହେଁ, ବିଜେଡି ଲାଗି ଅଧିକ ଆହ୍ୱାନ ରହିବ ଏବଂ ନିଜ ଦଳକୁ ସୁରକ୍ଷିତ ରଖିବ ବୋଲି ରାଜନୈତିକ ☞ପୃଷ୍ଠା-୪




# ଗାଜିଆବାଦରେ ୭ ବର୍ଷ ଧରି ଚାଲିଥିଲା ନକଲି ଦୂତାବାସ

**ଗାଜିଆବାଦ, ୨୩।୭**

ଉତ୍ତରପ୍ରଦେଶର ଗାଜିଆବାଦରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୟୁପି ପୋଲିସର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ନଏଡା ଟିମ୍ ବୁଧବାର ସ୍ଥାନୀୟ କବୀରନଗର ଅଞ୍ଚଳରେ ଦୀର୍ଘ ୭ ବର୍ଷ ଧରି ଚାଲୁଥିବା ଏକ ବେଆଇନ ଦୂତାବାସର ପର୍ଦ୍ଦାଫାଶ କରିଛି। ଏହି ବେଆଇନ ଦୂତାବାସକୁ ସଞ୍ଚାଳିତ କରୁଥିବା ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ବ୍ୟକ୍ତିଙ୍କୁ ଏସ୍‌ଟିଏଫ୍ ଟିମ୍ ଗିରଫ କରିଛି। ହର୍ଷବର୍ଦ୍ଧନ ନିଜକୁ ୱେଷ୍ଟ ଆର୍କାଟିକା ନାମକ ଏକ କାଳ୍ପନିକ ଦେଶର କୂଟନୀତିଜ୍ଞ ଭାବେ ପରିଚୟ ଦେଇ ଜନସାଧାରଣଙ୍କୁ ଠକୁଥିଲେ। ତାଙ୍କ ନିକଟରୁ ବିଦେଶୀ କୂଟନୀତିଜ୍ଞଙ୍କ ପାଇଁ ବ୍ୟବହୃତ ଅନେକ ଗାଡ଼ିର ନମ୍ବର ପ୍ଲେଟ୍ ଜବତ କରାଯାଇଛି। ସେହିପରି ତାଙ୍କ ନିକଟରୁ ୪ ବିଳାସପୂର୍ଣ୍ଣ ଗାଡ଼ି, ୧୨ ନକଲି ପାସ୍‌ପୋର୍ଟ, ବହିର୍ବ୍ୟାପାର ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି ଦସ୍ତାବିଜ, ୨ ନକଲି ପାନ୍ କାର୍ଡ, ନଗଦ ୪୪ ଲକ୍ଷ ଟଙ୍କା ଜବତ କରାଯାଇଛି। ସେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଫଟୋ ସହ ନିଜ ଫଟୋକୁ ଏଡିଟ୍ କରି ଲୋକଙ୍କୁ ଦେଖାଇ ସେମାନଙ୍କର ବିଶ୍ୱାସ ଭାଜନ ହୋଇପାରୁଥିଲେ। ହର୍ଷବର୍ଦ୍ଧନ ଜଣେ ଦଲାଲ ଭାବେ କାର୍ଯ୍ୟ କରୁଥିଲେ ଏବଂ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ବିଦେଶରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଇ ଠକୁଥିଲେ ବୋଲି ୟୁପି ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେ କିଛି ସେଲ୍ କମ୍ପାନୀ ସହଯୋଗରେ ହୱାଲା ରାକେଟ ଚଳାଉଥିବା ନେଇ ପୋଲିସ ସନ୍ଦେହ କରୁଛି। ଘଟଣାର ତଦନ୍ତ ଜାରି ରହିଛି। ପୂର୍ବରୁ ୨୦୧୧ରେ ଏକ ସାଟେଲାଇଟ୍ ଫୋନ୍ ଜବତ ମାମଲାରେ ମଧ୍ୟ ହର୍ଷବର୍ଦ୍ଧନ ଗିରଫ ହୋଇଥିଲେ।





ଗିରଫ ହର୍ଷବର୍ଦ୍ଧନ ଜୈନ ଓ ନକଲି ଦୂତାବାସ।

# ୨୮ରୁ ଅପରେଶନ ସିନ୍ଦୂର ଉପରେ ବିତର୍କ

## ତୃତୀୟ ଦିନ ପାଇଁ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୨୩।୭

ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଥିବାବେଳେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଜବାବ ରଖନ୍ତୁ ବୋଲି ଦାବି କରିଥିଲେ। ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଆସନ୍ତା ୨୮ ତାରିଖରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟର ଉଭୟ ସଦନରେ ୧୬ ଘଣ୍ଟା ଲେଖାଏ ବିତର୍କ ପାଇଁ ରାଜି ହୋଇଛନ୍ତି। ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ ଗତ ୨୧ରେ ଅନୁଷ୍ଠିତ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ସରକାର ନିଷ୍ପତ୍ତି ନେଇଥିଲେ। ବୁଧବାର ରାଜ୍ୟ ସଭା ଆଡଭାଇଜରି କମିଟିରେ ମଧ୍ୟ ଅନୁରୂପ ନିଷ୍ପତ୍ତି ନିଆଯାଇଛି। ଯଦି କୌଣସି ବିଶୃଙ୍ଖଳା



ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ହଟଗୋଳ କରୁଛନ୍ତି।।

ନ ହୁଏ, ତେବେ ଲୋକ ସଭାରେ ୨୮ରୁ ଏବଂ ରାଜ୍ୟ ସଭାରେ ତା' ପରଦିନରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ହେବ।

ପହଲଗାମ୍ ଆକ୍ରମଣ, ଅପରେଶନ ସିନ୍ଦୂର, ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି, ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ(ଏସ୍ଆଇଆର୍) ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ରଖିବା ଦାବିରେ ବିରୋଧୀ ଅଟଳ ରହିଥିବାରୁ ସୋମବାର ମୌସୁମୀ ଅଧିବେଶନ ଆରମ୍ଭ ଦିନରୁ ଉଭୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ତେବେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଜବାବ ରଖିବା ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ। ୪ଦିନିଆ ବିଦେଶ ଗସ୍ତ ସାରି ପ୍ରଧାନମନ୍ତ୍ରୀ ଫେରୁଥିବାରୁ ସେ ଆଲୋଚନା ସମୟରେ ଉପସ୍ଥିତ ରହିବା ଆଶା କରାଯାଉଛି।

ବୁଧବାର ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଏସ୍ଆଇଆର୍ ଦାବିରେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପ୍ରଥମେ ପୂର୍ବାହ୍ନ ୧୧ଟାରେ ଗୃହ ମୁଲତବୀ ହୋଇଥିବାବେଳେ ମଧ୍ୟାହ୍ନ ସମୟରେ ଦ୍ୱିତୀୟ ମୁଲତବୀ ହୋଇଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ପୁନର୍ବାର ବିରୋଧ ଜାରି ରଖିବାରୁ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ବିହାର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ବୁଧବାର ଅପରାହ୍ନ ୨ଟାରୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଫଳରେ ମୌସୁମୀ ଅଧିବେଶନ କ୍ରମାଗତ ୩ ଦିନ ହେଲା ଧୋଇଯାଇଛି। ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବା ବେଳେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଖର୍ଚ୍ଚ ହୋଇଥାଏ। ତଦନୁଯାୟୀ ଦେଖିଲେ ୩ ଦିନ ହେଲା ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିବାରୁ ୨୩ କୋଟି ଟଙ୍କା ବରବାଦ ହେଲାଣି।




ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନକୁ ବିରୋଧ କରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ଡିଏମ୍‌କେର କାନିମୋଝି ପ୍ରମୁଖ ଇଣ୍ଡିଆ ବ୍ଲକ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଜଷ୍ଟିସ୍ ବର୍ମାଙ୍କ ପିଟିଶନ ଶୁଣାଣି ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୭(ପି.ଟି.)

ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ଜବତ ହେବା ଘଟଣାରେ ପାର୍ଲାମେଣ୍ଟରେ ମହାଭିଯୋଗର ସମ୍ମୁଖୀନ ହେବାକୁ ଯାଉଥିବା ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ଖଣ୍ଡପୀଠ ଗଢ଼ିବେ ବୋଲି ବୁଧବାର କହିଛନ୍ତି। ଟଙ୍କା ଜବତ ଘଟଣାରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏଥିସହିତ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ପାଇଁ ତତ୍କାଳୀନ ସିଜେଆଇ ସୁପାରିସ୍ କରିଥିବାବେଳେ ଏହାକୁ ରଦ୍ଦ କରିବା ନିମନ୍ତେ ମଧ୍ୟ ସେ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗଭାଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠରେ ପିଟିଶନ୍‌ର ଜରୁରୀ ଶୁଣାଣି ପାଇଁ ଏହାକୁ ତାଲିକାଭୁକ୍ତ କରାଯାଇଛି।

### ମିନ୍ତ୍ରା ବିରୋଧରେ ଇଡି ମାମଲା

ବେଙ୍ଗାଲୁରୁ, ୨୩।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବେଙ୍ଗାଲୁରୁସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ବୁଧବାର ଇ-କମର୍ସ ପ୍ଲାଟଫର୍ମ ମିନ୍ତ୍ରା ଏବଂ ଏହାସହ ସମ୍ବନ୍ଧିତ କମ୍ପାନୀ ଏବଂ ସେମାନଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ, ୧୯୯୯ (ଫେମା)ର ଧାରା ୧୬(୩) ଅନୁଯାୟୀ ମାମଲା ରୁଜୁ କରିଛି। ୧,୬୫୪ କୋଟି ଟଙ୍କାରୁ ଅଧିକ ଏଫ୍‌ଡିଆଇ ଉଲ୍ଲଂଘନ ଅଭିଯୋଗରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଏହି ମାମଲାର ତଦନ୍ତ ଆରମ୍ଭ କରାଯାଇଥିବା ଇଡି କହିଛି। ମିନ୍ତ୍ରା ଏବଂ ଏହାସହ ଜଡ଼ିତ କମ୍ପାନୀଗୁଡ଼ିକ ସମ୍ପ୍ରତି ବିଦ୍ୟମାନ ଏଫ୍‌ଡିଆଇ ନୀତିକୁ ଉଲ୍ଲଂଘନ କରିବା ସହ ହୋଲ୍‌ସେଲ କ୍ୟାଶ୍ ଆଣ୍ଡ୍ କ୍ୟାରି ଆଳରେ ମଲ୍ଟି ବ୍ରାଣ୍ଡ ରିଟେଲ ଟ୍ରେଡ୍ କରୁଥିଲେ ବୋଲି କେନ୍ଦ୍ରୀୟ ଏଜେନ୍ସି ପ୍ରକାଶ କରିଛି।

### ବେଙ୍ଗାଲୁରୁ ବସ୍‌ଷ୍ଟାଣ୍ଡରେ ବିସ୍ଫୋରକ ସାମଗ୍ରୀ

ବେଙ୍ଗାଲୁରୁ, ୨୩।୭

ବେଙ୍ଗାଲୁରୁସ୍ଥିତ କାଲ୍‌ସିପାଲ୍ୟା ବିଏମ୍‌ଟିସି ବସ୍‌ଷ୍ଟାଣ୍ଡ ପରିସର ଶୌଚାଳୟ ସମ୍ମୁଖରେ ଥିବା ପ୍ଲାଷ୍ଟିକ ବ୍ୟାଗରୁ ବୁଧବାର ୬ ଜିଲେଟିନ୍ ଷ୍ଟିକ୍ ଏବଂ କିଛି ଡେଟୋନେଟର ଜବତ ହୋଇଛି। ଘଟଣା ଜଣାପଡ଼ିବା ପରେ ବିଏମ୍‌ଟିସି ବସ୍‌ଷ୍ଟାଣ୍ଡରେ ଆତଙ୍କ ଖେଳିଯାଇଥିଲା। କାଲ୍‌ସିପାଲ୍ୟା ଥାନା ପୋଲିସ ଏବଂ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବିସ୍ଫୋରକ ସାମଗ୍ରୀକୁ ଜବତ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ।

## ଶ୍ୱଶୁରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୩।୭

ତାମିଲନାଡୁର ରାମନାଥପୁରମ୍ ଜିଲାରେ ଜଣେ ୩୨ ବର୍ଷୀୟା ମହିଳା ତାଙ୍କ ଶ୍ୱଶୁରଙ୍କ ନାଁରେ ଯୌନ ନିର୍ଯାତନା ଏବଂ ଶାଶୁଘର ଲୋକଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ରଞ୍ଜିତା ନାମ୍ନୀ ଉକ୍ତ ମହିଳାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଥିବାବେଳେ ତାଙ୍କୁ ମଦୁରାଇର ରାଜାଜୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ସେ ଦେଇଥିବା ବୟାନର ରେକର୍ଡ କରାଯାଇଛି। ଶ୍ୱଶୁର ମୋତେ କୁଣ୍ଢାଇବାରୁ ଏହା ସହ୍ୟ କରି ନ ପାରି ଆତ୍ମଦାହ କଲି ବୋଲି ସେ ଉକ୍ତ ଭିଡିଓରେ କହିଥିବା ଶୁଣାଯାଇଛି। ଅନ୍ୟ ଏକ ଭିଡିଓରେ ମହିଳାଙ୍କ ୭ମ ଶ୍ରେଣୀରେ ପଢୁଥିବା ପୁଅ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ନିର୍ଯାତନା କେବଳ ଶ୍ୱଶୁରଙ୍କ ଅସଦାଚରଣରେ ସୀମିତ ନୁହେଁ, ସ୍ୱାମୀ ଓ ଶାଶୁଘରର ଅନ୍ୟମାନେ ଯୌତୁକ ପାଇଁ ୧୩ ବର୍ଷ ହେଲା ଅତ୍ୟାଚାର କରିଆସୁଥିଲେ ବୋଲି ମହିଳାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

## ବ୍ରିଟିଶ୍ ସଙ୍ଗୀତଜ୍ଞ ଓଜି ଓସ୍‌ବର୍ନଙ୍କ ଦେହାନ୍ତ

ବର୍ମିଂହାମ, ୨୩।୭



ପ୍ରଖ୍ୟାତ ବ୍ରିଟିଶ୍ ସଙ୍ଗୀତଜ୍ଞ ତଥା ରିୟଲିଟି ଟିଭି ଷ୍ଟାର୍ ଓଜି ଓସ୍‌ବର୍ନଙ୍କର ବୁଧବାର ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଓସ୍‌ବର୍ନଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଲୋକପ୍ରିୟ ହେଭି ମେଟାଲ ବ୍ୟାଣ୍ଡ ବ୍ଲାକ୍ ସବ୍ବାଥର ସହ ପ୍ରତିଷ୍ଠାତା ଥିଲେ। ପ୍ରିନ୍ସ ଅଫ୍ ଡାର୍କନେସ୍ ଏବଂ ଗଡଫାଦର ଅଫ୍ ହେଭି ମେଟାଲ ନାମରେ ଓସ୍‌ବର୍ନ ବହୁଳ ଭାବେ ଲୋକପ୍ରିୟ ଥିଲେ। ୭୦ ଦଶକରେ ବ୍ଲାକ୍ ସବ୍ବାଥ ବ୍ୟାଣ୍ଡର ସଙ୍ଗୀତଜ୍ଞ ଭାବେ ସେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ଆମେରିକୀୟ ଟିଭି ରିୟଲିଟି ଶୋ' 'ଦି ଓସ୍‌ବର୍ନସ୍'ରେ ଅଭିନୟ ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ସେ ୨୦୨୦ରେ ପାର୍କିନସନ୍ସ ରୋଗରେ ପୀଡ଼ିତ ହୋଇଥିଲେ। ଏହା ପରେ ବିଭିନ୍ନ କନସର୍ଟରେ ତାଙ୍କୁ ଖୁବ୍ କମ୍ ଦେଖିବାକୁ ମିଳିଥିଲା। ଗତ ଜୁଲାଇ ୫ରେ ନିଜ ସହର ବର୍ମିଂହାମରେ ବ୍ଲାକ୍ ସବ୍ବାଥ ପାଇଁ ସେ ନିଜ ଶେଷ କନ୍‌ସର୍ଟରେ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ମୃତ୍ୟୁରେ ହେଭି ମେଟାଲ ବ୍ୟାଣ୍ଡ ବ୍ଲାକ୍ ସବ୍ବାଥ ପକ୍ଷରୁ ଶୋକ ପ୍ରକଟ କରାଯାଇଛି।

## ଗୁଜରାଟରୁ ୪ ଅଲ୍-କାଏଦା ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୩।୭

ଗୁଜରାଟ ଆଣ୍ଟି-ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଅଲ୍-କାଏଦା ସଂଗଠନ ସହ ସମ୍ପୃକ୍ତ ୪ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଜାଲ୍ ନୋଟ୍ ର୍ୟାକେଟ୍ ଚଳାଇବା ସହ ଅଲ୍-କାଏଦା ବିଚାରଧାରାର ପ୍ରସାର ଚଳାଇଥିଲେ। ଅଭିଯୁକ୍ତମାନେ ହେଲେ ମହମ୍ମଦ ଫୈକ୍, ମହମ୍ମଦ ଫରଦିନ୍, ଓସେଫୁଲ୍ଲା କୁରେଶୀ ଏବଂ ଜିଶନ ଅଲି। ଅଲ୍-କାଏଦା ବିଚାରଧାରାର ପ୍ରଚାର ପ୍ରସାର ପାଇଁ ସେମାନେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏବଂ ସନ୍ଦିଗ୍ଧ ଆପ୍ ବ୍ୟବହାର କରୁଥିଲେ।

## ଇଞ୍ଜିନରେ ନିଆଁ: ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୨୩।୭

ଇଣ୍ଡିଗୋ ଏୟାରଲାଇନ୍ସର ଏଟିଆର୭୬ ବିମାନ ବୁଧବାର ପୂର୍ବାହ୍ନ ୧୧ଟାରେ ଅହମଦାବାଦ ବିମାନବନ୍ଦରରୁ ଡିଉ ଅଭିମୁଖେ ଯିବାକୁ ଥିବାବେଳେ ଗୋଟିଏ ଇଞ୍ଜିନ୍‌ରେ ନିଆଁ ଲାଗିଯିବାରୁ ଏହାର ଉଡ଼ାଣକୁ ରଦ୍ଦ କରାଯାଇଛି। ବିମାନରେ ୬୦ ଯାତ୍ରୀ ଥିଲେ। ଉଡ଼ାଣ ପାଇଁ ପାଇଲଟ୍ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ଇଞ୍ଜିନ୍‌ରେ ନିଆଁ ଲାଗିଥିବା ଜଣାପଡ଼ିଯିବାରୁ ସେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ 'ମେଡେ' କଲ୍ ପଠାଇଥିଲେ। ଠିକ୍ ସମୟରେ ନିଆଁ ଚିହ୍ନଟ ହେବାରୁ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ତୁରନ୍ତ ଯାତ୍ରୀମାନଙ୍କୁ ଖାଲି କରାଯାଇଥିଲା। ପୁନର୍ବାର ଉଡ଼ାଣ ପୂର୍ବରୁ ବିମାନର ଆବଶ୍ୟକ ଯାଞ୍ଚ ଓ ମେଣ୍ଟେନାନ୍ସ କରାଯିବ ବୋଲି ଇଣ୍ଡିଗୋ ମୁଖପାତ୍ର କହିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ପରବର୍ତ୍ତୀ ଉଡ଼ାଣ ପର୍ଯ୍ୟନ୍ତ ସେମାନଙ୍କୁ ରହିବା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ କିମ୍ବା ଉଡ଼ାଣ ବାତିଲ ପାଇଁ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।




## ଭୁଲ୍ ମୃତଦେହ ପାଇଥିବା ୨ ବ୍ରିଟିଶ୍ ପରିବାରର ଅଭିଯୋଗ

### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ,୨୩।୭



ଅହମଦାବାଦରେ ଜୁନ୍ ୧୨ରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡିଏନ୍ଏ ମେଳ କରାଯାଇ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ତେବେ ବ୍ରିଟେନ୍‌ର ୨ଟି ପରିବାର ଭୁଲ୍ ମୃତଦେହ ପାଇଥିବା ଅଭିଯୋଗ ଆଣିଛନ୍ତି। ସେମାନଙ୍କୁ ମିଳିଥିବା କ୍ୟାସ୍କେଟ୍‌ରେ ଏକାଧିକ ମୃତଦେହର ଅଂଶବିଶେଷ ରହିଛି, ଯାହାକୁ ଅଲଗା କରାଯିବାର ଥିଲା। ସେମାନେ ନିଜ ପ୍ରିୟଜନଙ୍କ ପରିବର୍ତ୍ତେ କୌଣସି ଅଜଣା ଯାତ୍ରୀଙ୍କ ମୃତଦେହ ପାଇଥିବାରୁ ଶେଷକୃତ୍ୟ ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି। ମୃତ୍ୟୁର କାରଣ ଯାଞ୍ଚ କରୁଥିବା ଡ. ଫିଓନା ଓ୍ୱିଲକକ୍ସ ବ୍ରିଟେନ୍‌କୁ ଫେରିଥିବା ମୃତଦେହର ଡିଏନ୍ଏକୁ ସେମାନଙ୍କ ପରିବାର ସଦସ୍ୟ ଦେଇଥିବା ନମୁନା ସହ ପୁନଃ ଯାଞ୍ଚ କରାଇବାରୁ ତ୍ରୁଟି ପଦାକୁ ଆସିଛି।

ତେବେ ବ୍ରିଟିଶ୍ ଗଣମାଧ୍ୟମରେ ପ୍ରକାଶିତ ଉପରୋକ୍ତ ରିପୋର୍ଟକୁ ଭାରତ ସରକାର ସମାଲୋଚନା କରିଛନ୍ତି। ସମସ୍ତ ମୃତଦେହକୁ ସମ୍ପୂର୍ଣ୍ଣ ପେସାଦାରିତା ଓ ମର୍ଯ୍ୟାଦାର ସହ ପରିଚାଳନା କରାଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ୧୭୧ ବିମାନ ଅହମଦାବାଦ ବିମାନବନ୍ଦରରୁ ଉଡାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୫୩ ଜଣ ବ୍ରିଟିଶ୍ ନାଗରିକ ଥିଲେ। ଦୁର୍ଘଟଣା ସମୟରୁ ଆମେ ବ୍ରିଟିଶ୍ ପକ୍ଷ ସହ ଏକାଠି କାମ କରିଥିଲୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉପଯୁକ୍ତ ପ୍ରୋଟୋକଲ ଏବଂ ବୈଷୟିକ ଆବଶ୍ୟକତା ଅନୁଯାୟୀ ମୃତକମାନଙ୍କୁ ଚିହ୍ନଟ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଯେକୌଣସି ପ୍ରକାର ଉଦ୍‌ବେଗର ସମାଧାନ ପାଇଁ ଆମେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ ଜାରି ରଖିଛୁ ବୋଲି ଜୟସ୍ୱାଲ କହିଛନ୍ତି।

## ଫୁର୍‌ସତ୍



### ଅଭିନୟ ଛାଡ଼ିବେ ପଓ୍ୱନ କଲ୍ୟାଣ

ଅମରାବତୀ

ସାଉଥ୍ ସୁପରଷ୍ଟାର୍ ତଥା ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣଙ୍କ ଫିଲ୍ମ 'ହରିହର ବୀରମଲ୍ଲୁ' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ହରିହର ବୀରମଲ୍ଲୁ'ର ବିଭିନ୍ନ ପ୍ରମୋଶନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ପଓ୍ୱନଙ୍କୁ ଏହିସବୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ବୁଧବାର ଏକ ସାକ୍ଷାତ୍‌କାର ଦେଇ ପଓ୍ୱନ କହିଛନ୍ତି, ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ସମୟ ବାହାର କରି ସେ ୩ଟି ଫିଲ୍ମର ଶୁଟିଂ କରୁଛନ୍ତି। ଏଥିପାଇଁ ତାଙ୍କୁ ବିରୋଧୀ ସମାଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ହେବା ପରେ ସେ କେବଳ 'ହରିହର ବୀରମଲ୍ଲୁ', 'ଉସ୍ତାଦ ଭଗତ ସିଂ', 'ଓଜି' ଫିଲ୍ମର ଶୁଟିଂ କରିଛନ୍ତି। ଏହି ଫିଲ୍ମଗୁଡ଼ିକୁ ସେ ବହୁ ପୂର୍ବରୁ ସାଇନ୍ କରିଥିଲେ ଏବଂ ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଶୁଟିଂ ଶେଷ କରିବାକୁ ଯୋଜନା ରଖିଥିଲେ। ତେବେ ବିଭିନ୍ନ ରାଜନୈତିକ ବାଧ୍ୟବାଧକତା କାରଣରୁ ସେ ନିର୍ବାଚନ ପୂର୍ବରୁ ଉକ୍ତ ୩ ଫିଲ୍ମର ଶୁଟିଂ ଶେଷ କରିପାରି ନ ଥିଲେ। ତେଣୁ ଫିଲ୍ମ ନିର୍ମାତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ସେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ପ୍ରତିଦିନ ୨ ଘଣ୍ଟା ସମୟ ବାହାର କରି ଶୁଟିଂ କରୁଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠାରୁ ସେ କୌଣସି ନୂତନ ଫିଲ୍ମରେ ସାଇନ୍ କରିନାହାନ୍ତି ବୋଲି ପଓ୍ୱନ କହିଛନ୍ତି। ଏବେ ସେ 'ହରିହର ବୀରମଲ୍ଲୁ' ଏବଂ 'ଓଜି'ର ଶୁଟିଂ ଶେଷ କରିସାରିଛନ୍ତି। ଆଉ ୫ ଦିନ ମଧ୍ୟରେ ସେ 'ଉସ୍ତାଦ ଭଗତ ସିଂ' ଫିଲ୍ମର ଶୁଟିଂ ମଧ୍ୟ ଶେଷ କରିବେ। ଏହାପରେ ବୋଧହୁଏ ସେ ଆଉ କୌଣସି ଫିଲ୍ମରେ ଅଭିନେତା ଭାବେ ସାଇନ୍ କରିବେ ନାହିଁ। ଆନ୍ଧ୍ରପ୍ରଦେଶର ଜନସାଧାରଣ ଏବଂ ଜନସେନା ପାର୍ଟିକୁ ସେ ସବୁବେଳେ ତାଙ୍କର ପ୍ରାଥମିକତା ଭାବେ ରଖିବେ ବୋଲି ସେ କହିଛନ୍ତି। ତେବେ ନିଜ ଆର୍ଥିକ ଆବଶ୍ୟକତା ପାଇଁ ସେ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ରହିବେ ଏବଂ ଆଗାମୀ ଦିନରେ ଫିଲ୍ମ ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି ପଓ୍ୱନ କହିଛନ୍ତି।

### ଗୁଜରାଟୀ ଗାୟକଙ୍କ ସ୍କୁଟର ସ୍ମାରକୀ

ମେହସାଣା



ଗୁଜୁରାଟର ମେହସାଣା ଜିଲା ଖେଡାଲୁ ଗ୍ରାମରେ ଲୋକପ୍ରିୟ ଗୁଜରାଟୀ ଗାୟକ ଜିଗ୍ନେଶ କବିରାଜ ତାଙ୍କ ପୁରୁଣା ସ୍କୁଟରର ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଉକ୍ତ ସ୍କୁଟର ସହ ତାଙ୍କ ପରିବାରର କିଛି ଫଟୋକୁ ଶେୟାର କରିଛନ୍ତି। ଏହି ପୋଷ୍ଟରେ କବିରାଜ ତାଙ୍କର ପ୍ରସିଦ୍ଧି ଏବଂ ସଫଳତାର ଯାତ୍ରାରେ ଉକ୍ତ ସ୍କୁଟରର ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। କବିରାଜ କହିଛନ୍ତି, ଏହା ହେଉଛି ତାଙ୍କ ବାପାଙ୍କ ସ୍କୁଟର, ଯାହାକୁ ସେ କେବେ ମଧ୍ୟ ଭୁଲିପାରିବେ ନାହିଁ। ଉକ୍ତ ସ୍କୁଟରରେ ବାପାଙ୍କ ସହ ସେ ଗାଁରୁ ଗାଁ ଯାତ୍ରା କରି ବିଭିନ୍ନ କାର୍ଯ୍ୟକ୍ରମରେ ଗାୟକ ଭାବେ ଅଂଶଗ୍ରହଣ କରୁଥିଲେ ଏବଂ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସମ୍ପ୍ରତି ଏହି ସ୍କୁଟରକୁ ସେ ତାଙ୍କ ଘର ସମ୍ମୁଖରେ ଏକ ସ୍ମାରକୀ ଭାବରେ ସ୍ଥାପନ କରିଥିବା ନେଇ କବିରାଜ ଏହି ଭାବପ୍ରବଣ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଏହି ସ୍କୁଟରଟି ତାଙ୍କ ହୃଦୟର ଖୁବ୍ ନିକଟତର। ଏହା ତାଙ୍କ ଜୀବନର ଏକ ଅଂଶ। ଏହି ସ୍କୁଟର ଯୋଗୁ ସମାଜରେ ସେ ପରିଚୟ ପାଇଛନ୍ତି। ତେଣୁ ଏହାକୁ ସେ କବାଡ଼ିଆଙ୍କୁ ନ ବିକି ନିଜ ସହ ସାଇତି ରଖିଥିଲେ ଏବଂ ଏବେ ପରିବାରର ସହଯୋଗରେ ସେ ଏହାର ସ୍ମାରକୀ ନିର୍ମାଣ କରିଛନ୍ତି। ଏହି ସ୍କୁଟର ତାଙ୍କର ଏବଂ ତାଙ୍କ ପରିବାରର ପ୍ରତିଟି ସଦସ୍ୟଙ୍କ ଜୀବନରେ ଆନନ୍ଦ ଆଣିଦେଇଥିବା ନେଇ ସେ ତାଙ୍କ ପିଲାମାନଙ୍କୁ କହିଛନ୍ତି। ତାଙ୍କ ପିଲାମାନେ ପ୍ରତି ଦୀପାବଳିରେ ଏହି ସ୍କୁଟରର ସ୍ମାରକୀରେ ଦୀପ ଜାଳିବେ ବୋଲି କବିରାଜ କହିଛନ୍ତି। ସେ ନିର୍ମାଣ କରିଥିବା ଏହି ସ୍କୁଟର ସ୍ମାରକୀ କେବଳ ଏକ ଦୁଇଚକିଆ ଯାନର କାହାଣୀ ନୁହେଁ ବରଂ ଏହା ତାଙ୍କ ପରିବାରର କଠିନ ପରିଶ୍ରମ, ସଂଘର୍ଷ ଏବଂ ସ୍ମୃତିର ପରିଚୟ ବୋଲି କବିରାଜ କହିଛନ୍ତି।




# ଘଟଗାଁ ତାରିଣୀ, ଯାଜପୁର ବିରଜା, ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)**

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘଟଗାଁ ତାରିଣୀ ପୀଠ, ଯାଜପୁର ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି, ଘଟଗାଁ ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଘଟଗାଁ ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହ ଆଲୋଚନାକରି ଏସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁର ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ର କ୍ଷେତ୍ର ହେଉଛି ଭାରତବର୍ଷର ଏକ ପ୍ରାଚୀନ ଶୈବପୀଠ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହ ଆଲୋଚନାକରି ଏସବୁ ମନ୍ଦିରଗୁଡ଼ିକର ଉନ୍ନତୀକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଛନ୍ତି।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ।

# ସାନଖେମୁଣ୍ଡି ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

- ଗାଁରେ ପହଞ୍ଚିଲା ଜିଲା ସ୍ୱାସ୍ଥ୍ୟ ଟିମ୍
- ମୃତକଙ୍କ ପରିବାରକୁ ଦିଆଗଲା ଆର୍ଥିକ ସହାୟତା

**ଦିଗପହଣ୍ଡି/ପାଟପୁର, ୨୩।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗାଁରେ ୪ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଝାଡାବାନ୍ତିରେ ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମର ସମ୍ବାରୁ ମଲ୍ଲିକ ଏବଂ କାନ୍ଦରା ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଆଉ ଜଣେ ଆକ୍ରାନ୍ତ ଶୁକୁରୀ ମଲ୍ଲିକ (୫୪)ଙ୍କ ମୃତ୍ୟୁ ଘଟିଛି। ୩ ଜଣଙ୍କ ମୃତ୍ୟୁ ପରେ ଘଟଣାକୁ ଗୁରୁତର ସହ ନେଇ ବୁଧବାର ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଦାମପୁର ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୩ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ଜିଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ରହ୍ମପୁର ଡିପିଏଚଓ ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଏଡିପିଏଚଓ ହରମୋହନ ପଣ୍ଡା, ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ବାହନ ଦାସ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମରେ ପହଞ୍ଚି ଆଉ ୪ ଜଣ ଆକ୍ରାନ୍ତଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଥିଲେ। ଗାଁରେ ଏକ ସପ୍ତାହ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ଟିମ ରହି ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଝାଡାବାନ୍ତି ନିୟନ୍ତ୍ରଣାଧୀନ ରହିଥିବା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମ୍ୟଜଳ ଯୋଗାଣ ପରିମଳ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ଇଂ. ଉପମା ଘଡ଼େଇ ବିଭାଗୀୟ କର୍ମଚାରୀଙ୍କୁ ନେଇ ଦାମପୁର ଗାଁ ନଳକୂଅ ମରାମତି କରିବା ସହ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ପଞ୍ଚାୟତର ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏହାକୁ ଅସ୍ୱୀକାର କରାଯାଇଥିଲା।


ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରାଯାଉଛି।

# ମାଛଚାଷରେ ଓଡ଼ିଶାକୁ ୧ ନମ୍ବର କରିବା ଲକ୍ଷ୍ୟ: ମନ୍ତ୍ରୀ

**ଭୁବନେଶ୍ୱର, ୨୩।୭ (ଅନୁରାଧା ମହାରଣା)**

କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୁଧବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛଚାଷ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସେ କହିଛନ୍ତି। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।


ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଶଙ୍ଖ ଭବନଠାରେ ବୁଧବାର ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ପ୍ରାର୍ଥନା।

# କେନ୍ଦ୍ର ସରକାରଙ୍କ ସହଯୋଗରେ ମହାନଦୀ ବିବାଦର ସମାଧାନ ହୋଇପାରିବ

**ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)**

ଛତିଶଗଡ଼ ସହ ଚାଲିଥିବା ମହାନଦୀ ଜଳ ବିବାଦର ଆପୋସ ସମାଧାନକୁ ନେଇ ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧିପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଫେବୃୟାରୀରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳ ଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ୨ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାପଡ଼ିଛି। ବୈଠକରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ଗାଈଚରାଳି, ମହିଳା ଶ୍ରମିକଙ୍କ ମୃତ୍ୟୁ

**ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୨୩।୭ (ବାବୁଲା ପ୍ରଧାନ/ବିଭୂ ପ୍ରସାଦ ପଟ୍ଟନାୟକ)**

ଗଞ୍ଜାମ ଜିଲା ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବସନ୍ତ ଗୌଡ (୩୮) ଓ ସନ୍ତୋଷିନୀ ବିଶ୍ୱାଳ(୫୦)। ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡା ଗ୍ରାମର ବସନ୍ତ ତାଙ୍କ ଗାଈଗୋଠ ଚରାଇବାକୁ ନେଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସେ ଗଛ ମୂଳେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ବସନ୍ତ ଟଳି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜିଲା ପରିଷଦ ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ ମେଡ଼ିକାଲରେ ପହଞ୍ଚି ସହାୟତା କରିଛନ୍ତି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୃତକଙ୍କ ପରିବାରକୁ କିଭଳି ସହାୟତା ରାଶି ମିଳିପାରିବ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ ମହାର କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଏବଂ ମେଡିକାଲ ରିପୋର୍ଟ ଆସିବା ପରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ।

ସେହିପରି ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଅଲାଡି ଗ୍ରାମର ମହିଳା ଶ୍ରମିକ ସନ୍ତୋଷିନୀ କ୍ଷେତବିଲ କଞ୍ଚାଖାଇ ଗହୀରରେ କାମ କରୁଥିବା ବେଳେ ବଜ୍ରପାତରେ ଶିକାର ହୋଇଥିଲେ। ଅନ୍ୟ ଶ୍ରମିକମାନେ ଗ୍ରାମକୁ ଆସି ଏହା ଜଣାଇଥିଲେ। ଖବରପାଇ ଜଗନ୍ନାଥପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି।

# ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ ରଦ୍ଦ କରିଛନ୍ତି କୁଳାଧିପତି

**କଟକ, ୨୩।୭(କାର୍ତ୍ତିକ ସାହୁ)**

**ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା**

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ

ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତିକୁ କୁଳାଧିପତି ଗତ ୨୨ ତାରିଖରେ ରଦ୍ଦ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏ ନେଇ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ବୁଧବାର ଶୁଣାଣି କରି ରାଜ୍ୟ ସରକାର କୁଳପତି ନିଯୁକ୍ତି ବାବଦରେ ଯେକୌଣସି ନିଷ୍ପତ୍ତି ତଥା ନିଯୁକ୍ତି ଆଇନ୍‌ର ପ୍ରାବଧାନ ଅନୁସାରେ କରିବାକୁ ସ୍ପଷ୍ଟ କରିଛନ୍ତି। ଏଥିସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ହୋଇ ନ ଥିବା ନେଇ ରୁଜୁ ମାମଲାର ଅନ୍ତ ଘଟାଇଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାର ବିବରଣୀ ଅନୁଯାୟୀ, କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ସମାପ୍ତ ହେବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲଜି ବିଭାଗ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ।

# ପଥର ଖଣିରେ ବଜ୍ରପାତ, ୨ ଭାଇ ମୃତ


**ଢେଙ୍କାନାଳ, ୨୩।୭(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ପଞ୍ଚାୟତ ମହୁଲପଡ଼ା ନିକଟରେ ଥିବା ଏକ ପଥର ଖଣିରେ ବୁଧବାର ଅପରାହ୍ନ ସାଢେ ୧ଟା ସମୟରେ ବଜ୍ରପାତ ଘଟି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତ ଦୁଇ ଭାଇ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତ ଅନନ୍ତପୁର ଗ୍ରାମର କମଳାକାନ୍ତ ଦେହୁରୀ (୩୫) ଓ ତାଙ୍କ ସାନଭାଇ ନରେଶ ଦେହୁରୀ (୩୨)। ଗୁରୁତରମାନେ ହେଲେ ଖୁଣ୍ଟୁଣୀ ଥାନା ପାର୍ବତୀପୁର ଗ୍ରାମର ମିଥୁନ କିସ୍କୁ (୨୭) ଓ ଡିବା ଜାରିକା (୪୦)। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ମୃତଦେହ ଗୋବିନ୍ଦପୁର ଫାଣ୍ଡି ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବଜ୍ରପାତରେ ଚାଷୀ ମୃତ

**ଛେଣ୍ଡିପଦା, ୨୩।୭(ଅଜିତ୍ ଧଳ)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁରେ ବୁଧବାର ବଜ୍ରପାତରେ ହରିଜନ ସାହିର ଯାତ୍ରା ନାଏକଙ୍କ ପୁଅ ପଙ୍କଜ ନାଏକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ପଙ୍କଜ ପଞ୍ଚାୟତ ଅଫିସ ପଛପାଖରେ ଥିବା ଭୋଗବେରେଣୀ ବିଲରୁ ପାଣି ବାନ୍ଧି ଘରକୁ ଫେରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ମୁଣ୍ଡର ଚୁଟି ଓ ବେକ ପୋଡିଯିବା ସହ ସେ ଘଟଣାସ୍ଥଳରେ ବେହୋସ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଚଳାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ ଅବସରରେ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ୨ ବିଜ୍ଞାନ ବହି ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ ପରିସର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ର ତୃତୀୟ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କଟକ ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ପଥପ୍ରାନ୍ତ ପ୍ରତିବାଦ ସଭା, ସ୍ଥାନ: ଚଣ୍ଡୀଛକ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର,ସ୍ଥାନ:ମହିଳା ମହାବିଦ୍ୟାଳୟ, ଭୋଗରାଇ,ସମୟ:ସକାଳ ୯ଟା।
- ସୌମ୍ୟାଶ୍ରୀଙ୍କ ସ୍ମୃତିଚାରଣ,ସ୍ଥାନ:ହେରମ୍ବ ଚନ୍ଦ୍ର ଏକାଡ଼େମୀ ସମ୍ମୁଖ ଖେଳପଡ଼ିଆ, ଭୋଗରାଇ,ସମୟ:ପୂର୍ବାହ୍ନ ୧୦ଟା।
- ସୌମ୍ୟାଶ୍ରୀ ବିଶିଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ:ସୁବର୍ଣ୍ଣରେଖା ମହାବିଦ୍ୟାଳୟ ସମ୍ମୁଖ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବରିଷ୍ଠ ନାଗରିକଙ୍କ ସ୍ମୃତିସଭା, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା

## ମୟୂରଭଞ୍ଜ

- ସେଭ୍ ଆର୍ଥ ମିଶନ ତରଫରୁ ଚାରାରୋପଣ, ସ୍ଥାନ: ଅସ୍ତିଆ କେନାଲ, ବାରିପଦା, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଏନ୍‌ବିସି କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, କେନ୍ଦୁପଦର, ଆସିକା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ ସଭାଗୃହ ପରିସର, ସମୟ : ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା

ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନମତରା, ରାଜକନିକା, ସମୟ: ସକାଳ ୯ଟା।

## ନୟାଗଡ଼

- ଚିତାଲାଗି ପର୍ବ , ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ:ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା, ସମୟ: ସକାଳ ୯ଟା ୩୦।

## କୋରାପୁଟ

- ନୂତନ ଛାତ୍ରୀ, ଛାତ୍ରଙ୍କୁ ସ୍ୱାଗତ, ସ୍ଥାନ: ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖରିଫ ୨୦୨୫ ଚାଷ ନେଇ ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ : ଅପରାହ୍ନ ୩ ଟା।
- ଭାରତମାଳା ଜମି ଅଧିଗ୍ରହଣ ମାମଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : କାଲ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଦିନରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ବୈଠକ, ସମୟ : ସକାଳ ୯ଟା ୩୦।

## ରାଉରକେଲା

- ଶିବ ଚର୍ଚ୍ଚା, ସ୍ଥାନ: ସେକ୍ଟର-୬ ତାରାତାରିଣୀ ପଲ୍ଲୀ, ସମୟ: ସକାଳ ୮ଟା।
- ଦକ୍ଷିଣ-ପୂର୍ବ ରେଳବାଇ ଜିଏମ୍‌ଙ୍କ ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଆଇସିଡିଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ସାଢେ ୧୨ଟା।

## ବୌଦ୍ଧ

- ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଅଷ୍ଟମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଜିଲା କୃଷକ ସଙ୍ଗଠନର ସାଧାରଣ ବୈଠକ, ସ୍ଥାନ:ସୋନପୁର ବାଲାଜୀ ମନ୍ଦିର ପ୍ରାଙ୍ଗଣ, ସମୟ:ଅପରାହ୍ନ ୩ଟା ୩୦।

## ନୂଆପଡ଼ା

- ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଚତୁର୍ଥ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ସୁସ୍ଥତାକୁ ପ୍ରାଥମିକତା

## ଜାତୀୟ ରିଫ୍ରେଶମେଣ୍ଟ ଦିବସ



ଜୁଲାଇ ମାସର ଚତୁର୍ଥ ଗୁରୁବାରରେ ପାଳିତ ହୋଇଆସୁଛି ଜାତୀୟ ରିଫ୍ରେଶମେଣ୍ଟ ଦିବସ। ଏହି ଦିବସଟି କାମକୁ ଫେରିବା ପୂର୍ବରୁ ଆରାମ, ନୂଆ ଉତ୍ସାହ ଭରିବା ପାଇଁ ଥଣ୍ଡା ପାନୀୟ ଉପଭୋଗର ମୁହୂର୍ତ୍ତକୁ ସ୍ମରଣ କରିଥାଏ। ୨୦୧୫ରୁ ଏହି ଦିବସର ପାଳନ ଆରମ୍ଭ ହୋଇଛି। ଟ୍ରାଭେଲର୍ ବିୟର କମ୍ପାନୀ ଲୋକମାନଙ୍କୁ ଥଣ୍ଡା ପାନୀୟ ଉପଭୋଗ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ଆରମ୍ଭ କରିଥିଲା। ଏବେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଉଛି। ବର୍ଷର ଏହି ସମୟରେ ଉତ୍ତର ଗୋଲାର୍ଦ୍ଧରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗେ। ତେଣୁ ଉକ୍ତ ସ୍ଥାନରେ ପାରିବେଶିକ ଅବସ୍ଥାରୁ ଶରୀରକୁ ଚାପମୁକ୍ତ କରିବା ଅର୍ଥାତ୍ ରିଫ୍ରେଶମେଣ୍ଟ ପାଇଁ ପାନୀୟ ଆବଶ୍ୟକ ହୋଇଯାଏ। ଆମ ଦେଶରେ ଉକ୍ତ ଦିବସ ଅବସରରେ କେବଳ ପାନୀୟ ନୁହେଁ ଜୀବନରେ ନୂଆ ଉତ୍ସାହ ଭରିବା ତଥା ବ୍ୟକ୍ତିଗତ ସୁସ୍ଥତାକୁ ଗୁରୁତ୍ୱ ଦିଆଯାଇଥାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସକାଳ ଗାଧୁଆ ପଖାଳ ଖିଆ**
**ଦେହରେ ଯେବେ ଯାଏ,**
**ବଡ଼ ସୁବିଧା ଦୋକାନ କାଳି**
**ମାଗିଲେ ଯେବେ ଦିଏ,**
**ବଡ଼ ମଉଜ ପର ପୀରତି**
**ଭୀତି ଯେବେ ନ ଥାଏ।**

ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ଓ ପଖାଳ ଖାଇବାରେ କିଛି ଅସୁବିଧା ରହି ନ ଥାଏ। ଅର୍ଥ ନ ଥିଲେ ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର ଆପତ୍ତି ଅଭିଯୋଗ ନଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ। ସେହିପରି ଚୋରା ପୀରତିରେ ଯଦି ଅସୁବିଧା ନଥାଏ କି ଡର ଭୟ ନ ଥାଏ ତେବେ ଏହାଠାରୁ ବଳି ଖୁସି ଓ ଆନନ୍ଦର ବିଷୟ ଆଉ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସାରୁ ଶୁଖୁଆ ପୋଇନାଟି**
**ତାକୁ ରାନ୍ଧିବ ଘାଣ୍ଟିଘୁଣ୍ଟି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ସାରୁ, ପୋଇନାଟି ସଙ୍ଗେ ଶୁଖୁଆର ମିଶ୍ରଣ ବେଶ୍ ରୁଚିକର ରାନ୍ଧଣା ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୁପ୍ରିମକୋର୍ଟରୁ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସମ୍ପୂର୍ଣ୍ଣ ଜାମିନ

**ମାଲକାନଗିରି, ୨୩।୭(ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ସମ୍ପୂର୍ଣ୍ଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ଜାମିନ ମଞ୍ଜୁର ହୋଇଛି ।

ପ୍ରକାଶଯେ, ୨୦୧୯ ଡିସେମ୍ବର ୨୬ରେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ବନଜା ପଣ୍ଡା ପୂର୍ବତନ ଜିଲାପାଳ ମନୀଷଙ୍କ ସହ ଅନ୍ୟ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏଥିରେ ଦେବ ନାରାୟଣ ଆତ୍ମହତ୍ୟା କରିନାହାନ୍ତି ବରଂ ଏହି ୪ ଜଣ ହତ୍ୟା କରିଥିବା ଅଭିଯୋଗକରି ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲା ମାଲକାନଗିରି ଥାନାଠାରୁ ଆରମ୍ଭକରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିବା ବେଳେ ୧ ମାସ ପୂର୍ବେ ଅଗ୍ରୱାଲଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆଂଶିକ ଜାମିନ ପ୍ରଦାନ କରିଥିଲେ। ଏ ସମ୍ବନ୍ଧରେ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏହାକୁ ବିଚାରକୁ ନେଇ ଅଗ୍ରୱାଲଙ୍କ ସହ ଅନ୍ୟ ୩ ଜଣଙ୍କୁ ସମ୍ପୂର୍ଣ୍ଣ ଜାମିନ ମିଳିଛି। ଏହି ମାମଲାର ଶୁଣାଣି ସମୟରେ ସମସ୍ତେ କୋର୍ଟରେ ହାଜର ହେବା ସହ ସମସ୍ତ ନିୟମ ପାଳନ କରି ରହିବା ପାଇଁ ସର୍ତ୍ତ ରଖି ଜାମିନ ମଞ୍ଜୁର କରାଯାଇଛି।

# ସ୍ୱାମୀଙ୍କୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଲେ ସ୍ତ୍ରୀ

**ନୂଆଦିଲ୍ଲୀ, ୨୩।୭**

ଯୌନ ସନ୍ତୁଷ୍ଟୀ ଦେଇପାରୁ ନ ଥିବାରୁ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି ସ୍ତ୍ରୀ। ଦିଲ୍ଲୀ ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ନରେ ସ୍ଥାନୀୟ ହସ୍ପିଟାଲରୁ ନିହାଲବିହାର ଥାନାକୁ ଏକ ଫୋନ୍ କଲ୍ ଆସିଥିଲା। ଏଥିରେ କୁହାଯାଇଥିଲା, ମହମ୍ମଦ ଶହିଦଙ୍କ ଛାତିରେ ୩ ଥର ଛୁରି ଭୁସାଯାଇଥିବାବେଳେ ସ୍ତ୍ରୀ ତାଙ୍କୁ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚିବା ମାତ୍ରେ ଡାକ୍ତର ମହମ୍ମଦଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ପଚରାଉଚରା କରିବାରୁ ମହମ୍ମଦ ନିଜ ଛାତିକୁ ଛୁରି ଭୁସି ଆତ୍ମହତ୍ୟା କରିଥିବା ସ୍ତ୍ରୀ କହିଥିଲେ। ନିଜକୁ ଛୁରି ଭୁସିଲେ ଏତେ ଗଭୀର କ୍ଷତ ହେବ ନାହିଁ। ସମ୍ମୁଖ ଭାଗରୁ କେହି ଆକ୍ରମଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଉକ୍ତ ରିପୋର୍ଟ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କୁ ଜେରା ଏବଂ ତାଙ୍କ ଫୋନ୍‌ର ଫୋରେନ୍‌ସିକ ଯାଞ୍ଚରୁ ସେ ଚାଟ୍ ହିଷ୍ଟ୍ରି ଡିଲିଟିଂ, ଆଲୁମିନିୟମ୍ ଫସ୍‌ଫାଇଡ୍ ଭଳି ବିଷାକ୍ତ ସାମଗ୍ରୀ ଇଣ୍ଟରନେଟ୍‌ରୁ ଖୋଜିଥିବା ଜଣାପଡ଼ିଥିଲା। ଏନେଇ ପଚରା ଉଚରା କରାଯିବାରୁ ମହିଳା ଜଣକ ଅପରାଧ ମାନିଛନ୍ତି। ସେ ମହମ୍ମଦଙ୍କ ଛାତିକୁ ୩ ଥର ଛୁରି ଭୁସିବା ପରେ ହସ୍ପିଟାଲ ନେଇ ପୋଲିସକୁ ବିଭ୍ରାନ୍ତ କରିବାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ ବୋଲି କହିଛନ୍ତି। ମହିଳା ଜଣକ କାହା ସହ ଚାଟିଂ କରୁଥିଲେ ପୋଲିସ ଏବେ ତାହାର ତଦନ୍ତ ଚଳାଇଛି।

# ବେଆଇନ ଖଣି ଭୁଶୁଡ଼ିଲା: ୧୧ ଶ୍ରମିକ ଫସିଛନ୍ତି

**ରାଞ୍ଚି, ୨୩।୭**

ଝାଡ଼ଖଣ୍ଡର ଧାନବାଦ ଜିଲା ଅନ୍ତର୍ଗତ ଜାମୁନିଆ ନଦୀ ନିକଟରେ ଏକ ବେଆଇନ କୋଇଲା ଖଣି ଭୁଶୁଡ଼ିବାରୁ ୧୧ ଶ୍ରମିକ ଫସିରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଖଣିଟି ପ୍ରଚଣ୍ଡ ଶବ୍ଦ କରି ଧସିବା ବେଳେ ଏହା ଭିତରେ ୧୫ ଜଣ ଶ୍ରମିକ ଥିଲେ। ବେଆଇନ ଉତ୍ତୋଳନ ସ୍ଥଳରେ ଦୁର୍ବଳ ପିଲର ଯୋଗୁ ଖଣି ଭୁଶୁଡ଼ିଥିବା ବିଶ୍ୱାସ କରାଯାଉଛି। ଖନନକାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଥିବାବେଳେ ଏପର୍ଯ୍ୟନ୍ତ କେତେଜଣ ଉଦ୍ଧାର ହେଲେଣି ସରକାରୀ ଭାବେ କିଛି କୁହାଯାଇ ନାହିଁ। ସ୍ଥାନୀୟ ଖଣି ମାଫିଆ ଏହି ବେଆଇନ ଖଣି ଖନନ ଚଳାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟର ସବୁ ...

ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ପିଲାଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହାକୁ ଅନୁସରଣ କରି ଆମ ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା କରାଯାଉଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍କୁଲ କ୍ୟାମ୍ପସ୍‌ରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ଆଗାମୀ ଦିନରେ ସ୍କୁଲ ଏବଂ ଶ୍ରେଣୀଗୃହରେ ସିସିଟିଭି କ୍ୟାମେରା ଲଗାଯିବ। ବିଭାଗ ପକ୍ଷରୁ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଉଛି। ଏଥିସହ ରାଜ୍ୟ ସରକାର ଯୌନ ନିର୍ଯାତନା ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ, ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗ-ଭିତ୍ତିକ ବୈଷମ୍ୟ ମାମଲାଗୁଡ଼ିକର ସମାଧାନ ପାଇଁ ସମସ୍ତ ସ୍କୁଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଯିବାକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରାଯାଇଛି। ଉକ୍ତ କମିଟିର ସଦସ୍ୟମାନଙ୍କୁ ତାଲିମ ଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି, ଯଦ୍ୱାରା ସେମାନେ ଛାତ୍ରୀଛାତ୍ରଙ୍କ ଅଭିଯୋଗର ସମାଧାନ କରିବାରେ ପ୍ରଭାବଶାଳୀ ଓ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଏବଂ ସଶକ୍ତୀକରଣକୁ ପ୍ରାଥମିକତା ଦିଆଯାଇଛି। ଯେକୌଣସି ସମୟରେ ସହଜ ଉପାୟ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ସେମାନଙ୍କ ଅଭିଯୋଗ ଦାଖଲ ହେବା ମାତ୍ରେ ଏହାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ବିଜେଡିକୁ ଅଙ୍କଲରେ....

ମହଲରେ ବିବେଚନା କରାଯାଉଛି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ସ୍ୱତଃପ୍ରବୃତ୍ତ ଭାବେ ଓଡ଼ିଶାର ଜନସାଧାରଣ ଯେଭଳି ଶାନ୍ତିପୂର୍ଣ୍ଣ ବନ୍ଦକୁ ସଫଳ କଲେ ଏହା ଜଣାଇଦେଉଛି ଯେ, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଟ୍ରମ୍ପଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାହୁସ୍ଫୋଟ ମାରୁଥିଲେ, ତାଙ୍କ ସରକାର ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ତାଙ୍କ ମାର୍ଗଦର୍ଶିକାରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଆସନ୍ତା ବିଧାନସଭା ଅଧିବେଶନରେ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ କଂଗ୍ରେସ ଜୋରଦାର ବିରୋଧ କରିବ। ଯଦି ବିଜେଡି ନାରୀ ପ୍ରସଙ୍ଗରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ, ତେବେ ଆମେ ଅନାସ୍ଥା ଆଣିବୁ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାରେ ନାରୀ ନିର୍ଯାତନାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ହେଲେ ରାଜ୍ୟ ସରକାର ଅପରାଧୀଙ୍କୁ ଖୋଜି ପାଉନାହାନ୍ତି। ବିଜେଡି ଓ ଭାଜପା ଭିତରେ ସଲାସୁତୁରା ରହିଛି। ଯଦି ବାସ୍ତବରେ ବିଜେଡି ନାରୀଙ୍କୁ ନ୍ୟାୟ ଦେବାକୁ ଚାହୁଁଛି, ତେବେ ଅନାସ୍ଥା ଆଣୁ, କଂଗ୍ରେସ ସମର୍ଥନ ଦେବ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ମହିଳା, ଛାତ୍ରୀ, ଶିଶୁଙ୍କ ସୁରକ୍ଷା ପ୍ରସଙ୍ଗରେ ସାରା ଭାରତରେ ଓଡ଼ିଶାର ମୁଣ୍ଡ ତଳକୁ ହୋଇଗଲାଣି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଲଜ୍ଜାଜନକ ବୋଲି କହିଛନ୍ତି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ଆମେରିକା ସରକାର ମାର୍ଗଦର୍ଶିକା ଜାରି କରି ଓଡ଼ିଶାକୁ କେହି ନ ଯିବା ଲାଗି ତାଙ୍କ ଦେଶର ମହିଳାମାନଙ୍କୁ ପରାମର୍ଶନାମା ଜାରି କରିଛନ୍ତି। କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏ ସରକାର ଓଡ଼ିଶାକୁ ବଦନାମ୍ କରିସାରିଲେଣି। ସାରା ଓଡ଼ିଶାରେ ଅନାସ୍ଥା ଭାବ ପ୍ରକାଶ ପାଇଛି। ବିଧାନସଭା ସେମାନେ ଡକାଇବା ପରେ ବିଭିନ୍ନ ଫର୍ମାଟରେ ବିରୋଧ କରାଯିବ। ମୁଲତବୀ ପ୍ରସ୍ତାବ ଆଣି କି ହେଉ ବା ୨ ଘଣ୍ଟିଆ ମୋଶନ ଆଲୋଚନା ଜରିଆରେ କିମ୍ବା ଅନାସ୍ଥା ପ୍ରସ୍ତାବ ଜରିଆରେ ଆମେ ସରକାରଙ୍କୁ ବିରୋଧ କରିବୁ ବୋଲି ଅରୁଣ କହିଛନ୍ତି।

ପଶ୍ଚିମ ଓଡ଼ିଶାର ଜଣେ ବିଜେଡି ବିଧାୟକ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଭକ୍ତ ବଢ଼ିଆ ଜାଲ ଫିଙ୍ଗିଲେ। କାରଣ ସେ ଟୁଇଟ୍ ନୁହେଁ, ବାସ୍ତବ ରାଜନୀତି କରୁଛନ୍ତି। ନବୀନବାବୁ ସବୁ କଥାରେ ଖାଲି ଟୁଇଟ୍ କରିଦେଉଛନ୍ତି। ଟୁଇଟ୍‌ରେ କ'ଣ ରାଜନୀତି ହୁଏ। ବିଜେଡିକୁ ଧରା ପକାଇବାକୁ ଇଏ ଭକ୍ତଙ୍କ ଗୋଟେ ବଢ଼ିଆ ଗେମ୍। ଅନାସ୍ଥା ପ୍ରସ୍ତାବ ଆସିଲେ ସରକାରର କିଛି କ୍ଷତି ହେବନାହିଁ। ହେଲେ ଭାଜପା ସହିତ ବିଜେଡି ଯେଉଁ ମଧୁର ପ୍ରୀତି ରଖିଛି ସେକଥା ଧରାପଡ଼ିଯିବ। ୱକଫ୍ ବିଲ୍ କ୍ଷେତ୍ରରେ ଯାହା ହେଲା ସେଇଆ ହିଁ ହେବ। କଂଗ୍ରେସର ଆହ୍ୱାନ ଯଦି ବିଜେଡି ମାନିନେବ, ସେମାନେ ରାଜନୈତିକ ଦୃଷ୍ଟିରୁ ଆଗରେ ରହିବେ। ବିଜେଡି ଯଦି କଂଗ୍ରେସ ପ୍ରସ୍ତାବକୁ ଅଣଦେଖା କରେ, ତେବେ ମଧ୍ୟ ସେମାନେ ଆଗରେ ରହିବେ। କାରଣ ଦିଲ୍ଲୀ ଭାଜପା ନେତାଙ୍କ ସହ ବିଜେଡିର ସମ୍ପର୍କ ବିଷୟରେ ସମସ୍ତେ ଜାଣନ୍ତି। ଓଡ଼ିଶା ବନ୍ଦ ଡାକରା ଦେଇ ଭକ୍ତ ରାଜନୈତିକ ଦୃଷ୍ଟିରୁ ଭଲ ଗୋଟିଚାଳନା କରିଥିଲେ ବୋଲି ସେ କହିଛନ୍ତି। ବରିଷ୍ଠ ବିଧାୟକ ବଦ୍ରିନାରାୟଣ ପାତ୍ର କହିଛନ୍ତି, ଅନାସ୍ଥା ପ୍ରସଙ୍ଗରେ ଦଳ ଯାହା ନିଷ୍ପତ୍ତି ନେବ। ବିଧାନସଭା କଥାରେ ସଭାପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ। କଂଗ୍ରେସ ଅନାସ୍ଥା ଆଣିଲେ ଆମ ଦଳ ସମର୍ଥନ କରିବ ବୋଲି ମନେହେଉନାହିଁ। ଆମ ଦଳ ଅନାସ୍ଥା ପ୍ରସ୍ତାବ ଆଣିପାରେ, ସେକଥା ସର୍ବସମ୍ମତି ପରେ ଜଣାପଡ଼ିବ।

### କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି: ଆଇନ ମନ୍ତ୍ରୀ

କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆହ୍ୱାନକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜଳ ବିନା ଯେଭଳି ମାଛର ଅବସ୍ଥା, ଠିକ୍ ସେହିପରି କଂଗ୍ରେସ ଛଟପଟ ହେଉଛି। ଦୀର୍ଘଦିନ ଧରି କ୍ଷମତା ଅଳନ୍ଦିରୁ କଂଗ୍ରେସ ଦୂରରେ ଥିବାରୁ ଏବେ ଦିବାସ୍ୱପ୍ନ ଦେଖିବା ଆରମ୍ଭ କରିଦେଇଛି। ଯେଉଁ କଥାର କିଛି ମୂଲ୍ୟ ନାହିଁ, ସେଭଳି ଅବାସ୍ତବ କଥା କହି ଚର୍ଚ୍ଚାରେ ରହିବାକୁ କଂଗ୍ରେସ ଚାହୁଁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପ୍ରିୟବନ୍ଧୁଙ୍କ ହସ୍ତକ୍ଷେପ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ପାରିବେଶିକ ପରିସ୍ଥିତି ଓ ଦୁଷ୍ଟ ମାନସିକତା ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁମିଳନ ଓ ପ୍ରତ୍ୟୁଷ ଯାତ୍ରା ମନକୁ ପ୍ରଭାବିତ କରିବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସଫଳତାର ଆଶା ରହିଛି।

**ବୃଷ** – କର୍ମକ୍ଷେତ୍ରରେ ଆଲୋଚନାନୁଯାୟୀ ସହମତିରେ କାର୍ଯ୍ୟସାଧନ କରିପାରିବା କଷ୍ଟକର ହୋଇପାରେ। ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପାରିବାରିକ ସମସ୍ୟା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସୂଚନା ରହିଛି।

**ମିଥୁନ** – ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ଧାରକରଜ କିମ୍ବା ବ୍ୟାଙ୍କଲୋନ୍ ମାଧ୍ୟମରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଔଷଧ କ୍ରୟ, ଡାକ୍ତର ଫି' କିମ୍ବା ଶାରୀରିକ ପରୀକ୍ଷାଜନିତ ବ୍ୟୟ ମଧ୍ୟ କରିପାରନ୍ତି। ସାଧାରଣ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ ଅପପ୍ରଚାର ଚଳାଇପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ମକଦ୍ଦମାରେ ସ୍ଥିତି ଅନୁକୂଳ ହେବ।

**କର୍କଟ** – ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି ବନ୍ଧୁଙ୍କୁ ଅର୍ଥସାହାଯ୍ୟ ପ୍ରଦାନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ମନ ସାମୟିକ ବିଚଳିତ ରହିପାରେ।

**ସିଂହ** – ପରିବାରର ସମ୍ମତିକ୍ରମେ ପୁରୁଣା ଘର, ଯାବାହନ କ୍ରୟବିକ୍ରୟ ପାଇଁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** – ଆଜିର ଗ୍ରହସ୍ଥିତି ଆପଣଙ୍କୁ ପାରିବାରିକ ସୁଖସମ୍ମାନ ଏବଂ କର୍ମକ୍ଷେତ୍ରରେ ଗୌରବ ପ୍ରଦାନ କରିବ। ସାମାଜିକ, ପରିବହନ, ଲୋକସମ୍ପର୍କ ଦିଗ ପ୍ରତି ଗ୍ରହସ୍ଥିତି ପ୍ରତିକୂଳ ରହିବ। ଏଜେନ୍ସିପ୍,ସାମ୍ବାଦିକତା, ଶିକ୍ଷା, ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରୁ ସୁଫଳ ପାଇବେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା** – ସମସ୍ୟା ରହିଥିଲେ ମଧ୍ୟ କାର୍ଯ୍ୟହାସଲ ସକାଶେ ଚେଷ୍ଟା ଅବ୍ୟାହତ ରହିବ। ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ଦୂରଯାତ୍ରା, ଆନୁଷ୍ଠାନିକ କାମ ଏବଂ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ବିଛା** – ବିଚାରବିହୀନ କାମ କରିବା ଦ୍ୱାରା ଧନହାନି ଓ ସମସ୍ୟା ଆସିପାରେ। ତଥାପି ଆପଣଙ୍କର କୌଣସି କାମ ଅଟକି ରହିବାର ସୂଚନା ନାହିଁ କହିଲେ ଚଳେ। ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରଭୃତିରୁ ସଫଳତା ନିଶ୍ଚିତ ମିଳିବ। ଖଳ ପ୍ରକୃତିର ବନ୍ଧୁଙ୍କ ଦ୍ୱାରା କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** – ସମସ୍ୟା ଭିତରେ ମାନସିକ ଦୁଶ୍ଚିନ୍ତା ବଢିଚାଲିଥିଲେ ମଧ୍ୟ କର୍ମକ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଲୋଚନାରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ତଥାପି ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ।

**ମକର** – ପାରିବାରିକ କ୍ଷେତ୍ରରେ ଅସୁବିଧା ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ଆଜି କୌଣସି କାମ ଅଟକିବ ନାହିଁ ମାତ୍ର ସବୁ କାମରେ ଟେନ୍ସନ ରହିବ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** – ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ପରିଜନଙ୍କ ସହ ଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ମଧ୍ୟସ୍ଥତା ପୂର୍ବକ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନାଦି କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ।

**ମୀନ** – ନିଜ ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟହାସଲ କରିବେ। ସାମାଜିକ ସମ୍ମାନ ସହ ଅଭିଳଷିତ ଜିନିଷ ପ୍ରାପ୍ତି ମନକୁ ଖୁସି କରାଇଦେବ। ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନ୍‌ସନ୍ କମିଯିବ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ଆଶଙ୍କା ରହିଛି।

ଆଜି ଜୁଲାଇ ୨୪ ତାରିଖ, ଆୟକର ଦିବସ, ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ଚିତ୍ରକପର୍ବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ଚିତାଲାଗି, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ.୧୦.୫୯ ମି. ଗତେ କର୍କଟଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୩ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ ।

# ବୋଲବମ୍ ହେଉ, ପ୍ରଦୂଷଣ ନ ହେଉ

ଶ୍ରାବଣ ମାସ ଅବସରରେ ଏବେ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରୁଛନ୍ତି। ଦିନକୁ ଦିନ କାଉଡ଼ିଆଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ସାରା ରାଜ୍ୟର ବିଭିନ୍ନ ରାସ୍ତାରେ ଏମାନଙ୍କ ଲମ୍ୱା ଧାଡ଼ି ଦେଖିବାକୁ ମିଳୁଛି। ଜଳ ଅଣାଯାଉଥିବା ନଦୀଘାଟ, ଶୈବପୀଠ ନିକଟ ତଥା ରାସ୍ତା କଡ଼ରେ କାଉଡ଼ିଆ, ଏମାନଙ୍କୁ ସେବା ଯୋଗାଉଥିବା ତଥା ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ଯୋଗୁ ସୃଷ୍ଟ ଆବର୍ଜନା ପ୍ରଦୂଷଣ ବଢାଉଥିବା ନେଇ କେତେକେ ପ୍ରଶ୍ନ ଉଠାଉଛନ୍ତି। ବୋଲ୍‌ବମ୍ ହେଉ, କିନ୍ତୁ ପରିବେଶର ସୁରକ୍ଷା ହେଉ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।



କଟକ ଗଡ଼ଗଡ଼ିଆ ଘାଟରୁ ଜଳ ଉଠାଇବା ପରେ ଗତ ମଙ୍ଗଳବାର ପଡ଼ିରହିଥିବା ଆବର୍ଜନା।

## ପଲିଥିନ୍‌ର ବିକଳ୍ପ ବ୍ୟବସ୍ଥା ହେଉ



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଦେଇ ପ୍ରବାହିତ ବୈତରଣୀ ନଦୀ ପରମେଶ୍ୱର ମନ୍ଦିର ସଂଲଗ୍ନ ଅନସୂୟା ଘାଟରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ରାଜ୍ୟରୁ କାଉଡ଼ିଆମାନେ ଆସି ପାଣି ଉଠାଉଛନ୍ତି। ତେଣୁ ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପାଣି ଉଠାଇବା ପରେ ଘାଟ ନିକଟରେ ପଲିଥିନ୍ ଓ ଅନ୍ୟାନ୍ୟ ବର୍ଜ୍ୟ ପଡ଼ି ରହୁଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସାଙ୍ଗକୁ ପଲିଥିନ୍ ଭାସୁଥିବାରୁ ନଦୀଜଳ ମଧ ଦୂଷିତ ହେଉଛି। ସରକାର ପଲିଥିନ୍‌କୁ କଡ଼ାକଡ଼ି ଭାବେ ବେଆଇନ କରିବା ସହ ଏହାର ବିକଳ୍ପ ଉପରେ ଗୁରୁତ୍ୱ ଦେବା ଦରକାର। ଆଉ ଏହାକୁ ନେଇ ସାଧାରଣ ଜନତା ମଧ ସଚେତନ ହେବା ଆବଶ୍ୟକ।

- କମଳାକାନ୍ତ ପତି, ସମ୍ପାଦକ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ, ପାଟଣା, କେନ୍ଦୁଝର

## ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉ



ମନସ୍କାମନା ପୂରଣ ପାଇଁ କାଉଡ଼ିଆ ଭକ୍ତ ସାଥିରେ ପ୍ଲାଷ୍ଟିକ କଳସ, ପଲିଥିନ୍ ଜରିରେ ଭୋଗ ଓ ଅନ୍ୟାନ ନିଶାଦ୍ରବ୍ୟ ସାଥିରେ ନେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ସଫେଇ ବେଳେ ଏହା ସମସ୍ତଙ୍କ ସାମ୍ନାକୁ ଆସିଥାଏ। ଏଣୁ ମନ୍ଦିର ପ୍ରଶାସନ ପକ୍ଷରୁ ଭିତରକୁ ଯିବା ପୂର୍ବରୁ ଭକ୍ତଙ୍କଠାରୁ ଶୁଳ୍କ ଆଦାୟ କରିବା ଅପେକ୍ଷା ଅଦରକାରୀ ବସ୍ତୁ ଯେପରି ନନେଇ ଯାଇପାରିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

- ସୁଚିତ୍ରା ମଲ୍ଲ, ଶିକ୍ଷୟିତ୍ରୀ, ଖଣ୍ଡଗିରି, ଭୁବନେଶ୍ୱର

## ନଦୀକୂଳ, ମନ୍ଦିର ପରିସର ସଫା ରହୁ



ଶ୍ରାବଣ ଧର୍ମର ମାସ। ଏହି ମାସରେ ଶିବଙ୍କ ଜଳାଭିଷେକ କରିବା ବିଧି ରହିଛି। କାଉଡ଼ିଆମାନେ ନଦୀରୁ ପାଣି ଉଠାଇବାଠାରୁ ଆରମ୍ଭ କରି ମନ୍ଦିର ପହଞ୍ଚିବା ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରତି ଧ୍ୟାନ ଦେବା ଦରକାର। ମନ୍ଦିରରେ ପାଣି ଢାଳିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଳସ ରଖିବା ଉଚିତ। ସେହିପରି ନଦୀରୁ ପାଣି ଉଠାଇବା ପରେ ପୂଜା ସାମଗ୍ରୀ ଆଦି ଗୋଟିଏ ସ୍ଥାନରେ ରଖିବା ଉଚିତ। ସେହିଭଳି ରାସ୍ତାରେ ଯିବା ବେଳେ ଯେଉଁଠି ରହୁଛନ୍ତି ସେହି ସ୍ଥାନକୁ ବି ଅପରିଷ୍କାର ନ କରିବା ଉଚିତ।

- ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର

## ରାସ୍ତାରେ ଡିଜେ ଗ୍ରହଣୀୟ ନୁହେଁ



ମହାଦେବ ଶିବ ହେଲେ ଶାନ୍ତିପ୍ରିୟ। କିନ୍ତୁ ଶ୍ରାବଣ ମାସରେ କାଉଡିଆମାନେ ନଦୀରୁ ପାଣି ଉଠାଇ ଜଳାଭିଷେକ ପାଇଁ ଗଲାବେଳେ ରାସ୍ତାରେ ସେମାନଙ୍କ ଗାଡ଼ି ଡିଜେ ବଜାଇ ଯାଉଛି। କାଉଡିଆଙ୍କୁ ଯେଭଳି ଉଗ୍ର ଆଧୁନିକତା ଛୁଇଁଛି ସେଭଳି ମନେହୁଏ। ରାସ୍ତାରେ କର୍କଶ ଡିଜେ ଶବ୍ଦରେ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ନଦୀନାଳ ପୁଷ୍କରିଣୀରେ ଗୋଷ୍ଠୀ ସ୍ନାନ କରିବାବେଳେ ପୋଖରୀ ତଥା ପରିବେଶ ଦୂଷିତ ହେଉଛି। ସେଥିପ୍ରତି ସଚେତନ ରହିବା ଜରୁରୀ।

- ସାଗର ରଞ୍ଜନ ତ୍ରିପାଠୀ, ଆୟୁର୍ବେଦିକ ଡାକ୍ତର, ବ୍ରହ୍ମପୁର

## ବୋଲ୍‌ବମ୍‌ରେ ଡିଜେ ସଂସ୍କୃତିକୁ ରୋକାଯାଉ



ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଜଳଲାଗି କରୁଛନ୍ତି। ଏଥିପାଇଁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତିବର୍ଷ ବଢୁଛି। ମନ୍ଦିର କର୍ତ୍ତୃପକ୍ଷ ଜଳଲାଗି ପାଇଁ ଅର୍ଥ ନେଉଛନ୍ତି। ତେବେ ସେହି ତୁଳନାରେ ପ୍ରଦୂଷଣ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ମନ୍ଦିର ଆଖପାଖରେ ପଲିଥିନ୍, ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀ ସହିତ କୃତ୍ରିମ୍ ଫୁଲ ଓ ବର୍ଜବସ୍ତୁ ଏଣେତେଣେ ପଡିରହୁଛି। ମହିଳା ବୋଲ୍‌ବମ୍ ଯାତ୍ରୀଙ୍କ ସ୍ନାନ ଶୌଚ ପାଇଁ ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନାହିଁ। ସମ୍ପ୍ରତି ଏହି ବୋଲ୍‌ବମ୍ ସଂସ୍କୃତିରେ ଡିଜେ ଧସେଇ ପଶିଛି। ଡିଜେର ଉଚ୍ଚ ସ୍ୱର ରୋଗୀ,ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସେହିପରି ଡିଜେ ସଙ୍ଗୀତରେ ଭଜନ ଜଣାଣ ନାମରେ ଦ୍ୱିଅର୍ଥବୋଧକ ଗୀତ ବଜାଯାଉଛି। ଏହା ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେବା ସହିତ ଶ୍ରୁତିକଟୁ ହେଉଛି। ଅନ୍ୟ ପ୍ରଦୂଷଣ ବନ୍ଦ ପାଇଁ ସଚେତନତା ସୃଷ୍ଟି ସହିତ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ସଂସ୍କୃତିକୁ ରୋକାଯାଉ।

- ଅମରବର ବିଶ୍ୱାଳ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ



ଶ୍ରାବଣ ମାସରେ ମହାପ୍ରଭୁ ଶିବଙ୍କ ନିକଟରେ ଜଳଲାଗି କରିବା ଭଲ। ପୂର୍ବରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିବା ପାଇଁ ଜଳ ନେଉଥିଲେ। ସେତେବେଳେ ପ୍ଲାଷ୍ଟିକ ପ୍ରଚଳନ ହେଉ ନ ଥିଲା। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପ୍ରଚଳନ ବହୁଳ ଭାବରେ ହେବାରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରକୁ ବ୍ୟବହାର କରାଯାଉନାହିଁ। ଯେଉଁଠି ସବୁଜିମା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧରେ ଶୈବପୀଠଗୁଡିକ ରହିଛି, ସେଠାରେ ବହୁଳ ଭାବରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେବା ସହିତ ପ୍ରଦୂଷଣ ବଢୁଛି। ପରିବେଶର ସୁରକ୍ଷା ପାଇଁ ଏହାକୁ ରୋକାଯିବା ଜରୁରୀ। ତେଣୁ ପୂର୍ବଭଳି ଜଳଲାଗି ପାଇଁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ।

- ଦେବବ୍ରତ ପଟ୍ଟନାୟକ, ବୁଦ୍ଧିଜୀବୀ, ଢେଙ୍କାନାଳ

## ସଚେତନତା ହିଁ ମହୌଷଧି



ବୋଲ୍‌ବମ୍ ଭକ୍ତମାନେ ନଦୀରେ ସ୍ନାନ କରି ପାଣି ଉଠାନ୍ତି, ନଦୀଘାଟରେ ପୂଜାର୍ଚ୍ଚନା କରନ୍ତି, ବାଟରେ ଖାଦ୍ୟ ଗ୍ରହଣ କରନ୍ତି। ଏଥିପାଇଁ ସେହି ସ୍ଥାନ କିଛିଦିନ ହେବ ପ୍ରଦୂଷିତ ହେଉଛି। କାଉଡ଼ିଆଙ୍କ ପାଇଁ ଖୋଲିଥିବା ଦୋକାନ ଓ ଆଶ୍ରୟ ସ୍ଥଳ ଏବଂ ମନ୍ଦିରରେ ବି ସେହି ଅବସ୍ଥା। ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ସହିତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ସବୁ ସ୍ଥାନ ପୂରି ରହିଛି। ସେହିପରି ବହୁ ବୋଲବମ୍ ଭକ୍ତ ଡିଜେ ବଜାଇ ବାଟ ଚାଲୁଥିବାରୁ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ଏଥିପାଇଁ ସମସ୍ତେ ସଚେତନ ହେବା ଉଚିତ୍। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ପକାଯାଉ। ଆବର୍ଜନା ପଡୁଥିବା ଅଞ୍ଚଳକୁ ଚିହ୍ନଟ କରି ପଞ୍ଚାୟତ ଓ ପୌରାଞ୍ଚଳ ପକ୍ଷରୁ ଡଷ୍ଟବିନ ରଖନ୍ତୁ। ପରିବେଶ ପ୍ରଦୂଷଣକୁ ରୋକିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ ଓ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିବା ଦରକାର। ଧାର୍ମିକ ପରିବେଶରେ ଡିଜେ ବ୍ୟବହାରକୁ ବାରଣ କରାଯାଉ। ବିଶେଷକରି ସମସ୍ତେ ସଚେତନ ରହିଲେ ଏପରି ପ୍ରଦୂଷଣକୁ ରୋକାଯାଇପାରିବ।

- ଡ. କୈଳାସ ବାଣ୍ଡ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ, ନୟାଗଡ଼

## ସରକାର ପ୍ରତିକାର ବ୍ୟବସ୍ଥା କରନ୍ତୁ



ପୌରାଣିକ ଯୁଗରୁ ବୋଲ୍‌ବମ୍ ପରମ୍ପରା ଚାଲି ଆସୁଛି। ଭକ୍ତମାନଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ରହିଛି। ତେବେ ଏହି ସମୟରେ ନଦୀନାଳ, ପୋଖରୀ, ଶୈବପୀଠ ଓ ରାସ୍ତାଘାଟରେ ଉତ୍କଟ ପ୍ରଦୂଷଣ ସୃଷ୍ଟି ହେଉଛି। ଏପରି କି ଜଳଉତ୍ସଗୁଡ଼ିକରେ ବିଭିନ୍ନ ସାମଗ୍ରୀ ପଡ଼ି ପ୍ରଦୂଷିତ ହୋଇଥିବାରୁ ଶିବଙ୍କ ଲିଙ୍ଗରେ ଢାଳିବାକୁ ନିର୍ମଳ ଜଳ ମିଳିବା କଷ୍ଟକର ହେଉଛି। ତେଣୁ ସରକାର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ। ସମସ୍ତେ ପ୍ରଦୂଷଣ ରୋକିବା ପାଇଁ ସଚେତନ ରୁହନ୍ତୁ। ରାସ୍ତାରେ ଦଳ ଦଳ ହୋଇ ଆସୁଥିବା ବୋଲ୍‌ବମ୍ ଯାତ୍ରୀଙ୍କ ପାଇଁ ଦୁର୍ଘଟଣା ରୋକିବା ପାଇଁ ପୋଲିସ ବିହିତ ପଦକ୍ଷେପ ନେବା ଜରୁରୀ। କାଉଡ଼ିଆଙ୍କ ପାଇଁ ବିଭିନ୍ନ ସ୍ଥାନରେ ଛାମୁଡ଼ିଆ ବ୍ୟବସ୍ଥା ସହିତ ବର୍ଜବସ୍ତୁ ପକାଇବା ପାଇଁ ଡଷ୍ଟବିନ୍‌ର ବ୍ୟବସ୍ଥା ହେବା ଦରକାର।

- ମାନସ ରଞ୍ଜନ ସାମଲ, ଆଇନଜୀବୀ, ଯାଜପୁର ରୋଡ଼

## ବାହାରେ ଫିଙ୍ଗୁଛନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ



ବର୍ତ୍ତମାନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରାବଣ ମାସ ସୋମବାର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ଭିଡ଼ କରୁଛନ୍ତି। କିନ୍ତୁ ମହାଦେବଙ୍କୁ ଜଳଲାଗି କରିସାରିଲା ପରେ ମାଟି କଳସ, ପ୍ଲାଷ୍ଟିକ୍ କଳସ, ବାହୁଙ୍ଗିରେ ଲାଗିଥିବା ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ ସମେତ ସାଲୁ କପଡ଼ା ଓ ସବୁ ବାହାରେ ଫିଙ୍ଗିଦେଉଛନ୍ତି। ସେଗୁଡିକ ଗଦା ହୋଇ ରହୁଛି। ଏଗୁଡିକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର ସହ ଠିକ୍ ପରିଚାଳନା ଅଥବା ନଷ୍ଟ କରାଯାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ପରିବେଶ ସୁରକ୍ଷା ପ୍ରତି ଆମ ପ୍ରତ୍ୟେକଙ୍କ ଗୁରୁଦାୟିତ୍ୱ ରହିଛି। ବୋଲବମ ଭକ୍ତ ହୁଅନ୍ତୁ କିମ୍ବା ସରକାର ପ୍ରତ୍ୟେକ ଏଥିପ୍ରତି ଯତ୍ନବାନ୍ ହେବା ଜରୁରୀ ହୋଇପଡିଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ମିଳିତ ଭାବେ ପରିବେଶ ସୁରକ୍ଷା ଦିଗରେ କାମ କରିବାକୁ ହେବ।

- ପ୍ରଦୀପ୍ତ ସାହୁ, ପୂର୍ବତନ ପାରିଷଦ, ୱାର୍ଡ ସଂଖ୍ୟା ୯, ଜଗତ୍‌ସିଂହପୁର ପୌର ପରିଷଦ

## ସେବା ପରେ ଅଇଁଠାପତ୍ର, ବୋତଲ ଏଣେତେଣେ ନ ପକାଇବା ଜରୁରୀ



ଶ୍ରାବଣ ମାସରେ ଶିବ ଭକ୍ତି ଉତ୍ତମ କଥା। ଏହି ସମୟରେ ଅନେକେ ସେବା ଯୋଗାଇବାକୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଉଛନ୍ତି। କିନ୍ତୁ ଖାଇବା ପରେ ଖଲି ଓ ପାଣି ବୋତଲ ଏଣେତେଣେ ଫୋପଡ଼ାଯାଉଛି। ଏହାଦ୍ୱାରା ପରିବେଶ ଦୂଷିତ ହେଉଛି। ଏଥିପ୍ରତି ପ୍ରସାଦ ବଣ୍ଟନ ପରିଚାଳନା କମିଟି ତଥା ଶିବ ଭକ୍ତବୃନ୍ଦ ସଚେତନ ହେବା ଉଚିତ। ପ୍ଲାଷ୍ଟିକ୍ ବୋତଲ ମାଟିରେ ମିଶୁନାହିଁ। ଖଲିଗୁଡ଼ିକ ଗୋରୁ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ସମସ୍ତ ଅଇଁଠା ଖଲି ଓ ପାଣି ବୋତଲକୁ ଏଣେତେଣେ ନ ପକାଇ ଏକାଠିକରି ସଫେଇ ଗାଡ଼ିରେ ଦେବା ଜରୁରୀ। ଏ ଦିଗରେ ପ୍ରସାଦ ବଣ୍ଟନ କମିଟି ସଚେତନ ହେବା ମଧ ଜରୁରୀ।

- ଦିବ୍ୟରଞ୍ଜନ ପାତ୍ର, ଆଇନଜୀବୀ, ନବରଙ୍ଗପୁର

## ସଚେତନ ହେବାର ବେଳ



ଶ୍ରାବଣ ମାସରେ କାଉଡ଼ିଆମାନେ ସହସ୍ରାଧିକ ସଂଖ୍ୟାରେ ବିଭିନ୍ନ ଶୈବପୀଠକୁ ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରୁଛନ୍ତି। ଏହା ସେମାନଙ୍କ ଧାର୍ମିକ ଆସ୍ଥା ଓ ବିଶ୍ୱାସର କଥା। ତେବେ ଅନେକ ସମୟରେ କାଉଡିଆମାନଙ୍କ ଦ୍ୱାରା ବ୍ୟବହୃତ ପ୍ଲାଷ୍ଟିକ୍ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ପରିବେଶ ପ୍ରଦୂଷଣର କାରଣ ପାଲଟୁଥିବା ଦେଖିବାକୁ ମିଳୁଛି। ମନ୍ଦିର ପରିସର, ନଦୀ, ନାଳ ପ୍ରଦୂଷିତ ହେବା ଦେଖାଯାଉଛି। ଏଥିପ୍ରତି କାଉଡିଆ ଭାଇମାନେ ସଚେତନ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିବେଶ ଅତି ସମ୍ବେଦନଶୀଳ ସ୍ଥିତିରେ ରହିଛି। ପରିବେଶ ପ୍ରଦୂଷଣକୁ ରୋକିବା ଜୀବଜଗତ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପଡିଛି। ଶ୍ରାବଣ ମାସରେ ଶିବଙ୍କୁ ଜଳ ଅର୍ପଣକଲେ ପୁଣ୍ୟ ମିଳୁଥିବା ବିଶ୍ୱାସ କରାଯାଏ। ତେବେ ଆମ ସମାଜରେ ନଦୀ ଓ ବୃକ୍ଷକୁ ବି ଦେବତା ଭାବେ ଗଣାଯାଏ। ପ୍ରଦୂଷଣମୁକ୍ତ ନଦୀରୁ ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରି ଜଙ୍ଗଲ ବଞ୍ଚାଇବା ଆହ୍ୱାନ ପାଲଟିଛି। ଏ ଦିଗରେ ସଚେତନ ହେଲେ ସମସ୍ତଙ୍କର ମଙ୍ଗଳ ହେବ।

- କୁଳମଣି ସାହୁ, ଆବାହକ, ଜିଲା ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମ, ବଲାଙ୍ଗୀର

## ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶ ସୁସ୍ଥ ରହିବ



ଶ୍ରାବଣ ମାସରେ ସବୁଆଡ଼େ ଏବେ କାଉଡ଼ିଆମାନଙ୍କ ଭିଡ଼ ଲାଗି ରହିଛି। ପତ୍ରପୁଷ୍ପ ଆଦି ପୂଜା ସାମଗ୍ରୀ ସହିତ ପାତ୍ରରେ ଜଳ ଧରି ଶିବଙ୍କ ଆରାଧନା ପାଇଁ ସେମାନେ ମନ୍ଦିରରେ ପହଞ୍ଚି ସମସ୍ତଙ୍କ ହୃଦୟରେ ଧାର୍ମିକ ଭାବନା ଜାଗ୍ରତ କରିଥାନ୍ତି। ପତ୍ର ପୁଷ୍ପ ଆଦି ଜୈବିକ ପଦାର୍ଥ ଜୈବକ୍ଷୟକ୍ଷମ କିନ୍ତୁ ପ୍ଲାଷ୍ଟିକ ନିର୍ମିତ ପଦାର୍ଥ ସହଜରେ ମୃତ୍ତିକାରେ ମିଶି ନଥାଏ ତେଣୁ ତାହା ଜୈବକ୍ଷୟ ଅକ୍ଷମ। ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ମାଟିରେ ଧୀରେ ଧୀରେ ମିଶିଥାଏ। ସେଥିରୁ ଉତ୍ପନ୍ନ ମାଇକ୍ରୋପ୍ଲାଷ୍ଟିକ ଜୀବମାନଙ୍କର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ସମଗ୍ର ଜୀବ ଜଗତର କ୍ଷତି ଘଟାଇଥାଏ। ଜଳର ନିମ୍ନସ୍ତରରେ ଏହା ଜମି ରହିଲେ ଜଳ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ବାଧା ସୃଷ୍ଟି କରିଥାଏ। ତେଣୁ ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ସମସ୍ତ ଦେବାଳୟଗୁଡ଼ିକରେ ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶର କୌଣସି କ୍ଷତି ହେବ ନାହିଁ।

- ସଞ୍ଜୟ ଖମାରୀ, ପରିବେଶବିତ୍, ବରଗଡ଼

## ସେବା ଯୋଗାଉଥିବା ସଂସ୍ଥା ପରିଚ୍ଛନ୍ନ କରିବା ଆବଶ୍ୟକ



ଶ୍ରାବଣ ମାସରେ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼ ଜମୁଛି। ବୋଲବମ୍ ଭକ୍ତଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ, ମନ୍ଦିର ନିକଟରେ ପ୍ରସାଦ ସେବନ, ପାଣି ବୋତଲ ବ୍ୟବସ୍ଥା କରାଯାଉଛି। ହେଲେ ପ୍ରସାଦ ସେବନ ପରେ ଖଲି, ଦନା, ପାଣି ବୋତଲ ଉଚିତ୍ ସ୍ଥାନରେ ନ ଫିଙ୍ଗି ଏଣେତେଣେ ଫୋପାଡି ଚାଲିଯାଉଥିବାରୁ ରାସ୍ତା କଡ଼ ଏବଂ ପୀଠ ଅଞ୍ଚଳ ପ୍ରଦୂଷିତ ହେଉଛି। ତେଣୁ ସେବା ଯୋଗାଉଥିବା ସଂସ୍ଥା, ମନ୍ଦିର ପରିଚାଳନା କମିଟି ଏହାକୁ ସଫାସୁତରା କରିବା ଆବଶ୍ୟକ।

- ମାନସ ରଞ୍ଜନ ନାୟକ, ବ୍ୟବସାୟୀ, ରାୟଗଡ଼ା

## ଆଇନ ଭାଙ୍ଗୁଛନ୍ତି ଅମାନିଆ ଭକ୍ତ

ପ୍ରତିବର୍ଷ ଶ୍ରାବଣ ମାସର ପ୍ରତିଟି ସୋମବାର ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି। ସେଥିମଧ୍ୟରୁ ଅନେକ ଭକ୍ତ ସାଥିରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରିରେ ଭୋଗ, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରି ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ(ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ )ଆଦି ଅଣ୍ଟାରେ ଖୋସି ମନ୍ଦିର ଭିତରକୁ ଅତି ସହଜରେ ପ୍ରବେଶ କରିଥାନ୍ତି। ପ୍ରତିବର୍ଷ ମନ୍ଦିରର କର୍ତ୍ତୃପକ୍ଷ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରିକରିଥାନ୍ତି। ସବୁ ପରେ ବି କେତେଜଣ ଅମାନିଆ ଭକ୍ତ ଆଇନକୁ ଭାଙ୍ଗୁଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ସୁଦ୍ଧା ଧାର୍ମିକ ସ୍ଥଳଗୁଡ଼ିକରେ ଏହି କଟକଣାକୁ ଅଧିକ କଡ଼ାକଡ଼ି କରନ୍ତୁ। ଏଥିଲାଗି ରାଜ୍ୟ ପ୍ରଦୂଷଣ ବୋର୍ଡ ଏହା ଉପରେ ତୀକ୍ଷ୍ଣ ନଜର ରଖି ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯାଉ।



- ସୁଶାନ୍ତ ସାହୁ, ପରିବେଶ କର୍ମୀ, ଭୁବନେଶ୍ୱର

## ମନ୍ଦିର ପ୍ରଶାସନ ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅନ୍ତୁ



ଶ୍ରାବଣ ମାସରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ବର୍ଷରେ ଥରେ ଶିବଭକ୍ତ ନିଷ୍ଠାର ସହ ନିଜ ନିଜର ମନସ୍କାମନାକୁ ମହାଦେବଙ୍କୁ ଜଣାଇବା ନିମନ୍ତେ କଠୋର ନିୟମ ପାଳନ କରି ପାଦରେ ଚାଲି ଚାଲି ବିଭିନ୍ନ ଶୈବପୀଠରେ ପହଞ୍ଚନ୍ତି। କିନ୍ତୁ ବିଡମ୍ବନା ଏହା ଯେ ମନ୍ଦିର ପ୍ରଶାସନ ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଏହା ପରିବର୍ତ୍ତେ ବିଭିନ୍ନ ମନ୍ଦିରରେ କାଉଡିଆଙ୍କ ଠାରୁ ଶୁଳ୍କ ଆଦାୟ କରିବାକୁ ମଧ ପଛାଉନାହାନ୍ତି।

- ଜୀବନ ଜ୍ୟୋତି କୁଅଁର, ଛାତ୍ର, ଭୁବନେଶ୍ୱର

## 'ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ'



ରାଉରକେଲା ନିକଟ ବେଦବ୍ୟାସ ଶୈବପୀଠ ନିକଟରେ ବ୍ରାହ୍ମଣୀ ନଦୀଗର୍ଭକୁ ପଚାଶଢ଼ା ଫଳମୂଳ, ଫୁଲପତ୍ର ଓ ଅନ୍ୟ ସାମଗ୍ରୀ ଛଡାଯାଉଛି। ଏହାର ପ୍ରତିକାର ପାଇଁ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ନଦୀଗର୍ଭକୁ ଫଳମୂଳ, ଫୁଲପତ୍ର ଯେମିତି ନ ପଡ଼ିବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ। ବୈଜ୍ଞାନିକ ପ୍ରଣାଳୀରେ ଏହି ପଚାଶଢ଼ା ତଥା ପରିତ୍ୟକ୍ତ ଦ୍ରବ୍ୟାଦିର ବିଶୋଧନ କରାଗଲେ ନଦୀଜଳ ବିଶୁଦ୍ଧ ଏବଂ ଜୀବନଦାୟକ ହୋଇପାରିବ।

- ଡ. ଉମାକାନ୍ତ ପଣ୍ଡା, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ, ବେଦବ୍ୟାସ, ରାଉରକେଲା

## 'ଜଳାଶୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ କରାଯାଉ'



ବେଦବ୍ୟାସ ନିକଟରେ ବ୍ରାହ୍ମଣୀ ନଦୀରେ ଫୁଲଫଳ ଓ ଅନ୍ୟ ପୂଜା ସାମଗ୍ରୀ ଯେମିତି ନ ପଡ଼ିବ ସେଥିପାଇଁ ବ୍ୟାନର ଲଗାଯାଇ ସଚେତନତା ସୃଷ୍ଟି କରାଯାଉ। ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ୍ ବ୍ୟବସ୍ଥା ହେବା ଆବଶ୍ୟକ। ପ୍ରଶାସନିକସ୍ତରରେ ଦେବାଳୟଗୁଡ଼ିକ ନିକଟରେ ଥିବା ଜଳାଶୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଓ ସ୍ୱତନ୍ତ୍ର ନିୟମ ଲାଗୁ କରାଯାଉ। ନିୟମ ଅମାନ୍ୟ ହେଲେ ଜରିମାନା ଲାଗୁ କରାଯାଉ।

- ଚିନ୍ମୟ ତ୍ରିପାଠୀ, ବେଦବ୍ୟାସ, ରାଉରକେଲା

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in
Sd/-
Controller of Examinations

## ରୋବୋଟିକ୍ ନୀ ରିପ୍ଲେସମେଣ୍ଟ ଦ୍ୱାରା ନିଖୁଣ ଅସ୍ତ୍ରୋପଚାର ଓ ଯନ୍ତ୍ରଣାମୁକ୍ତ ଜୀବନ ସମ୍ଭବ



**ଡା. ପି.ସି. ଦେ**
ପ୍ରଫେସର,
ଅସ୍ଥିଶଲ୍ୟ ବିଭାଗ,
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍,
ଭୁବନେଶ୍ୱର

ଉତ୍କଟ ଆଣ୍ଠୁ ବାତ ଏବଂ ପୁରୁଣା ଗଣ୍ଠି ବ୍ୟଥାରେ ପୀଡ଼ିତ ଲୋକମାନଙ୍କ ପାଇଁ ଟୋଟାଲ୍ ନୀ ରିପ୍ଲେସମେଣ୍ଟ (ଟିକେଆର୍) ଦୀର୍ଘ ସମୟ ଧରି ଏକ ଭରସାଯୋଗ୍ୟ ସମାଧାନ ରହିଆସିଛି । ଆଜି ରୋବୋଟିକ୍-ଆସିଷ୍ଟେଡ୍ ଅସ୍ତ୍ରୋପଚାର ଦ୍ୱାରା ଏହି ପ୍ରକ୍ରିଆ ଆହୁରି ଉନ୍ନତ ଏବଂ ନିର୍ଭୁଲ ହୋଇପାରିଛି । ଏଥିରେ ସବ୍-ମିଲିମିଟର ନିର୍ଭୁଲତା ସହ ପ୍ରତିରୋପଣ ସ୍ଥାପନ କରିବା ସମ୍ଭବ ହୋଇପାରିଥାଏ, ଯାହା ବିଏମ୍‌ସି ସର୍ଜରୀ ଏବଂ ନେଚର୍ ଡିଜିଟାଲ ମେଡିସିନରେ ପ୍ରକାଶିତ କ୍ଲିନିକାଲ ଅଧ୍ୟୟନ ଦ୍ୱାରା ସମର୍ଥିତ ।

ରୋବୋଟିକ୍ ଟୋଟାଲ୍ ନୀ ରିପ୍ଲେସମେଣ୍ଟରେ, ଏକ ବିଶେଷ ରୋବୋଟିକ୍ ପ୍ରଣାଳୀ ଶଲ୍ୟ ଚିକିତ୍ସକଙ୍କୁ ଅତୁଳନୀୟ ସୂକ୍ଷ୍ମତା ସହିତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିବା ଓ ତାହାକୁ ସମ୍ପାଦନ କରିବାରେ ସହାୟତା କରିଥାଏ । ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାର ବିପରୀତ, ରୋବୋଟ୍ ସ୍ୱାଧୀନ ଭାବେ ଅସ୍ତ୍ରୋପଚାର ସଞ୍ଚାଳନ କରି ନ ଥାଏ, ବରଂ ତାହା ଏକ ଅତି ନିଖୁଣ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥାଏ ଓ ଶଲ୍ୟ ଚିକିତ୍ସକଙ୍କୁ ଯୋଜନା ଅନୁଯାୟୀ ଅବିକଳ ରୂପେ ପ୍ରତିରୋପଣକୁ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ ।

ରୋବୋଟିକ୍ ଟିକେଆର୍‌ର ଏକ ମୁଖ୍ୟ ଲାଭ ହେଉଛି ବ୍ୟକ୍ତିକରଣ । ପ୍ରତ୍ୟେକ ଆଣ୍ଠୁ ଭିନ୍ନ ହୋଇଥାଏ; ଏବଂ ୩ଡି ଇମେଜିଂ ସହାୟତାରେ ରୋବୋଟିକ୍ ପ୍ରଣାଳୀ ପ୍ରତ୍ୟେକ ରୋଗୀଙ୍କ ଅନନ୍ୟ ଶାରୀରିକ ଗଠନକୁ ସୁହାଉଥିବା ଏକ ଯୋଜନା ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଉତ୍ତମ ଆଲାଇନମେଣ୍ଟ, ଗଣ୍ଠି କାର୍ଯ୍ୟକ୍ଷମତାରେ ଉନ୍ନତି ଏବଂ ଅସ୍ତ୍ରୋପଚାର ପରେ ଶ୍ରେୟସ୍କର ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ ହୋଇଥାଏ ।

ରୋଗୀମାନେ ପ୍ରାୟତଃ କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟତା ଏବଂ ଅଧିକ ପ୍ରାକୃତିକ ଲାଗୁଥିବା ଆଣ୍ଠୁର ଅନୁଭୂତି ପାଇଥାନ୍ତି । ଏହି ପ୍ରଯୁକ୍ତି ପ୍ରତିରୋପଣ ଶୀଘ୍ର କ୍ଷତିଗ୍ରସ୍ତ ହେବା ଏବଂ ସ୍ୱାସ୍ଥ୍ୟ ଜଟିଳତାର ଆଶଙ୍କାକୁ ମଧ ହ୍ରାସ କରିଥାଏ । ତେଣୁ, ଏହାକୁ ଉଭୟ ଯୁବ ଏବଂ ବୟସ୍କ ରୋଗୀଙ୍କ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ କୁହାଯାଇପାରିବ ।

ଉତ୍କଟ ଅଷ୍ଟିଓଆର୍ଥ୍ରାଇଟିସ୍, ପୁରୁଣା ଆଣ୍ଠୁଗଣ୍ଠି ବାତ କିମ୍ବା ପୂର୍ବବର୍ତ୍ତୀ ଆଣ୍ଠୁ ଆଘାତ ଭୋଗୁଥିବା ରୋଗୀ କିମ୍ବା ଅସ୍ତ୍ରୋପଚାର ପରେ ମଧ ଉପଶମ ପାଇ ନ ଥିବା ରୋଗୀଙ୍କ ପାଇଁ ରୋବୋଟିକ୍ ଟିକେଆର୍ ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ । ଯଦି ଆପଣ ଦୀର୍ଘ ସମୟ ଧରି ଯନ୍ତ୍ରଣା ସହ ଜୀବନ ଯାପନ କରିଆସୁଛନ୍ତି, ତେବେ ଏହି ବିକଳ୍ପ ହିଁ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଆପଣଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇବ ବୋଲି ଆମର ବିଶ୍ୱାସ ।

ଆଜି, ବିଶେଷକରି ଆଣ୍ଠୁ ଓ ଅଣ୍ଟାର ଗଣ୍ଠି ପ୍ରତିବଦଳ ପ୍ରକ୍ରିୟା ଅଧିକ ନିରାପଦ, ଅଧିକ ନିଖୁଣ ଏବଂ କମ୍ ଭୀତିପୂର୍ଣ୍ଣ ହୋଇଯାଇଛି । ଚିକିତ୍ସା ପ୍ରଯୁକ୍ତିରେ ଘଟିଥିବା ଅଗ୍ରଗତି ଏବଂ ନ୍ୟୂନତମ କଟାକଟି ଆବଶ୍ୟକ କରୁଥିବା ଅସ୍ତ୍ରୋପଚାର କୌଶଳ କାରଣରୁ ରୋଗୀମାନେ ଶୀଘ୍ର ଆରୋଗ୍ୟ ଲାଭ କରିବା, କମ୍ ଯନ୍ତ୍ରଣାର ସମ୍ମୁଖୀନ ହେବା ଏବଂ ସ୍ୱାଭାବିକ ଦୈନନ୍ଦିନ ଜୀବନକୁ ଫେରିବାର ଆଶା ରଖିପାରିବେ । ତାହା ଅସହଜତା ବିନା ଚଲାବୁଲା କରିବା ହେଉ, ସହଜରେ ଶିଡି ଚଢ଼ିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପକୁ ଉପଭୋଗ କରିବା ହେଉ - ଗଣ୍ଠି ପ୍ରତିବଦଳ ଆପଣଙ୍କୁ ଦେଇଥାଏ ନବୀକୃତ ସ୍ୱାଧୀନତା ଏବଂ ଚଳପ୍ରଚଳ ସାମର୍ଥ୍ୟ । ପୁରୁଣା ଗଣ୍ଠି ବ୍ୟଥା ଭୋଗୁଥିବା ଲୋକମାନେ ଏହି ଆଧୁନିକ ଚିକିତ୍ସା ବିକଳ୍ପଗୁଡ଼ିକୁ ବିଚାରକୁ ନେବା ପରାମର୍ଶଯୋଗ୍ୟ, ଯାହା ସେମାନଙ୍କର ଚଳପ୍ରଚଳ ହେବାର ସାମର୍ଥ୍ୟ ସହିତ ସାମଗ୍ରିକ ଜୀବନ ମାନକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ।

*(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)*

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା । -ଶ୍ରୀମା

-ଚିତାଲାଗି ଅମାବାସ୍ୟା, ଚନ୍ଦ୍ର କ୍ଷୟ, ନିଶିପାଳନ, ହଳ ନିଷେଧ



# ଲିପିର କ୍ରମବିକାଶ




ଦେବଦତ୍ତ ପଟ୍ଟନାୟକ

ଆମେ ଯେତେବେଳେ ଅନ୍ୟଜଣଙ୍କ ସହ ଯୋଗାଯୋଗ କରୁ ସେତେବେଳେ ଶବ୍ଦ ବ୍ୟବହାର କରିଥାଉ, ଯାହାକୁ କଥା ବା ଭାଷା ବୋଲି କହୁ । ସେହିପରି ଆମେ ଯେତେବେଳେ ଲେଖା ମାଧ୍ୟମରେ ଯୋଗାଯୋଗକରୁ ସେତେବେଳେ ତାହାକୁ ଲିପି କହିଥାଉ । ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ବିଭିନ୍ନ ଲିପି ଅଛି । ସେଗୁଡ଼ିକ କ'ଣ ଚିତ୍ରାକ୍ଷର ନା ଅକ୍ଷର । ସେଗୁଡ଼ିକ କ'ଣ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ? ଲେଖାର ଲକ୍ଷ୍ୟ କ'ଣ ଓ ଏହା କେମିତି ବିକାଶ ହୋଇଛି ? ଗ୍ରୀସ୍‌ର ମେସୋପଟାମିଆ (ଏବର ଇରାକ୍)ସଭ୍ୟତା ସବୁଦିଗରୁ ସମୃଦ୍ଧ ଥିଲା । ସେଠାକାର ବାସିନ୍ଦା ସୁମେରୀୟମାନେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୦୦ରେ ଲେଖାଶୈଳୀ ଉଦ୍ଭାବନ କରିଥିଲେ । ସେତେବେଳେ ସେମାନେ କୀଳକ ଲିପି ବ୍ୟବହାର କରୁଥିଲେ । ସ୍ଲେଟ୍ ଭଳି ମାଟି ଖଣ୍ଡ ଉପରେ ମୁନିଆ ଲେଖନୀରେ ସାଙ୍କେତିକ ଚିହ୍ନ ଭଳି ଲେଖୁଥିଲେ, ଯାହାକୁ କୁହାଯାଉଛି କୀଳକ ଲିପି । ଏଗୁଡ଼ିକ ପ୍ରଥମେ ଚିତ୍ର ଆଧାରିତ(ଇମୋଜି)ଥିଲା । ତା'ପରେ ଇଜିପ୍ଟର ସ୍ପଷ୍ଟ ଚିତ୍ରାକ୍ଷର ଲେଖା ସାମ୍ନାକୁ ଆସିଥିଲା । ଏଗୁଡ଼ିକ ମଧ୍ୟ ସାଙ୍କେତିକ ଚିହ୍ନ ଥିଲା । ତା' ପରେ ଆସିଲା ଚାଇନା ଲୋକଙ୍କ ଲେଖାଶୈଳୀ ଏବଂ ଏହା ମଧ୍ୟ ସାଙ୍କେତିକ ଚିତ୍ରଲିପି ଥିଲା । ବାସ୍ତବରେ ଏଗୁଡ଼ିକ ଉପରୁ ତଳ ଆଡ଼କୁ ଲେଖାଯାଉଥିଲା । ପରେ ଇଜିପ୍ଟବାସୀ ଉଭୟ ଦିଗରୁ ଲେଖିପାରିଲେ । କୀଳକ ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା ।

ପାଖାପାଖି ଖ୍ରୀଷ୍ଟପୂର୍ବ ୨୮୦୦ରେ କୀଳକ ଲିପି ଅକ୍ଷରମାଳା( ସ୍ୱରଉଚ୍ଚାରିତଶବ୍ଦାଂଶ) ପାଲଟିଲା ଏବଂ ଏଥିରେ ଅଧିକ ଶବ୍ଦ ଲେଖାଯାଇପାରିଲା । ଏହାର ମଧ୍ୟ ଆବଶ୍ୟକତା ଥିଲା, କାରଣ ଚିତ୍ରାକ୍ଷର ପାଇଁ କମ୍ ସୁଯୋଗ ରହିଥିଲା । ଅନେକ ଭାଷାରେ ଏହି କୀଳକ ଲିପି ବ୍ୟବହାର କରାଗଲା ଏବଂ ମେସୋପଟାମିଆ, ବାବିଲୋନ ଏବଂ ପାରସ୍ୟର ରାଜାମାନଙ୍କ ଦ୍ୱାରା ଏହି ଭାଷା ବ୍ୟବହାର କରାଯାଉଥିଲା ।

ସୁମେରୀୟମାନଙ୍କ ସହ ହରପ୍ପା ସଭ୍ୟତାର ଲୋକମାନେ ବାଣିଜ୍ୟ କରୁଥିଲେ । କିନ୍ତୁ ହରପ୍ପାବାସୀ କୀଳକ ଲିପିକୁ



ଗ୍ରହଣ କରି ନ ଥିଲେ । ହରପ୍ପାର ଲିପି ସମ୍ଭବତଃ ଏକ ପ୍ରକାର ଛିତ୍ରାକ୍ଷର ବା ସାଙ୍କେତିକ ଚିହ୍ନ ଥିଲା, ଯଦିଓ ଅନେକ ଐତିହାସିକ ଏହା ସହ ଏକମତ ନୁହନ୍ତି । ହରପ୍ପାରୁ ମିଳିଥିବା ସିଲ୍ ବା ମୋହରରୁ ଜଣାପଡ଼େ, ହରପ୍ପା ଲିପି ଡାହାଣରୁ ବାମକୁ ଲେଖାଯାଉଥିଲା । ଏହାର ବାମରେ ଥିବା ଅଧିକ ସଙ୍କେତରୁ ଏହି ସୂଚନା ମିଳେ । ତେବେ ମୋହର ଲଗାଇବା ପରେ ତାହାକୁ ବାମରୁ ଡାହାଣକୁ ପଢ଼ାଯାଉଥିଲା । ବଳଦ ଜମି ହଳ କଲାବେଳେ ଯେମିତି ଡାହାଣରୁ ବାମ ଓ ବାମରୁ ଡାହାଣକୁ ବୁଲେ, ସେହିଭଳି ବେଳେବେଳେ ଲିପି ଡାହାଣରୁ ବାମକୁ ଏବଂ ପରେ ବାମରୁ ଡାହାଣକୁ ଲେଖାଯାଉଥିଲା । ଏହି ପ୍ରକାର ଡାହାଣରୁ ବାମ ଓ ବାମରୁ ଡାହାଣ ଲେଖାକୁ ବିପରୀତ ଲେଖାଶୈଳୀ (ବୌଟ୍ରୋଫେଡନ) କୁହାଯାଏ ।

ଆସନ୍ତୁ ଅକ୍ଷର ଓ ବର୍ଣ୍ଣ ଉଦ୍ଭାବନ ବିଷୟରେ ଆଲୋଚନା କରିବା । ଏବର ଲେବାନନ୍ ଏବଂ ଇସ୍ରାଏଲ ବାସିନ୍ଦା (ଫୋଏନିସିଆନ)ଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ୧୨୦୦ରେ ଅକ୍ଷର ଉଦ୍ଭାବନ ହୋଇଥିଲା । କିନ୍ତୁ ସେମାନେ କେବଳ ବ୍ୟଞ୍ଜନବର୍ଣ୍ଣ ଉଦ୍ଭାବନ କରିଥିଲେ । ଆରବରେ ବ୍ୟଞ୍ଜନବର୍ଣ୍ଣ ସହ ଏକ ଲିପି ଅଛି । ଏଥିରୁ ପ୍ରଥମେ ହିବ୍ରୁ ଓ ଆରାମାଇକ ହୋଇଛି । ପରେ ଏଥିରୁ ଆରବୀ ଓ ପାରସ୍ୟ ଲିପି ସୃଷ୍ଟି ହୋଇଥିଲା । ଏହା ସାଧାରଣତଃ ଡାହାଣରୁ ବାମକୁ ଲେଖାଯାଇଥାଏ । ସମ୍ଭବତଃ ଏହାକୁ ପ୍ରଥମେ ପଥର ଉପରେ ଛେଣି ଓ ହାତୁଡ଼ି ଦ୍ୱାରା ଖୋଦେଇ କରାଯାଉଥିଲା । ଖ୍ରୀଷ୍ଟପୂର୍ବ ୮୦୦ ପାଖାପାଖିରେ, ଗ୍ରୀକ୍‌ବାସୀ ସ୍ୱରବର୍ଣ୍ଣ ଉଦ୍ଭାବନ କଲେ । କୀଳକ ଲିପି ଭଳି ସେମାନେ ମଧ୍ୟ ବାମରୁ ଡାହାଣକୁ ଲେଖୁଥିଲେ । ଖ୍ରୀଷ୍ଟପୂର୍ବ ୩୨୬ରେ ଆଲେକଜାଣ୍ଡର ଯେତେବେଳେ ଭାରତ ଆକ୍ରମଣ କରିଥିଲେ ସେତେବେଳେ ଏହା ଭାରତକୁ ଆସିଥିଲା । ସ୍ୱରବର୍ଣ୍ଣ ହେଉଛି ଶବ୍ଦ ବା ଧ୍ୱନିର ସମାହାର, ଯାହା ସାଧାରଣତଃ ଭୋକାଲ କର୍ଡ ବା ସ୍ୱର ନଳୀ ଓ ପାଟି ଖୋଲିଲେ ଉତ୍ପନ୍ନ ହୋଇଥାଏ । ଅନ୍ୟପଟେ ବ୍ୟଞ୍ଜନବର୍ଣ୍ଣ ଧ୍ୱନି ସ୍ୱରତନ୍ତ୍ରୀ ଓ ପାଟି ବନ୍ଦ କରି ଉତ୍ପନ୍ନ ହୋଇଥାଏ । ସ୍ୱରଯୁକ୍ତ ଶବ୍ଦାଂଶଗୁଡ଼ିକ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ସମାହାର । ଉଦାହରଣ ସ୍ୱରୂପ ଇଂଲିଶ ଲିପିର ୨୧ଟି ବ୍ୟଞ୍ଜନବର୍ଣ୍ଣ ଏବଂ ଏ, ଇ, ଆଇ, ଓ, ୟୁ ଭଳି ୫ଟି ସ୍ୱରବର୍ଣ୍ଣ ଅଛି । ନାଗରି ଲିପିର ୩୪ ବ୍ୟଞ୍ଜନବର୍ଣ୍ଣ ଓ ୧୪ଟି ସ୍ୱରବର୍ଣ୍ଣ ରହିଛି । ତେବେ ଲିପିରେ ବର୍ଣ୍ଣ ସଂଖ୍ୟା ସ୍ଥିର ନୁହେଁ, ଏହା ପ୍ରତ୍ୟେକ ଭାଷାରୁ ଭାଷା ପରିବର୍ତ୍ତନ ହୋଇଥାଏ । ଏଥିରୁ ବୁଝାପଡୁଛି ଭାଷା ସଂସ୍କୃତି ଦ୍ୱାରା ପ୍ରଭାବିତ । ସବୁ ମଣିଷଙ୍କ ଭାଷା ଓ ସଂସ୍କୃତି ଥିଲେ ମଧ୍ୟ ଭାଷାର କିଛି ଆନୁବଂଶିକ ଆଧାର ରହିଥାଇପାରେ ।

ଭାରତର ବ୍ରାହ୍ମି ଲିପିର ସ୍ଥାନ ସ୍ୱତନ୍ତ୍ର । ଏହା ଏକ ପୁରାତନ ଭାରତୀୟ ଲେଖା ବ୍ୟବସ୍ଥା । ଏହି ଲିପିରେ ସ୍ୱତନ୍ତ୍ର ଭାବେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅଛି । ଏଥିରେ ମଧ୍ୟ ମାତ୍ରା ଓ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ମିଶ୍ରିତ ଶବ୍ଦାବଳୀସବୁ ରହିଛି । ବ୍ରାହ୍ମିଲିପିରେ ସ୍ୱରବର୍ଣ୍ଣଗୁଡ଼ିକ ଗୋଲାକାର ଭାବେ ଯଥା ଉପର, ତଳ, ପୂର୍ବାପର ଭାବେ ବ୍ୟବସ୍ଥିତ ହୋଇଅଛି । ସେଗୁଡ଼ିକ ପ୍ରାରମ୍ଭିକ ବ୍ୟଞ୍ଜନବର୍ଣ୍ଣ ଦ୍ୱାରା ସଂଯୋଜିତ ହୋଇଛନ୍ତି । ଏହା ହିଁ ବ୍ରାହ୍ମିଲିପିର ବିଶେଷତା ।

ଖ୍ରୀଷ୍ଟପୂର୍ବ ୨୫୦ରେ ବ୍ରାହ୍ମିଲିପି ପ୍ରଥମେ ଅଶୋକଙ୍କ ରାଜବିଜ୍ଞପ୍ତିରୁ ସାମ୍ନାକୁ ଆସିଥିଲା । ତେବେ ଉନବିଂଶ ଶତାବ୍ଦୀର ବିଦ୍ୱାନ୍‌ମାନେ ଏହାକୁ 'ପିନ୍ ମ୍ୟାନ୍' ଲିପି କହୁଛନ୍ତି । ଏହାର ୫୦ ବର୍ଷ ପରେ ଅର୍ଥାତ୍ ୩୦୦ ଶତାବ୍ଦୀରେ ବୌଦ୍ଧ ଧର୍ମଗ୍ରନ୍ଥ ଲଳିତବିସ୍ତର ସୂତ୍ର ରଚନା କରାଯାଇଥିଲା । କୁହାଯାଉଛି ଯେ, ବୁଦ୍ଧ ଜଣେ ଛାତ୍ର ଭାବେ ଅନେକ ଲିପି ଶିକ୍ଷା କରିଥିଲେ ଏବଂ ସେଗୁଡ଼ିକର ତାଲିକା ମଧ୍ୟରେ ବାହ୍ମିଲିପିର ସ୍ଥାନ ଥିଲା ପ୍ରଥମ । ହିନ୍ଦୁଧର୍ମରେ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ଦେବତା ଭାବେ ସ୍ୱୀକାର କରାଯାଇଛି । ବ୍ରହ୍ମାଙ୍କ ସହ ବ୍ରାହ୍ମିର ସମ୍ପର୍କ ରହିଥିବାରୁ ପଣ୍ଡିତମାନେ ମୌର୍ଯ୍ୟ ଲିପିକୁ ବ୍ରାହ୍ମିଲିପି ଭାବେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କୌତୂହଳର ବିଷୟ ହେଉଛି, ଦିଗମ୍ବର ଜୈନ ପୁରାଣ ଅନୁଯାୟୀ, ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କ ଝିଅ ବ୍ରାହ୍ମିଙ୍କୁ ଏହି ଲିପି ଲେଖା ଶିଖାଇଥିଲେ । ଏହି ତଥ୍ୟ ୯୦୦ ଶତାବ୍ଦୀର ଆଦି ପୁରାଣରୁ ଆସିଛି ।

-devduttofficial@gmail.com

## ଏଇ ଭାରତରେ

ଯେକୌଣସି ବୃତ୍ତିରେ ଥିଲେ ମଧ୍ୟ ଅଧିକ ଆୟର ଉତ୍ସ ସୃଷ୍ଟି କରାଯାଇପାରିବ ଏବଂ ଏଭଳି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କେରଳର ଶିକ୍ଷୟିତ୍ରୀ ଲତିକା ସୁତାନ । ତାଙ୍କ ବୟସ ଏବେ ୫୧ ଓ ସେ ଥ୍ରିଶୂର ଜିଲାର ଏକ ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି । ଶିକ୍ଷାଦାନ ପରେ ଅବଶିଷ୍ଟ ସମୟରେ ସେ ନିଜସ୍ୱ ଉଦ୍ୟମରେ ଘର ଅଗଣାରେ ବଗିଚାଟିଏ କରିଛନ୍ତି । ସେଠାରେ ପଦ୍ମ ଓ କଇଁ ଫୁଲ ଚାଷକରି ମାସକୁ ୪୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି । ମୋଟ୍‌ରେ ତାଙ୍କ ବଗିଚାରେ ୧୦୦ ପ୍ରକାର ଦେଶୀ ଓ ବିଦେଶୀ ପଦ୍ମଫୁଲ ଏବଂ ୮୦ କିସମର କଇଁଫୁଲ ଅଛି । ତାଙ୍କ ବଗିଚାର ଆକର୍ଷଣ ହେଉଛି ୧୦୦୦ ପାଖୁଡ଼ାବିଶିଷ୍ଟ ପଦ୍ମଫୁଲ । ପ୍ରଥମକରି ସେ ଏହି ଫୁଲକୁ ତାଙ୍କ ବଗିଚାରେ ଫୁଟାଇବାରେ ସକ୍ଷମ ହୋଇଛନ୍ତି । ୨୦୧୮ରୁ ସେ ଫୁଲ ବଜାରରେ ବିକ୍ରି ଆରମ୍ଭ କରିଥିଲେ ଓ ସେବେଠାରୁ ଆୟ ବଢ଼ିବାରେ ଲାଗିଛି । ଏହାବ୍ୟତୀତ ସେ ପଦ୍ମ ଓ କଇଁ ଫୁଲ ଚାଷ ସମ୍ପର୍କରେ ବିଭିନ୍ନ କର୍ମଶାଳା ଆୟୋଜନ କରୁଛନ୍ତି । ପ୍ରତିମାସରେ ୧୫୦ରୁ ଊର୍ଦ୍ଧ୍ୱ ପଦ୍ମ ଚାରା ଓ ୧୦୦ରୁ ଊର୍ଦ୍ଧ୍ୱ କଇଁଚାରା ବିକ୍ରି କରୁଛନ୍ତି । ଏହି ସମସ୍ତ କାର୍ଯ୍ୟରେ ତାଙ୍କ ସ୍ୱାମୀ ଲତିକାଙ୍କୁ ସହଯୋଗ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୪ ଜୁଲାଇ ୧୯୭୬**

- ବମ୍ବେ ହାଇରୁ ନିର୍ଗତ ଅବିଶୋଧିତ ତୈଳର ବିଶୋଧନୀକରଣ କାର୍ଯ୍ୟ ଟ୍ରମ୍ବେସ୍ଥିତ ଭାରତ ରିଫାଇନେରୀଜ ଦ୍ୱାରା ଆରମ୍ଭ ।
- ଆନ୍ତର୍ଜାତିକ ସୌଖୀନ ଆଥଲେଟିକ୍ ଫେଡେରେସନ ଦକ୍ଷିଣ ଆଫ୍ରିକାକୁ ଫେଡେରେସନରୁ ବହିଷ୍କାର କରିଛନ୍ତି ।
- ଫ୍ରାନ୍ସ ପ୍ରଶାନ୍ତ ମହାସାଗରର ମୁରୋରା ଏଟୋଲଠାରେ ଭୂଗର୍ଭରେ ଦୁଇଟି ପରମାଣୁ ବୋମା ବିସ୍ଫୋରଣ କରିଥିବା ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | 5 | 8 | 2 | | | |
| 2 | | | | | | | 6 | |
| | 8 | | | 6 | | | | |
| 1 | | | | 9 | 7 | | | 2 |
| 8 | 7 | | | | 1 | | | |
| | | | | | | | | 4 |
| | | | | 5 | 6 | | 2 | 7 |
| | | | 7 | 3 | | | | 9 |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 6 | 4 | 2 | 9 | 8 | 1 |
| 6 | 4 | 1 | 9 | 3 | 8 | 5 | 7 | 2 |
| 2 | 9 | 8 | 5 | 7 | 1 | 6 | 3 | 4 |
| 9 | 8 | 5 | 2 | 1 | 3 | 7 | 4 | 6 |
| 7 | 2 | 6 | 8 | 9 | 4 | 1 | 5 | 3 |
| 1 | 3 | 4 | 7 | 5 | 6 | 8 | 2 | 9 |
| 4 | 1 | 7 | 3 | 8 | 9 | 2 | 6 | 5 |
| 3 | 5 | 2 | 1 | 6 | 7 | 4 | 9 | 8 |
| 8 | 6 | 9 | 4 | 2 | 5 | 3 | 1 | 7 |

ଗତକାଲିର ଉତ୍ତର


# ପରିବାର କଲ୍ୟାଣ ଓ ନିୟନ୍ତ୍ରଣ



ଡ.ସତ୍ୟ ନାରାୟଣ ମିଶ୍ର

ପରିବାର ହେଉଛି ଏକ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କର ସମଷ୍ଟି ତଥା ଏକ ବଂଶଗତ ସମୁଦାୟ । ସାଧାରଣତଃ ପରିବାର ମଧ୍ୟରେ ସମ୍ପର୍କର ଏକ ସେତୁ ରହିଥାଏ । ମଣିଷ ସମାଜର ପ୍ରଥମ ପାହାଚ ହେଉଛି ପରିବାର । ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର' । ଭକ୍ତକବିଙ୍କର ଏହି ଅମୃତମୟ ପଙ୍କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର, ଯେଉଁଠି ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ଭାରତୀୟ ପାରିବାରିକ ବ୍ୟବସ୍ଥା ଅନେକ ମୂଲ୍ୟବୋଧ ଓ ଗରିମାକୁ ନେଇ ଚାଲିଛି, ସେଥିରେ ଦ୍ୱିମତର ଅବକାଶ ନାହିଁ । ମାତ୍ର ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଭିନ୍ନ ଏକ ଦିଗରେ ଧାବମାନ କରୁଥିବାର ଅନୁମାନ କରାଯାଏ । ପରିବାରର ଏକାନ୍ନବର୍ତ୍ତୀ ସଂସ୍କୃତି ସମ୍ପ୍ରତି ଧୀରେ ଧୀରେ ଅପସରି ଯାଉଛି । ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ । ପରିବାରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ତେଣୁ ପରିବାରର ମୁଖ୍ୟ ପରିବାରର ସଦସ୍ୟମାନଙ୍କୁ ସ୍ନେହ ଶ୍ରଦ୍ଧା ଯତ୍ନ ଆଦିର ବଳୟରେ ବାନ୍ଧି ଯେତେବେଳେ ଏକ ସମ୍ବନ୍ଧର ସମୁଦ୍ର ସୃଷ୍ଟି କରିଥାନ୍ତି, ତାହା ପରିବାର କଲ୍ୟାଣ ଉପରେ ବିବେଚିତ ହୁଏ । ପରିବାରର ସମସ୍ତ ଆବଶ୍ୟକତା ଓ ଯତ୍ନ ପରିବାର କଲ୍ୟାଣ ଭାବେ ଯେତେବେଳେ ପରିବାରର ମୁଖ୍ୟ ବହନ କରିଥାନ୍ତି, ସେତେବେଳେ ଗଣତାନ୍ତ୍ରିକ ପଦ୍ଧତିରେ ମଧ୍ୟ ସରକାର ସମାଜର ପ୍ରତ୍ୟେକ ପରିବାରର କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରିଥାନ୍ତି । ପରିବାରର ମୁଖ୍ୟ ଯେତେବେଳେ ପରିବାରର ଅସୁବିଧା ସୁବିଧା କଥା ଚିନ୍ତା କରନ୍ତି, ତାହା ଥାଏ ନିର୍ଦ୍ଦିଷ୍ଟ ଭାବେ ଉକ୍ତ ପରିବାର ପାଇଁ ଉଦ୍ଦିଷ୍ଟ । ମାତ୍ର ସରକାର ଯେତେବେଳେ ପରିବାର କଲ୍ୟାଣ କଥା ବିଚାର କରନ୍ତି, ତାହା ଥାଏ ସମଗ୍ର ଦେଶ ବା ଜାତିର କଲ୍ୟାଣ । କାରଣ ପରିବାର କଲ୍ୟାଣ ହେଲେ ଦେଶ ବା ଜାତିର ବିକାଶ ସମ୍ଭବ ହେବ ।

ଗୋଟିଏ ପରିବାର କେବଳ ଏକାଠି ରହୁଥିବା ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ନୁହେଁ; ଏହା ଏକ ସାମାଜିକ ଏକକ ଏବଂ ରକ୍ତ, ବିବାହ କିମ୍ବା ସ୍ନେହ ଦ୍ୱାରା ବନ୍ଧା ହୋଇଥିବା ଏକ ମଞ୍ଚ । ବ୍ୟକ୍ତିର ପରିଚୟ ଓ ମୂଲ୍ୟବୋଧରେ ପରିବାରର ସଦସ୍ୟମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଅତଏବ ପରିବାର ସଦସ୍ୟଙ୍କ ପ୍ରେମକୁ ଦୁନିଆର ଅନ୍ୟ କୌଣସି ପ୍ରେମ ସହିତ ତୁଳନା କରାଯାଇ ନ ପାରେ, ଯେଉଁଠି ଥାଏ ସୁସ୍ଥ ଭାବପ୍ରବଣତା, ସ୍ନେହ, କରୁଣା ତଥା ସହାନୁଭୂତି । ଏହା ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ ଫଳାଫଳ ଓ ସାମଗ୍ରିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ । ପାରିବାରିକ ସ୍ତରରେ ଉକ୍ତ ମୁକ୍ତ କଲ୍ୟାଣର ପନ୍ଥା ଯେତେବେଳେ ପରିବାରର ସଦସ୍ୟଙ୍କଠାରେ ଥାଏ, ଯାହା ବ୍ୟକ୍ତିକୁ ସୁସ୍ଥ ତଥା ଦୀର୍ଘାୟୁ କରେ, ସେତେବେଳେ ସରକାରୀ କଲ୍ୟାଣ ହୋଇଥାଏ କେବଳ କିଛି ଅର୍ଥର ସାହାଯ୍ୟ ଓ



ଆନୁଷଙ୍ଗିକ ସହଯୋଗ । ଭାରତୀୟ ପରିବାର ଆମ ସଂସ୍କୃତିରେ ଏକ ବିଶେଷ ସ୍ଥାନ ଅଧିକାର କରିଥାଏ, ଯାହା ଦ୍ୱାରା ସୃଷ୍ଟି ହୁଏ ଚେତନାର ଶିକ୍ଷା । ପାରିବାରିକ କଲ୍ୟାଣ କେବଳ ଜନ୍ମର ଯୋଜନା ନୁହେଁ, ବରଂ ସମୁଦାୟ ପରିବାରର ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସମଗ୍ର ପରିବାରର କଲ୍ୟାଣକୁ ଅନ୍ତର୍ଭୁକ୍ତ କରିଥାଏ । ଭାରତରେ ସରକାରୀ ସ୍ତରରେ ପ୍ରଥମେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରଘୁନାଥ ଧୋଣ୍ଡୋ କରଭେ ସ୍ଥାନିତ କରିଥିଲେ । ତାଙ୍କ ଯୋଜନାରେ ସେ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ସ୍ୱୀକାର କରି ସେଥିପାଇଁ କେତେକ ଉପଦେଶ ଦେଇଥିଲେ । ତାଙ୍କ ମତରେ ସମାଜ କଲ୍ୟାଣ ସର୍ବ ପ୍ରଥମେ ଜନସଂଖ୍ୟା ନିୟନ୍ତ୍ରଣରେ ପ୍ରାଥମିକତା ଦେବା ଉଚିତ, ତେବେ ଯାଇ ପରିବାର କଲ୍ୟାଣ ସରକାରୀ ଭାବରେ ସମ୍ଭବ ହୋଇପାରିବ । ମହାତ୍ମା ଗାନ୍ଧୀ କହିଥିଲେ, ସମାଜ ଜନ୍ମ ନିୟନ୍ତ୍ରଣ ଉପରେ ନିର୍ଭର କରିବା ପରିବର୍ତ୍ତେ, ଆତ୍ମ ନିୟନ୍ତ୍ରଣ ଅଭ୍ୟାସ କରିବା ଉଚିତ, ଯାହା ଏକ ମୌଳିକ ଚିନ୍ତା ବୋଲି ମନେହୁଏ । ମାତ୍ର ପରବର୍ତ୍ତୀ ସମୟରେ ସରକାର ଅନେକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନ୍ମ ନିୟନ୍ତ୍ରଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିଥାନ୍ତି । ପରିବାରର କଲ୍ୟାଣ ଯେତେବେଳେ ଜନ୍ମ ନିୟନ୍ତ୍ରଣକୁ ପ୍ରାଥମିକତା ଦେଇଥାଏ, ସେତେବେଳେ ଏହା ଏକ ଭିନ୍ନ ବାସ୍ତବତାର ସମ୍ମୁଖୀନ ହୋଇଥାଏ । ଭାରତରେ ଏହି କାର୍ଯ୍ୟକ୍ରମ ୧୯୫୨ରେ ଆରମ୍ଭ ହୋଇଥିଲା ଓ ପ୍ରଥମେ ଏହା କେବଳ ଜନ୍ମ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଉଥିଲା । ମାତ୍ର ସମୟକ୍ରମେ ଏହି କାର୍ଯ୍ୟକ୍ରମ ପାରିବାରିକ ସ୍ୱାସ୍ଥ୍ୟର ଅନ୍ୟାନ୍ୟ ଦିଗ ଯାହା ପୁଷ୍ଟିକର ଖାଦ୍ୟ, ପରିବାର କଲ୍ୟାଣ, ମା' ଓ ଶିଶୁ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରିଥିଲା ।

ପରିବାର ଯୋଜନା ଆରମ୍ଭ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ଥିଲା । କିନ୍ତୁ ଜନସଂଖ୍ୟାକୁ ସ୍ଥିର ରଖିବା ତଥା ନାଗରିକଙ୍କୁ ସୁସ୍ଥ ଓ ଉତ୍ପାଦନକ୍ଷମ ଜୀବନ ପ୍ରଦାନ କରିବାର ଆବଶ୍ୟକତା ଥିବା ମନେହୁଏ । ଏହା ମଧ୍ୟ ନିଶ୍ଚିତ ଯେ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଜାତୀୟ ବିକାଶରେ ବାଧା ସୃଷ୍ଟି କରିଥାଏ । ଏଥିପାଇଁ ଜନସଂଖ୍ୟା ବୃଦ୍ଧି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ଅବଧି ମଧ୍ୟରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା । ସରକାରୀ ସ୍ତରରେ ଯେତେବେଳେ ଅନେକ କଲ୍ୟାଣ ଓ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ପରିବାର ତାହାକୁ ସ୍ୱୀକାର କରିଥାଏ ବା କେତେକାଂଶରେ ନ କରି ମଧ୍ୟ ଥାଏ, ଯାହା ଥାଏ ସରକାରୀ ସ୍ତରର ନୀତି ଓ ନିର୍ଦ୍ଦେଶ । ମାତ୍ର ସାମ୍ପ୍ରତିକ ସମାଜରେ ପରିବାର କଲ୍ୟାଣ ଓ ନିୟନ୍ତ୍ରଣ ସରକାରୀ ସ୍ତରରେ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପାରିବାରିକ ବା ସାମାଜିକ କ୍ଷେତ୍ରରେ ତାହା ଯଥେଷ୍ଟ ନିଷ୍କ୍ରିୟ ହୋଇଯାଉଛି । ଯେତେବେଳେ ପରିବାର ଜନସଂଖ୍ୟାରେ ନିୟନ୍ତ୍ରଣ ହୋଇଗଲା, ସେତେବେଳେ ସେହି ସମାଜରେ ବ୍ୟକ୍ତି ବା ପରିବାର ନିଜ ନିଜ ମଧ୍ୟରେ ଅନିୟନ୍ତ୍ରିତ ହୋଇଗଲେ । ସାମଗ୍ରିକ ଭାବେ କିଛି ବର୍ଷ ପୂର୍ବରୁ ଯେତେବେଳେ ପରିବାର କହିଲେ ୧୫/୨୦ ଜଣକୁ ବୁଝାଉଥିଲା, ସେତେବେଳେ ପରିବାର କଲ୍ୟାଣ ମଧ୍ୟ ସୁଚାରୁରୂପେ ହେଉଥିଲା ଓ ପରିବାର ନିୟନ୍ତ୍ରଣରେ ନିୟନ୍ତ୍ରିତ ହେଉଥିଲା । ବର୍ତ୍ତମାନ ପ୍ରତ୍ୟେକ ପରିବାର ନିକଟରେ ଯଥେଷ୍ଟ କଲ୍ୟାଣର ସୁବିଧା ଥାଇ ମଧ୍ୟ ଏକାନ୍ନବର୍ତ୍ତୀ ପରିବାର ଏକକ ପରିବାର ହୋଇଛି । ବୈକୁଣ୍ଠର ଘର ନିର୍ବାସନ କ୍ଷେତ୍ର ଭଳି ଅନୁଭବ ହେଉଛି । ଅତଏବ ସରକାରୀ ଭାଷାରେ ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଯେତେବେଳେ ଶାସନର ପରିଧି ମଧ୍ୟରେ ନିୟନ୍ତ୍ରିତ ହୋଇଥାଏ, ସେତେବେଳେ ପାରିବାରିକ ଓ ସାମାଜିକ ଅନୁଶାସନରେ ପରିବାର କଲ୍ୟାଣର ପୃଷ୍ଠଭୂମିରେ ନୈତିକତାର ଆତ୍ମନିୟନ୍ତ୍ରଣରେ ମନ୍ତ୍ରିତ ହେବା ଆବଶ୍ୟକ; ଯେଉଁଥିରେ ସୃଷ୍ଟି ହେବ ପରିବାରର ଆତ୍ମ ମର୍ଯ୍ୟାଦା ଓ ପ୍ରକୃତ କଲ୍ୟାଣର ନିୟନ୍ତ୍ରିତ ସୀମାରେଖା ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅସହାୟ ବାନପ୍ରସ୍ଥି ଓ ଉତ୍ତରପିଢ଼ି



ଜଗନ୍ନାଥ ବେହେରା

ଆଜି ଭାରତରେ ଜନ୍ମିତ ଉତ୍ତର ପିଢ଼ିମାନେ ବୟସ୍କ ମାତାପିତାଙ୍କ ଦାୟିତ୍ୱ ବହନ କରିବାରେ କୁଣ୍ଠା ପ୍ରକାଶ କରୁଛନ୍ତି । ଏହା ବଡ଼ ବିଡ଼ମ୍ବନା । ଅନେକ ଲକ୍ଷ ବୃଦ୍ଧା ବୃଦ୍ଧ ସୁରକ୍ଷାରୁ ବଞ୍ଚିତ ହୋଇ ନିର୍ଯ୍ୟାତିତ ଜୀବନ କାଟୁଛନ୍ତି । ଅସହାୟ ବାନପ୍ରସ୍ଥିର ଅଶ୍ରୁ ପୋଛିବାକୁ କାହା ନିକଟରେ ଆଉ ସମୟ ନାହିଁ ।

ଭାରତୀୟ ସଂସ୍କୃତି ଦିନେ ପିତା ଏବଂ ପୂର୍ବପୁରୁଷଙ୍କୁ ସ୍ୱର୍ଗ, ଧର୍ମ ଏବଂ ତପସ୍ୟାର ଆସନ ଦିଆଯାଇଥିଲା । ଜୀବିତ ହେଉ ବା ମୃତ ମାତାପିତାଙ୍କୁ ଦେବତା ପରି ପୂଜା କରାଯାଉଥିଲା । ମା' ଥିଲେ ସ୍ୱର୍ଗଠାରୁ ମହୀୟସୀ । ମଣିଷ ଜୀବନର ପାଞ୍ଚବିଧି ଋଣ ମଧ୍ୟରୁ ପିତୃ ଋଣ ଥିଲା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ । ଆର୍ଯ୍ୟ ଭାରତର ଚତୁରାଶ୍ରମ ମଧ୍ୟରୁ ତୃତୀୟ ପର୍ଯ୍ୟାୟର ବାନପ୍ରସ୍ଥ ଜୀବନ ଥିଲା ସମସ୍ତଙ୍କର ପୂଜ୍ୟ ଏବଂ ବରେଣ୍ୟ । ବନପ୍ରସ୍ଥି ଅଭିଜ୍ଞ ମନ୍ତ୍ରଣା ଦ୍ୱାରା ରାଜ୍ୟ ବ୍ୟବସ୍ଥା, ସମାଜ ବ୍ୟବସ୍ଥା ଓ ପରିବାର ବ୍ୟବସ୍ଥା ସୁପରିଚରକ ହେଉଥିଲା ।

ବୟସ୍କମାନଙ୍କ ମନ, ଚିନ୍ତା ଓ ଦୃଷ୍ଟିଭଙ୍ଗୀର ବ୍ୟାପକ ପରିବର୍ତ୍ତନ ଘଟିଛି । ସତ୍ୟ, ସରଳତା, ତ୍ୟାଗ ତୀତିକ୍ଷା, ଧୈର୍ଯ୍ୟ ଏବଂ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସେମାନେ । ଆମେ କିନ୍ତୁ ଆଜି ଏହା ବୁଝିବାରେ ଅସମର୍ଥ । ଆମ ବୁଦ୍ଧି ବିବେକ ଏବେ ଜେଲରେ ବନ୍ଦୀ । ଏବେ କିନ୍ତୁ ସେମାନେ ସମାଜର ଅଲୋଡ଼ା ଅଙ୍ଗ, ଯାହାଙ୍କ ପ୍ରତି ଯାବତୀୟ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଉଛି । ଏହି ପ୍ରସଙ୍ଗକୁ ନେଇ ଅବଶ୍ୟ ବର୍ତ୍ତମାନ ଗ୍ରାମପଞ୍ଚାୟତ ସ୍ତରରୁ ଜାତିସଂଘ ପର୍ଯ୍ୟନ୍ତ ଉଦ୍‌ବେଗ ସୃଷ୍ଟି ହୋଇଛି । ସମସ୍ୟାକୁ ସମାଧାନ କରିବାର ରାସ୍ତା ଖୋଜୁଛନ୍ତି । ସମଗ୍ର ବିଶ୍ୱରେ ବାର୍ଦ୍ଧକ୍ୟ ସଂଖ୍ୟା ୧୦୦ କୋଟି ନିକଟରେ ପହଞ୍ଚି ସାରିଲାଣି । ବୟସ୍କମାନଙ୍କ ସମସ୍ୟା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିମନ୍ତେ ଜାତିସଂଘରେ ପ୍ରଥମ ଥର ଅର୍ଜେଣ୍ଟିନା ୧୯୪୮ରେ ପ୍ରଶ୍ନ ଉତ୍ଥାପନ କରିଥିଲେ । ଦୀର୍ଘ ୨୦ ବର୍ଷ ପରେ ୧୯୭୧ ମସିହାରେ ଜାତିସଂଘର ସାଧାରଣ ପରିଷଦ ବୟସ୍କଙ୍କ ନିମନ୍ତେ ଏକ ମାର୍ଗ ଦର୍ଶିକା ପ୍ରସ୍ତୁତ କରିବାକୁ ସେକ୍ରେଟାରୀ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଲେ । ଶେଷରେ ୧୯୮୨ ମସିହା ଜୁଲାଇ ୨୬ ଠାରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବୟସ୍କ ନିମନ୍ତେ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀ ଭିଏଟ୍‌ନାମ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ବୟସ୍କଙ୍କ ବ୍ୟକ୍ତିଗତ ସ୍ୱାଧୀନତା, ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ନିରାପତ୍ତା, ବ୍ୟକ୍ତିଗତ ଇଚ୍ଛା ଓ ଆକାଂକ୍ଷା ପୂରଣ ଆଦି ନିଷ୍ପତ୍ତି ହାତକୁ ନିଆଯାଉଛି । ଣ୍ଆଇନ ଅନୁଯାୟୀ ବୃଦ୍ଧା ମାତାପିତାଙ୍କ ପରିପାଳନ କରିବା ପିଲାଙ୍କ ନିମନ୍ତେ ବାଧ୍ୟ ।

୧୯୯୯ରେ ବୟସ୍କଙ୍କ ନିମନ୍ତେ ଜାତୀୟ ନୀତି ଅନୁଯାୟୀ ବୃଦ୍ଧାଶ୍ରମ ପ୍ରତିଷ୍ଠା, ଡାକ୍ତରଖାନାରେ ଅଗ୍ରାଧିକାରରେ ଚିକିତ୍ସା, ରେଳରେ ରିହାତି ବ୍ୟବସ୍ଥା କରାଯାଇଛି । ଓଡ଼ିଶାରେ 'ବରିଷ୍ଠ ନାଗରିକ ନୀତି ୨୦୧୬' କାର୍ଯ୍ୟକ୍ରମ ହୋଇଛି । ସେମାନଙ୍କ ସ୍ୱାଭିମାନ ସୁରକ୍ଷା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବାସଗୃହ ଏବଂ ଚିତ୍ତବିନୋଦନ ସହଜ କରିବାର ନୀତି ନିରୂପଣ ହୋଇଛି । ବାର୍ଦ୍ଧକ୍ୟରେ ଉପାର୍ଜନର ନିଶ୍ଚିତତା, ସ୍ୱାସ୍ଥ୍ୟର ଯତ୍ନ, ସୁରକ୍ଷା ଓ ନିରାପତ୍ତା, ରହିବା ପାଇଁ ବାସ, ଭରଣପୋଷଣ, ଉତ୍ତରପିଢ଼ିଙ୍କ ସହ ପାରସ୍ପରିକ ସମ୍ପର୍କକୁ ନିବିଡ଼ ପରି ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି ।

ବୟସ୍କମାନଙ୍କୁ ସୁରକ୍ଷା, ସମ୍ମାନ ଦେବାପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେମାନେ ଘରୋଇ ହିଂସାର ଶିକାର ହେବା ବର୍ତ୍ତମାନର ବଡ଼ ସମସ୍ୟା । ନିଜର ପୁତ୍ର କନ୍ୟାମାନେ ନିର୍ଯ୍ୟାତନା ଦେବା, ଠିକ୍ ସମୟରେ ଖାଦ୍ୟ ନ ଦେବା, ଆବଶ୍ୟକୀୟ ଔଷଧରୁ ଦୂରେଇ ରଖିବା, ବଞ୍ଚି ଥାଉ ଥାଉ ସେମାନଙ୍କୁ ସ୍ୱ-ଅର୍ଜିତ ସମ୍ପତ୍ତିରୁ ବଞ୍ଚିତ କରିବା, ସେମାନଙ୍କ ପେନ୍‌ସନକୁ ବଳପୂର୍ବକ ନେବା ଏବଂ ଅସୁସ୍ଥତା ସମୟରେ ସେବା ନ ଦେବା ପରି ସମୟରେ ପୀଡ଼ିତ ବର୍ତ୍ତମାନ ବୟସ୍କ ମଣିଷ । ସେମାନେ ଆଜି ମରଣର ପ୍ରତୀକ୍ଷା, ଜୀବନ ଅପେକ୍ଷା ମୃତ୍ୟୁ ହିଁ ସେମାନଙ୍କ ଅଧିକ କାମ୍ୟ । ସନ୍ତାନମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଘଟିଲେ ସେମାନଙ୍କ ଶାନ୍ତି, ସନ୍ତୋଷରେ ବ୍ୟାହତ ହେବ । ନିଜ ନିଜ ଶବକୁ ବହନ କରି ସଂସାରରେ ପର୍ଯ୍ୟଟନ କରୁଥିବା ଏହି ଅସହାୟ ବାନପ୍ରସ୍ଥିଙ୍କ ଅଶ୍ରୁ ଚିରସ୍ରୋତା ହୋଇଯିବ । ଉତ୍ତରପିଢ଼ିଙ୍କ ଦାୟିତ୍ୱହୀନତା ଆଗାମୀ ଦିନଗୁଡ଼ିକରେ ଅନୁଭବୀ ସୂର୍ଯ୍ୟଙ୍କ ତେଜକୁ ମେଘାଚ୍ଛନ୍ନ ନ କରି ଦେବ କିଏ କହିବ ।

**ଗାୟତ୍ରୀ ନଗର, ନବରଙ୍ଗପୁର,**
**ମୋ:୯୪୩୭୭୮୫୧୫୮**

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅତିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ନାରୀ ଶିକ୍ଷାରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାକୁ ହେଲେ ଛାତ୍ରୀଙ୍କ ସୁରକ୍ଷା ଲୋଡ଼ା । ସେମାନଙ୍କୁ ଅଧ୍ୟୟନ ସମୟରେ ମାନସିକ ଉତ୍ପୀଡ଼ନରୁ ମୁକ୍ତ ରଖିବା ଦରକାର । ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ପ୍ରତି ମାନସିକସ୍ତରରେ ଅତ୍ୟାଚାର ଯୋଗୁ ସେମାନଙ୍କ ସ୍ଥିତି ଚାପଗ୍ରସ୍ତ ହେବା ସହ ଜୀବନ ଦିନକୁ ଦିନ ଅସୁରକ୍ଷିତ ହେଉଛି । ସ୍ଥିତିକୁ ଲକ୍ଷ୍ୟକରି ବିଦ୍ୟାଳୟସ୍ତରରେ ଅଧିକ ଶିକ୍ଷୟିତ୍ରୀ ସହ ମହିଳା କର୍ମଚାରୀ ନିଯୁକ୍ତ କରାଯାଉ । ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ପାଇଁ ଏକ ଭୀତିମୁକ୍ତ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ସକାଶେ ସରକାର ତାଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ଆଣନ୍ତୁ, ଯାହା ଜାତୀୟ ଆଶା ଆକାଂକ୍ଷାର ପ୍ରତିଫଳନ ରୂପେ ପ୍ରତିପାଦିତ ହେବ । ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅପରାଧୀକରଣକୁ ପ୍ରୋତ୍ସାହିତ କିମ୍ବା ପ୍ରଶ୍ରୟ ଦେବା ପରି ହୀନ ମାନସିକତାଠାରୁ ଦୂରେଇ ରହିବା ଦିଗରେ ଆମ୍ଭେମାନେ ସତର୍କତା ଅବଲମ୍ବନପୂର୍ବକ ସଚେତନାତ୍ମକ ପଦକ୍ଷେପ ନେବା ଆବଶ୍ୟକ ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେନ୍ଦ୍ର ସମବାୟ ବ୍ୟାଙ୍କ ବୈଠକ



ବୈଠକରେ ବ୍ୟାଙ୍କ ନିର୍ଦ୍ଦେଶକ, ସଭାପତି ଓ ଅନ୍ୟମାନେ ।

ଜୟପୁର, ୨୩।୭(ପବନ ପାଣିଗ୍ରାହୀ)

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ବ୍ୟାଙ୍କର କାର୍ଯ୍ୟ ପରିଚାଳନା ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ଭୀମସେନ ସାହୁ , ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ବ୍ୟାଙ୍କ ଏଜିଏମ୍ ହରିଶ୍ଚନ୍ଦ୍ର ବାନାଗାଡି ଏବଂ ଅନ୍ୟ ନିର୍ଦ୍ଦେଶକ, ବ୍ୟାଙ୍କର ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଓ ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣ ପାଇଁ ମନ୍ତ୍ରୀଙ୍କୁ ବିଧାୟକଙ୍କ ଅନୁରୋଧ

## ଖରିଫ ବିପଣନ ଋତୁ ୨୦୨୫-୨୬

ମାଲକାନଗିରି,୨୩।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବିଧାୟକ ନରସିଂହ ମାଡକାମି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଖରିଫ ବିପଣନ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାର ସରଳୀକରଣ ପାଇଁ ଅନୁରୋଧ କରିଛନ୍ତି। ଜିଲାରେ ଚାଷୀମାନେ ପଞ୍ଜୀକରଣରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କର ଜୀବିକାକୁ ପ୍ରଭାବିତ କରିପାରେ । ଯେଉଁ ଚାଷୀଙ୍କ ଜମି ପଟ୍ଟା ସେମାନଙ୍କ ବାପା, ଜେଜେବାପା କିମ୍ବା ପଡା ଜେଜେବାପାଙ୍କ ନାମରେ ରହିଛି, ସେମାନଙ୍କୁ ପଞ୍ଜୀକରଣ ପାଇଁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ ଲିଖିତ ଅନୁମୋଦନରେ ପଞ୍ଜୀକରଣ ହେଉଥିଲା। ବିଧାୟକ ଏହି ନିୟମ ଚଳିତ ବର୍ଷ ପାଇଁ ପୁନଃପ୍ରଚଳନ କରିବାକୁ ଅନୁରୋଧ କରିଛନ୍ତି। ଏହାଛଡା ଏକାଧିକ ଆଇନଗତ ଉତ୍ତରାଧିକାରୀଙ୍କ ନାମରେ ଥିବା ଏକ ପଟ୍ଟା ପାଇଁ ସମସ୍ତଙ୍କୁ ପଞ୍ଜୀକରଣ ସମୟରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରିବା ପାଇଁ ଅନୁରୋଧ କରଛନ୍ତି।



ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁରୋଧପତ୍ର ଦେଉଛନ୍ତି ।

# ବିସ୍ଫୋରକ ସାମଗ୍ରୀ ସହ ଜଣେ ମାଓବାଦୀ ଗିରଫ

ମାଲକାନଗିରି,୨୩।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ସୁରକ୍ଷା କର୍ମୀମାନେ ଜଣେ ମାଓବାଦୀଙ୍କୁ ବୁଧବାର ଗିରଫକରିବା ସହ ତାଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।ସେ ହେଲେ ମୋଡିୟମ ସୁକ୍କା। ସୂଚନା ଅନୁଯାୟୀ, ବିଜାପୁର କୋବ୍ରା ବାହିନୀ ବାସାଗୁଡା ଥାନା ଅନ୍ତର୍ଗତ କୁମାରପାରା ଓ ଧର୍ମାପୁର ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନରେ ତଲାସୀ ସମୟରେ ଜଣେ ଲୋକ ଉପରେ ସନ୍ଦେହକରି ତାଙ୍କୁ ଗିରଫକରିବା ସହ ତାଙ୍କ ପାଖରେ ଥିବା ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ। ସେ ଜିଲା ଆର୍‌ପିସିରେ ଜନତାନା ସରକାର ଉପାଧ୍ୟକ୍ଷ ଭାବେ ସକ୍ରିୟ ଥିବା ମାଓବାଦୀ ସଂଗଠନ ପାଇଁ କାମ କରୁଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ଗୋଟିଏ ଟିଫିନ୍ ବୋମା,ଡିଟୋନେଟର, କୋଡେକ୍ସ ତାର, ବିଦ୍ୟୁତ୍ ତାର, ପାୱାର ସୋର୍ସ ବ୍ୟାଟେରି ଓ ଶାବଳ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।



ଗିରଫ ମାଓବାଦୀ ।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

# ନାରୀ ସମ୍ମାନ, ସୁରକ୍ଷା ସଚେତନତା

## ଚିତ୍ରକୋଣ୍ଡା ସ୍ନାତକ ମହାବିଦ୍ୟାଳୟ

ମାଲକାନଗିରି,୨୩।୭(ଦୁର୍ଯ୍ୟୋଧନ ପାତ୍ର)

ନାରୀ ସମ୍ମାନ ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ବିହୀତ କା ପଦକ୍ଷେପ ସମର୍ଥନ ସ୍ୱରୂପ ଚିତ୍ରକୋଣ୍ଡା ସରକାରୀ ସ୍ନାତକ ମହାବିଦ୍ୟାଳୟ ଏକ ସଚେତନତ ଧର୍ମୀ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏକ ଦିବସୀୟ କର୍ମଶାଳାରେ ନାରୀ ସୁରକ୍ଷା ସମ୍ପର୍କରେ ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ ବିରୋଧରେ ଏବଂ ମହିଳାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଦିଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଯୌନ ନିର୍ଯାତନା ମୁକ୍ତ ଏକ ସୁରକ୍ଷିତ ସମ୍ମାନଜନକ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଶପଥ ଗ୍ରହଣ କରିଥିଲେ। କର୍ମଶାଳାରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଶକ୍ତିଶ୍ରୀ ଆପ୍ ୧୮୧ ହେଲ୍ପଲାଇନ୍ ନମ୍ବର ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହ ସେପରି କିଛି ସମ୍ଭାବ୍ୟ ପରିସ୍ଥିତିରୁ କିପରି ମୁକୁଳି ହେବ ସେଥିପ୍ରତି ସତର୍କ ରହିବାକୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଆଲୋକପାତ କରଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ ସମିତି ସଦସ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ସଦସ୍ୟମାନେ ନିଜ ନିଜ ଭୂମିକା ବିଷୟରେ ବୁଝାଇ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ କିପରି ସଚେତନତ କରାଇପାରିବେ ସେ ସମ୍ପର୍କରେ କହିଥିଲେ।



ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି ।

# କୁନ୍ଦୁରାରେ ନୂତନ ବିଡିଓଙ୍କ ଯୋଗଦାନ



ନୂଆ ବିଡିଓଙ୍କୁ ସ୍ୱାଗତ କରାଯାଉଛି।

କୁନ୍ଦୁରା, ୨୩।୭ (ସନ୍ତୋଷ ପ୍ରହରାଜ): କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ବୁଧବାର ନୂତନ ବିଡ଼ିଓ ଭାବେ ପି ମନସ୍ୱିତା ଯୋଗ ଦେଇଛନ୍ତି । ଭାରପ୍ରାପ୍ତ ବିଡିଓ ବିନୋଦ ଚନ୍ଦ୍ର ନାଏକଙ୍କଠାରୁ ସେ ଦାୟିତ୍ୱ ନେଇଛନ୍ତି। ଏଥିପୂର୍ବରୁ ସେ ମାଲକାନଗିରି ଜିଲା ଖଇରପୁଟ ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିଲେ। ବିଡିଓ କୁନ୍ଦୁରାରେ ପହଞ୍ଚିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ। କୁନ୍ଦୁରା ବ୍ଲକ୍‌ର ସର୍ବାଙ୍ଗୀନ ଉନ୍ନତି ସକାଶେ ଚେଷ୍ଟା କରିବେ ବୋଲି କହିଛନ୍ତି। ସେହିଭଳି ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ବିଭାଗରେ ଆବଶ୍ୟକ ରହିଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହିତ ସମସ୍ତଙ୍କୁ ନେଇ ଅଞ୍ଚଳର ବିକାଶ କରବେ ବୋଲି କହିଛନ୍ତି। କୋରାପୁଟ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲାରେ ଜନ୍ମ ଗ୍ରହଣ କରିଥିବା ପି ମନସ୍ୱିତା ୨୦୨୩ ବ୍ୟାଚର ପ୍ରଥମ ନିଯୁକ୍ତି ଭାବେ ନବରଙ୍ଗପୁର ଜିଲାରେ ସହକାରୀ ଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. MSM-TW-CERT-SBP-17-25

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ **20 KG. CI** ଟେଷ୍ଟ ୱେଟ୍ସର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (Calibration and Stamping) ନିମନ୍ତେ ଶ୍ରମିକ ପ୍ରଦାନ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 25,07,468/-, EMD : ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-18-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର **140T BD** କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968/-, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 06.08.2025, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26

**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/ 04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT .

PR 357973 Urban Development(25-26).D

Administrator
Phusro Nagar Parishad,Bokaro

# ୭୬ ତମ ବନ ମହୋତ୍ସବ

କୋରୁକୋଣ୍ଡା,୨୩।୭(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ସୋମନାଥପୁର ବନ ବିଭାଗ ପକ୍ଷରୁ ବୁଧବାର ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନିର୍ଦ୍ଦେଶ କ୍ରମେ ସୋମନାଥପୁର ବନପାଳ କ୍ଷୀରଲତା ନାୟକଙ୍କ ନେତୃତ୍ୱରେ ବୁଧବାର ପରକନମାଳା ପଞ୍ଚାୟତ ଅଧିନ ଦୋରାଗୁଡା ଗ୍ରାମ ଏବଂ ନିକଟରେ ଖାଲି ପଡ଼ିଥିବା ଜଙ୍ଗଲରେ ଆମ୍ବ, ପଣସ, ଅଁଳା, କଦମ୍ବ, ପିଜୁଳି, ନିମ୍ବ, କୃଷ୍ଣଚୂଡା ଓ ଚାକୁଣ୍ଡା, ଆଦି ବିଭିନ୍ନ ପ୍ରକାର ଶତାଧିକ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମବାସୀଙ୍କ ସମେତ ବନ ବିଭାଗର ବନରକ୍ଷୀ ସୁରାଭା ଦାସ, ପାରା କର୍ମଚାରୀ ମଙ୍ଗଳା ଶୁଆବି ଏବଂ ମେଘନାଥ ଖିଲ ପ୍ରମୁଖଙ୍କ ମିଳିତ ସହଯୋଗରେ ଚାରା ରୋପଣ କରାଯାଇଥିଲା।




ବନ ମହୋତ୍ସବରେ ଚାରା ରୋପଣ କରାଯାଉଛି

# ଫୁପୁଗାଁରେ ଧାନମଣ୍ଡି ଖୋଲିବାକୁ ପ୍ରଶାସନର ଦ୍ୱାରସ୍ଥ

## ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର ୨୩।୭(ପବନ ପାଣିଗ୍ରାହୀ)

ଫୁପୁଗାଁରେ ଧାନ ମଣ୍ଡି ଖୋଲିବାକୁ ଜୟପୁର ଉପ ଜିଲାପାଳଙ୍କ ନିକଟରେ ଚାଷୀ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କୋଟପାଡ ବ୍ଲକ ଅନ୍ତର୍ଗତ ବୋବେୟା ପଞ୍ଚାୟତ ଫୁପୁଗାଁ, ଏକୋମ୍ବା, ଭାଜିଗୁଡା ଓ ମିଁଚିୟା ଗ୍ରାମର ଚାଷୀମାନେ ଲିଖିତ ଜଣାଇଛନ୍ତି । ବୋବେୟାଠାରେ ଧାନମଣ୍ଡି ହୋଉଛି, କିନ୍ତୁ ଚାଷୀମାନେ ନିଜର ଧାନ ପଞ୍ଜୀକରଣ ନିମନ୍ତେ ସେଠାକୁ ଯାଇ ବହୁତ ହଇରାଣ ହେଉଛନ୍ତି। ଉକ୍ତ ମଣ୍ଡିରେ ୬୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରି ଧାନ ଆଣୁଛନ୍ତି। ଉପଯୁକ୍ତ ସ୍ଥାନ ଅଭାବ ସହ ଗୋଦାମ ଗୃହ ମଧ୍ୟ ନାହିଁ। ତେଣୁ ଧାନ ରଖିବା ଓ ଚାଷୀମାନେ ଧାନ ଆଣିବା ନିମନ୍ତେ ଦୂର ଦୂରାନ୍ତରୁ ଆସି ବହୁତ ହଇରାଣ ହରକତ ହେଉଛନ୍ତି । ଗୋଟିଏ ଜାଗାରେ ବହୁତ ଧାନ ଆସୁଥିବାରୁ ନିକଟସ୍ଥ ଫୁପୁଗାଁଠାରେ ନୂତନ ମଣ୍ଡି କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୃଷକ କଲ୍ୟାଣ ମଞ୍ଚ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ଚାଷୀମାନେ ଦାବି କରିଛନ୍ତି।



ଚାଷୀମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଚନ୍ତି।

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)** | **ଡିମାଣ୍ଡ ନୋଟିସ୍**

କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍‌କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରୀଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ **୬୦ଦିନ** ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| **କୋଦଳା ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ମହେଶ୍ୱର ରାଉତ,** ପିତା: ୰ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ମହେଶ୍ୱର ରାଉତ,** ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, **ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ** |
| **କୋଦଳା ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / **ବନ୍ଧକ ଋଣ** |
| **ନୂଆପେଣ୍ଠ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **୰ ରାମ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁ, ୰ ରାମ ଚନ୍ଦ୍ର ସାହୁଙ୍କୁ ପ୍ରତିନିଧିତ୍ୱ କରୁଥିବା **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କୁନ୍ତି ସାହୁ,** ସ୍ୱାମୀ: ୰ ରାମ ଚନ୍ଦ୍ର ସାହୁ, **୨) ଶ୍ରୀ ସଞ୍ଜୟ ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, **୩) ଶ୍ରୀ** | ୧୬.୧୦.୨୦୨୪ / ୧୬.୧୦.୨୦୨୪ ସୁଦ୍ଧା ଟ.୧୧,୮୫,୩୧୧.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **୰ ରାମ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ଓଳପୁର, ଥାନା: ନୂଆଗାଁ, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୯୫୨, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରି/ ମିଆଦି ଋଣ |

**ସନ୍ତୋଷ ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀମତୀ ସଞ୍ଜୁ ସାହୁ,** ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, ସା: କାଳିଗାଁ, ପୋ: ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ପିନ୍-୫୩୨୩୧୨ / **ଜାମିନ୍‌ଦାରମାନେ: ୧) ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୨) ଶ୍ରୀ ପ୍ରଭାକର ପଣ୍ଡା,** ପିତା: ୰ ରାମ ଚନ୍ଦ୍ର ପଣ୍ଡା, ସା: ତାଳପଡ଼ା, ପୋ: ଖାରିଆଗୁଡ଼ା, ଭାୟା: ସୁରଙ୍ଗୀ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୩) ଶ୍ରୀ ଦେବରାଜ ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀ ଜଗନ୍ନାଥ ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦ / **ଆକାଉଣ୍ଟ ନଂ.: ୧୩୫୩୫୪୪୪୧୭୧**

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

# ପଥର ଅତଡ଼ା ଖସି ମାଳିମୁଣ୍ଡା ପୋଲ ଧସିଲା

## ଖିଲୁଆ-ବଣ୍ଡକାପୁଟ ଆରଡି ରାସ୍ତାରେ ଯାତାୟାତ ଠପ୍

ନନ୍ଦପୁର ୨୩।୭
(ତୁଷାର କାନ୍ତ ମହାନ୍ତି)

ପ୍ରବଳ ବର୍ଷାରେ ଖିଲୁଆ-ବଣ୍ଡକାପୁଟ ରାସ୍ତାରେ ମାଳିମୁଣ୍ଡାର ପାହାଡ ଉପର ମୁଣ୍ଡରୁ ପଥର ଅତଡ଼ା ଖସି ଆରଡି ରାସ୍ତାର ପୋଲ ଧସିବା ସହ ରାସ୍ତାରେ ପଥର ଜମାହୋଇ ରହିଛି। ଫଳରେ ହିକିମପୁଟ ପଞ୍ଚାୟତ ଖିଲୁଆଠାରୁ ଭାଲୁଗୁଡା ଓ ବଣ୍ଡକାପୁଟ ଦେଇ କସନ୍ଦି ପଞ୍ଚାୟତ ସଦରକୁ ଯାତାୟାତ ଠପ୍ ହୋଇଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ନନ୍ଦପୁର ଅଞ୍ଚଳରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହାଳ ଏତେ ଅଧିକ ଥିଲା, କମ୍ ସମୟରେ ରାସ୍ତା ଘାଟ ନଦୀ ନାଳ ବୁଡି ଯାଇଥିଲା। ଖିଲୁଆ-ବଣ୍ଡକାପୁଟ ରାସ୍ତା ସମେତ ମାରଡ଼ା-ନୀଳଦୋରାପୁଟ ରାସ୍ତାରେ ଥିବା ପୋଲ ଉପରେ ଅଣ୍ଟାଏ ଜଳ ପ୍ରବାହିତ ହୋଇଥିଲା।



ରାସ୍ତାରେ ଜମାହୋଇ ରହିଥିବା ପଥର ।

ବର୍ଷା ଛାଡିବାର ଘଣ୍ଟାଏ ପରେ ନୀଳ ଦୋରାପୁଟ ରାସ୍ତା ପୋଲ ଉପରେ ପାଣି କମି ଯାଇଥିଲା। କିନ୍ତୁ ଖିଲୁଆ-ବଣ୍ଡକାପୁଟ ରାସ୍ତାର ମାଳିମୁଣ୍ଡାର ପାହାଡ ତଳ ଝରଣା ଦେଇ ରାସ୍ତା ଉପରକୁ ପାହାଡ଼ରୁ ବଡ ବଡ ପଥରର ଅତଡ଼ା ଖସି ଜଳ ସେଚନ ପ୍ରକଳ୍ପ (ଏମ୍ଆଇପି) ସମେତ ରାସ୍ତାର ପୋଲକୁ ଧସେଇ ଦେଇଥିବା ଦେଖିବାକୁ ମିଳିଥିଲା। ବଡ ବଡ ପଥର ଜମାହୋଇ ରହିଥିବାରୁ ଯାତାୟାତ ଠପ୍ ହୋଇଛି। ପୋଲର ଗୋଟିଏ ପାର୍ଶ୍ୱ ଧସି ଯାଇଥିବା ବେଳେ ସୁରକ୍ଷା ପାଚେରି ସମ୍ପୂର୍ଣ୍ଣ ଧୋଇ ଯାଇଛି। ଜଳ ସେଚନ ପ୍ରକଳ୍ପ ଆଡିବନ୍ଧ ସମେତ ଡ୍ରେନ ନଷ୍ଟ ହୋଇଛି। ତଳମୁଣ୍ଡରେ ଥିବା ଚାଷ ଜମିରେ ମାଟି ପଥର ଜମା ହୋଇ ରହିଥିବା କ୍ଷେତ୍ର ପରିଦର୍ଶନ କରି ଭାଜପା କାର୍ଯ୍ୟକର୍ତ୍ତା ଜୟରାମ ଭୋଇ କହିଛନ୍ତି। ଘଟଣା ସମ୍ପର୍କରେ ନନ୍ଦପୁର ତହସିଲଦାର ଓ ବିଡିଓ, ସୁନାବେଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଓ ଜଳସେଚନ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ନ ଥିବା ଭୋଇଙ୍କ ସମେତ ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି ।

# ଲ୍ୟାମ୍ପସ୍ ମାଧ୍ୟମରେ ଧାନ କ୍ରୟ ଦାବି



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ।

## ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ଜୟପୁର, ୨୩।୭(ପବନ ପାଣିଗ୍ରାହୀ)

ଧାନ ସଂଗ୍ରହ ପାଇଁ ଜାମୁଣ୍ଡା ମଣ୍ଡିରେ ଏସଏଚ୍‌ଜିକୁ ବାଦ ଦେଇ କୁମୁଲିପୁଟ ଲ୍ୟାମ୍ପ୍‌ସକୁ ରେଜିଷ୍ଟ୍ରେସନ ଏବଂ ଧାନ କ୍ରୟର ସୁଯୋଗ ଦେବାକୁ ବୁଧବାର ଚାଷୀମାନେ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୟପୁର ଉପ ଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଦାବିପତ୍ର ଗ୍ରହଣ କରିଛନ୍ତି। ଜାମୁଣ୍ଡା ମଣ୍ଡିରେ ଦିଆଯାଇଥିବା ଏସ୍ଏଚ୍‌ଜି କାର୍ଯ୍ୟରେ ଅନିୟମିତକା କରୁଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ପ୍ରକୃତ ଚାଷୀମାନଙ୍କର ଧାନ ଠିକ୍ ସମୟରେ କିଣାଯାଉ ନାହିଁ। ପ୍ରକୃତ ଚାଷୀଙ୍କୁ ପ୍ରାଥମିକତା ଦିଆନଯାଇ ମିଲର, ଦଲାଲ ଏବଂ ବ୍ୟବସାୟୀଙ୍କ ଧାନ ପ୍ରଥମେ କିଣାଯାଉଛି। ରେଜିଷ୍ଟ୍ରେସନ ସମୟରେ ବାହାର ଚାଷୀମାନଙ୍କ ନିଳଗିରି ବାଡ, ଆମ୍ବତୋଟା, ଆଖୁ ଚାଷ ଜମି, ଡଙ୍ଗର ପୋଖରୀ ଆଦିକୁ ରେଜିଷ୍ଟ୍ରେସନ କରାଯାଉଛି। ପଞ୍ଜିକୃତ ପ୍ରକୃତ ଚାଷୀମାନଙ୍କ ଧାନ ପ୍ରଥମେ ନ କିଣି ଦଲାଲମାନଙ୍କର ଧାନ ଆଗ କିଣାଯାଉଥିବା ଉଲ୍ଲେଖ କରାଯାଇଛି। ଚାଷୀମାନେ ଧାନ କ୍ରୟ କରିବା ପାଇଁ କହିଲେ ଟୋକେନ ସିରିୟଲରେ ଆସିବ, କେତେବେଳେ ମାସ ନାହିଁ, ସାସ୍ ନାହିଁ ଗାଡି ଯୋଗାଡ କର ବୋଲି କହି ସମୟ ଗଡ଼ାଯାଉଛି। ମିଲରଙ୍କ ସହ ଆଲୋଚନା କରିବାକୁ ବାଧ୍ୟକରାଯାଉଛି। ମିଲରଙ୍କ ସହ ଆଲୋଚନା କରି ସ୍ଲିପ ନ ଆଣିଲେ ଆଇ ସ୍କାନ କରିବାକୁ ଧମକ ଦିଆଯାଉଛି। ଟୋକେନ ଲେପସ ହେବା ଭୟରେ ଚାଷି ମିଲରଙ୍କୁ କୁଇଣ୍ଟାଲ ପିଛା ୫ରୁ ୧୫ କେଜି ଅଧିକା ଧାନ ଦେବାକୁ ବାଧ ହେଉଛୁ ବୋଲି କହିଛନ୍ତି। ଏସ୍ଏଚ୍‌ଜି ଏବଂ ସ୍ଥାନୀୟ ମିଲର ମିଳି ମିଶି ଚାଷୀଙ୍କୁ ଲୁଟୁଛନ୍ତି । ଏଭଳି କାଯ୍ୟଧାରୀ ଜାରି ରହିଲେ ଆତ୍ମହତ୍ୟା କରିବାକୁ ବାଧ ହେବୁ ବୋଲି ଚାଷୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୃଷକ କଲ୍ୟାଣ ମଞ୍ଚ କୋରାପୁଟ ଜିଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ, କେ. ଶ୍ରୀନିବାସ ରାଓ, ଚିରଞ୍ଜିବୀ ପଟ୍ଟନାୟକ, ସୁରେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ନେତାଙ୍କ ଫଟୋରେ ନିଆଁ ଲଗାଇ ଭାଜପାର ବିକ୍ଷୋଭ

ଜୟପୁର, ୨୩।୭(ପବନ ପାଣିଗ୍ରାହୀ)

କଂଗ୍ରେସ ଦଳ ନାରୀ ସୁରକ୍ଷା ପାଇଁ ଯେଉଁ ଡ୍ରାମା କରୁଛନ୍ତି ତାହାର ପ୍ରର୍ଦ୍ଦାଫାଶ ହୋଇଛି। ଜଣେ ଯୁବତୀକୁ ଛାତ୍ର କଂଗ୍ରେସ ଯୁବ ସଭାପତି ଉଦିତ ପ୍ରଧାନ ନିଶା ଦେଇ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା ରୁଜୁ କରି ଉଦିତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ଜୟପୁର ଭାଜପା ଅଭିଯୋଗ କରିଛି। ଛାତ୍ର କଂଗ୍ରେସ ସଭାପତିଙ୍କ କାଯ୍ୟ କଳାପକୁ ବିରୋଧ କରି ବୁଧବାର ଜୟପୁର ମଣ୍ଡଳ ସଭାପତି ମନୋଜ କୁମାର ସୋ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ରଜାନହରରେ ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଦାସ ଓ ପୁର୍ବତନ ଛାତ୍ର ଯୁବ ସଭାପତି ଉଦିତ ପ୍ରଧାନଙ୍କ ଫଟେରରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଭାଜପା ନେତା ଓ କର୍ମୀମାନେ ସାମିଲ ଥିଲେ।

# ବଜ୍ରପାତରୁ ସୁରକ୍ଷା ବାର୍ତ୍ତା ଦେବ ସଚେତନତା ରଥ



ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କୋରାପୁଟ,୨୩।୭(ଅମିତାଭ ବେହେରା)

ବଜ୍ରପାତ ସମୟରେ କିପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସେ ନେଇ ବୁଧବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। କୋରାପୁଟ ଜିଲା ଜରୁରୀ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଜନସାଧାରଣ ସଚେତନ ହେବା ସହ ଜିଲାରୁ ବଜ୍ରପାତ ଜନିତ ମୃତ୍ୟୁ ମଧ୍ୟ ହ୍ରାସ ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଗତ ୧୦ ବର୍ଷରେ ଓଡ଼ିଶାରେ ବଜ୍ରପାତ୍ରରେ ୪ ହଜାର ୧୩୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ସମୟ ମଧ୍ୟରେ କୋରାପୁଟ ଜିଲାରେ ପ୍ରାୟ ୧୭୫ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସିଡିଓ ବେଣୁଧର ଶବର, ଅତିରିକ୍ତ ଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ତପନ ନାୟକ, ଜିଲା ଜରୁରୀକାଳୀନ ଅଧିକାରୀ ଏମ୍ ନୀଳକଣ୍ଠ ନାଇଡୁଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ।


# ସଚଳ ହେଲା କଦମଗୁଡ଼ା ପାନୀୟଜଳ ପ୍ରକଳ୍ପ

**ଧରିତ୍ରୀ ପ୍ରଭାବ**

**ବଦଳିଲା ସୋଲାର ପ୍ୟାନେଲ**

ନନ୍ଦପୁର, ୨୩।୭(ତୁଷାରକାନ୍ତ ମହାନ୍ତି)

ବର୍ଷା ଦିନରେ ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକ କୁମାରଗନ୍ଧନା ପଞ୍ଚାୟତ କଦମଗୁଡା ଗ୍ରାମବାସୀ ସୌରଚାଳିତ ପ୍ରକଳ୍ପର ଅଚଳାବସ୍ଥା ଯୋଗୁ ଜଳକଷ୍ଟ ଭୋଗୁଥିଲେ। ଏ ନେଇ ଗତ ୧୧ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଲାମତାପୁଟ ବ୍ଲକ ଓ କୋରାପୁଟ ଜିଲା ପ୍ରଶାସନ ତତ୍ପରତା ଦେଖାଇ ପ୍ରକଳ୍ପର ମରାମତି କରିଛନ୍ତି। ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ଲମତାପୁଟ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାରଠାରୁ ସୌର ଚାଳିତ ପ୍ରକଳ୍ପର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକି ବୁଧବାର ଶେଷ ହୋଇଛି। ପ୍ରକଳ୍ପର ପୁରୁଣା ସୋଲାର ପ୍ୟାନେଲ କାଢ଼ି ନୂତନ ପ୍ୟାନେଲ ଲଗାଯାଇଛି। ନଳକୂପ ଭିତରୁ ମୋଟର କାଢି ଯାଞ୍ଚ କରାଯାଇଛି। ନୂତନ ଟ୍ୟାପ ଲଗାଇବା ପରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା। ଯାହାକୁଦେଖି ଗ୍ରାମର ୱାର୍ଡସଭ୍ୟ ମଞ୍ଜୁଲତା ପାଙ୍ଗି, ବନମାଳୀ ନାୟକ, ନାବ କିଶାନୀ, ଚୈତନ୍ୟ ନାୟକ, କିଶୋର ପାଙ୍ଗି ପ୍ରମୁଖଙ୍କ ସମେତ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି।



ମରାମତି କାମ ଚାଲିଛି।

# ଫାର୍ମାସି କଲେଜ ପରିସରରେ ଚାରାରୋପଣ

ଜୟପୁର, ୨୩।୭ (ପବନ ପାଣିଗ୍ରାହୀ)

ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ରଣ୍ଡାପାଲ୍ଲିସ୍ଥିତ ଜୟପୁର କଲେଜ ଅଫ ଫାର୍ମାସି ପରିସରରେ ବୁଧବାର ଚାରାରୋପଣ କରାଯାଇଛି। ଏହି ଅବସରରେ କଲେଜର ଇଭେଣ୍ଟ ମ୍ୟାନେଜମେଣ୍ଟ କମିଟି ତରଫରୁ ବନ ସୁରକ୍ଷା ଜାଗରଣ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ପ୍ରତାପ କୁମାର ବେହେରା, ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ନେପାକ ଉପସ୍ଥିତ ରହି ଜଙ୍ଗଲର ଉପକାରିତା, ମନୁଷ୍ୟର ଦୈନନ୍ଦିନ ଜୀବନରେ କିଭଳି ପ୍ରଭାବ ପକାଉଛି ଏବଂ ଗଛ ଆମର ଶ୍ୱାସ ପ୍ରଶ୍ୱାସରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ସେ ନେଇ ବୁଝାଇଥିଲେ । ଏଥିସହ ସମସ୍ତଙ୍କୁ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ । କଲେଜର ଡାଇରେକ୍ଟର ଡ. ପ୍ରିୟମ୍ବଦା ଷଡଙ୍ଗୀ କାର୍ଯ୍ୟକ୍ରମ ସଭାପତିତ୍ୱ କରିଥିବା ବେଳେ କଲେଜର ଉପାଧ୍ୟକ୍ଷ ସଂଗ୍ରାମ କେଶରି ପଣ୍ଡା ମଞ୍ଚାସୀନ ଥିଲେ । ଏହି ଅବସରରେ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କଲେଜର ରାଜ କିଶୋର ଦାସ, ରାମଚନ୍ଦ୍ର ପାଙ୍ଗି, ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।




ବନ ସୁରକ୍ଷା ଜାଗରଣ ସମ୍ମିଳନୀରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ୨ ଘରୁ କ୍ରମାଗତ ଚୋରି, ଟେର୍ ପାଉନି ପୋଲିସ

ଦଶମନ୍ତପୁର,୨୩।୭( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେ ଚୋରି ବୃଦ୍ଧିପାଉଛି। ୨ ଘରୁ କ୍ରମାଗତ ଚୋରିହେବା ଫଳରେ ଜନସାଧାରଣଙ୍କ ନିଦ ହଜାଇଦେଇଛି। ବ୍ଲକ୍‌ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ କିଛି ମାସ ହେଲା ଗୋଟିଏ ପରେ ଗୋଟିଏ ଅଳ୍ପ ଦିନ ବ୍ୟବଧାନରେ ଚୋରି ହେଉଥିବା ବେଳେ ପୋଲିସ ସେମାନଙ୍କ ଟେର୍‌ପାଉନାହିଁ। ଧରିତ୍ରୀ ଖବରଦାତାଙ୍କ ଘରୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ବେଳେ ବ୍ଲକ୍ ହାଟପଦାଠାରେ ରହୁଥିବା ବାଣୁଆଙ୍କ ଘରୁ ରାତିରେ ଚୋରି ହୋଇଥିଲା। ମଙ୍ଗଳବାର ରାତିରେ ଚୋରମାନେ ମାରଣାସ୍ତ୍ର ଧରି ବ୍ଲକ୍ ବିଜେଡି ଯୁବ ସଭାପତି କୁମାର ଚେଟ୍ଟୀଙ୍କ ଘର ପଛ କବାଟ ଗେଡ଼ା ଭାଙ୍ଗି ଭିତରେ ପଶି କୌଣସି ନିଶା ଔଷଧ ମୁହଁରେ ଦେଇ ଗଡ୍‌ରେଜ୍‌ରେ ଥିବା ସୁନା ଅଳଙ୍କାର ସହ ୧ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏହା ସହ ସମ୍ମୁଖରେ ରହୁଥିବା ଜଣେ ଖବରଦାତା ହାବିଲ ଡଙ୍ଗରିଙ୍କ ଘରୁ ୨ ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଶୁକ୍ରବାର ହାଟ ଦିନ ଅପରାହ୍ଣ ପ୍ରାୟ ୪ଟାରେ ଏକ ବାଇକ୍‌ରେ ହାଟକୁ ଆସୁଥିବା ଜଣେ ମହିଳାଙ୍କ ବେକରୁ ସୁନାହାର ଛିଣ୍ଡାଇ ନେଇଥିଲେ। ରାତିରେ ଲୁହାରଡ୍, ପାଣିମଟର ଚୋରି ହୋଇଥିବା ଯୋଗୁ ଅଞ୍ଚଳ ଲୋକେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଆଇନକୁ କଡ଼ାକଡ଼ି କରାଯିବା ସହ ରାତି ପାଟ୍ରୋଲିଂ କରାଯାଇ ଚୋରଙ୍କୁ ଧରିବାକୁ ସାଧାରଣରେ ଦାବି ହେଉଛି।

# ପଞ୍ଜୀକରଣ ପାଇଁ କାର୍ଯ୍ୟାଳୟରେ ଚାଷୀଙ୍କ ଭିଡ଼

## ନେଟ୍‌ୱର୍କ ସମସ୍ୟା

କୋଟପାଡ଼,୨୩।୭(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ସମବାୟ ବିଭାଗରେ ଚଳିତ ଖରିଫ ଚାଷ ସକାଶେ ପଞ୍ଜୀକରଣ ଲାଗି କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି । ସରକାରଙ୍କ ନିୟମ ଅନୁଯାଇ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ସମୟ ଥିବା ବେଳେ କେବଳ ଗୋଟିଏ କାଉଣ୍ଟର ଖୋଲାଯାଇ ଏଠାରେ ପଞ୍ଜୀକରଣ ହେଉଥିବା ବେଳେ ନେଟ୍‌ୱର୍କ ସମସ୍ୟା ଯୋଗୁ କାର୍ଯ୍ୟ ଆଗେଇ ପାରୁନଥିବାରୁ ଦୂର ଦୁରାନ୍ତରର ଚାଷୀ ସକାଳ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି ବୋଲି ଅଭିଯୋଗ କରିଛିନ୍ତି। ଅନ୍ୟପକ୍ଷରେ ରେଜିଷ୍ଟ୍ରେଶନ ଫର୍ମ ମଧ୍ୟ ଚାଷୀ ନିଜେ ଜେରକ୍ସ କରିବାକୁ ପଡୁଛି। ଗତ ରବିଚାଷ ଟଙ୍କା ବର୍ତ୍ତମାନ ସୁଦ୍ଧା କେତେକ ଚାଷୀ ପାଇ ନ ଥିବାରୁ ସେମାନେ କିଭଳି ଚଳିତ ଖରିଫ ଚାଷ କରିବେ ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ଚାଷୀଙ୍କୁ ଆବଶ୍ୟକ ଅନୁଯାଇ ସମବାୟ ଭିବାଗ ତରଫରୁ ସାର ଯୋଗାଇ ଦିଆଯାଉ ନ ଥିବାରୁ ଟୋକନ୍ କାଟି ଅପେକ୍ଷା କରିବାକୁ ପଡୁଥିବା ଜଣା ପଡିଛି। କେତେକ ପଞ୍ଚୟତ ଓ ଗ୍ରାମାଞ୍ଚଳରେ ଚାଷ କାର୍ଯ୍ୟ ଆଗେଇ ଯାଇଥିବା ବେଳେ ଭିଭାଗ ତରଫରୁ ଯଥା ଶୀଘ୍ର ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ବର୍ତ୍ତମାନଠାରୁ ସାର ଅଭାବ ଦେଖା ଦେଉଥିବା ଗ୍ରାମାଞ୍ଚଳରେ ଚଢା ଦରରେ ବିକ୍ରି ହେଉଥିବା ଚାଷୀ କହୁଥିବା ବେଳେ କୃଷି ବିବାଗ ତଫରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।



ପଞ୍ଜୀକରଣ ଲାଗି କାର୍ଯ୍ୟାଳୟରେ ଚାଷୀମାନେ ଭିଡ ଜମାଇଛନ୍ତି।

# ଚିନ୍ତା ବଢ଼ାଉଛନ୍ତି ବୁଲା ଗୋରୁ, କୁକୁର

ସୁନାବେଡ଼ା/ସେମିଳିଗୁଡ଼ା,୨୩।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଦିନକୁ ଦିନ ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ବୁଲା ଗୋରୁ ଓ କୁକୁରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୌର ପ୍ରଶାସନର ତାଗିଦାକୁ ଗୋରୁ ପାଳୁଥିବା ଲୋକେ ମାନୁ ନ ଥିବାରୁ ଅନେକ ସମୟରେ ସାଧାରଣ ଜନତା ସମସ୍ୟାରେ ପଡୁଥିବା ଅଭିଯୋଗ ହୁଏ। ଏମିତିକି ଗୋରୁ ରାଜପଥ ମାଡ଼ିବସୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହୋଇଥିବା ନଜିର ରହିଛି। ବେଳେବେଳେ ବୁଲା ଗୋରୁଙ୍କ ପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେଉଛି। ତଥାପି ନା ପ୍ରଶାସନ ନା ମାଲିକମାନେ କେହି ଏଥିପ୍ରତି ସଜାଗ ହେଉ ନ ଥିବା ଦେଖିବାକୁ ମିଳିଛି । ବିଗତ ଦିନରେ ଅନେକ ଥର ଗାଈ ପାଳୁଥିବା ବ୍ୟକ୍ତିଙ୍କୁ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଛି। ହେଲେ ଏଥିରେ କୌଣସି ସୁଫଳ ମିଳିନାହିଁ। ବୁଦ୍ଧିଜୀବୀମାନଙ୍କ ମତରେ ଏହାର ମୁଖ୍ୟ କାରଣ ପ୍ରଶାସନ କେବଳ ପ୍ରଚାର କରିଦେଇ ଚୁପ୍ ବସିଯାଉଛି। ଯଦି ଗୋରୁଙ୍କୁ ରାସ୍ତା ଉପରକୁ ଛାଡୁଥିବା ମାଲିକଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଆନ୍ତା ତେବେ ଏପରି ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ। ପୌର ପ୍ରଶାସନ ଶ୍ରୀଘ୍ର ଏକ କାଞ୍ଜିଆହୁଦା ତିଆରିକରି ବୁଲା ଗୋରୁଙ୍କୁ ସେଠାରେ ରଖିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଦିନକୁଦିନ ବୁଲା କୁକୁରଙ୍କ ସଂଖ୍ୟା ମଧ୍ୟ ଅହେତୁକ ବୃଦ୍ଧି ପାଇଛି । ଫଳରେ ଏମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ। ଡାକ୍ତରଖାନା ତଥ୍ୟ କହୁଛି ଗତ ଜୁନ୍‌ରେ ୭୩ ଜଣ କୁକୁର ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହୋଇଥିବା ବେଳେ ଜୁଲାଇ ୨୨ ପର୍ଯ୍ୟନ୍ତ ୩୯ ଜଣ ଏହାର ଶିକାର ହୋଇଛନ୍ତି। ଏହା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇଛି। ସରକାର କିଛିଦିନ ତଳେ କୁକୁର ବନ୍ଧ୍ୟାକରଣ ପାଇଁ ପଦକ୍ଷେପ ନେଇଥିଲେ। ହେଲେ ଏଠାରେ ସେପରି କିଛି ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ପିଲାମାନେ ଅନ୍ଧାର ରାତିରେ ଟିଉଶନ କିମ୍ବା ଖେଳକୁଦ ସାରି ଫେରିବା ସମୟରେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ତା'ଛଡ଼ା ଦିନବେଳେ ଛୋଟ ପିଲାମାନେ ଏକୁଟିଆ ସ୍କୁଲକୁ ଯିବା ଆସିବା କରୁଛନ୍ତି । ତେଣୁ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ। ଏ ସମ୍ପର୍କରେ ସୁନାବେଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ କୁକୁର ଧରିବା ପାଇଁ ସ୍ୱତନ୍ତ୍ର ଗାଡ଼ି ରହିଛି, ଯାହା ଆମ ପାଖରେ ନାହିଁ କି ଜୟପୁର ଓ କୋରାପୁଟ ପୌରପାଳିକାରେ ମଧ ନ ଥିବା କହିଛନ୍ତି। ଆଗକୁ ଗାଡ଼ି ବ୍ୟବସ୍ଥା କରାଯାଇ କୁକୁର ଧରାଯିବ ଏବଂ ବନ୍ଧ୍ୟାକରଣ ବ୍ୟବସ୍ଥା ଏଠାରେ ନ ଥିବା କହିଛନ୍ତି। ବୁଲା ଗୋରୁଙ୍କ ପାଇଁ ଗୋଟିଏ ଗୋଶାଳା ତିଆରି ପାଇଁ କାଉନସିଲ ବୈଠକରେ ଆଲୋଚନା ହୋଇଛି । ତାହା ମଧ ଶୀଘ୍ର ତିଆରି କରାଯାଇ ଗୋରୁଙ୍କ ରହିବା ବ୍ୟବସ୍ଥା କରାଯିବ ବୋଲି ଚୌଧୁରୀ କହିଛନ୍ତି।



# ପୁଣି ଚମକିବ ଡଙ୍ଗରିଆଙ୍କ କାପଡ଼ାଗୁନ୍ଧା ଶାଲ୍

■ବୁଣାକାରଙ୍କୁ ରୋଜଗାରକ୍ଷମ କରିବାକୁ ଜିଲା ପ୍ରଶାସନର ଉଦ୍ୟମ

■ପ୍ରଥମ ପର୍ଯ୍ୟାୟରେ ୩୦ ମହିଳାଙ୍କୁ ଦିଆଯାଉଛି ତାଲିମ





ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳା କାପଡାଗୁନ୍ଧା ଶାଲ୍ ବୁଣୁଛନ୍ତି।

ବିଷମକଟକ,୨୩।୭(ପ୍ରସନ୍ନ କୁମାର ପଣ୍ଡା)

ପୁଣି ଚମକିବ ନିୟମଗିରିରେ ବସବାସ କରୁଥିବା ବିରଳ ଜନଜାତି ଡଙ୍ଗରିଆଙ୍କ କପଡାଗୁନ୍ଧା ଶାଲ୍। ଗତ ବର୍ଷ କାପଡ଼ାଗୁନ୍ଧା ଶାଲ୍‌କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଥିବାବେଳେ ଏବେ ନୂଆ ଡିଜାଇନ ସହ ଏହି ଶାଲ୍ ବଜାରକୁ ଆସିବ। ସାରା ଭାରତରେ ଡଙ୍ଗରିଆଙ୍କ ହାତବୁଣା ଶାଲ୍ ବା କାପଡ଼ାଗୁନ୍ଧାର ଚାହିଦା ରହିଥିବାରୁ ଏହାକୁ ନୂଆ ରୂପ ଦେବା ସହ ବୁଣାକାରଙ୍କୁ ରୋଜଗାରକ୍ଷମ କରିବା ପାଇଁ ରାୟଗଡା ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ଏହାକୁ ଲୋକଲୋଚନକୁ ଆଣିବା, ପ୍ରଚାରପ୍ରସାର ତଥା ମାର୍କେଟ ବ୍ୟବସ୍ଥା ପାଇଁ ରାୟଗଡା ଆଇଟିଡିଏ ନୂଆ ଉଦ୍ୟମ ଆରମ୍ଭ କରିଛି। ଅଧିକ କଳାକୃତି ଓ କୌଶଳ ଶିଖିବା ପାଇଁ 'ଆଦି ଶିଳ୍ପୀ' ଯୋଜନାରେ ଡଙ୍ଗରିଆ ବୁଣାକାରଙ୍କୁ ତାଲିମ ଦିଆଯାଉଛି। ହସ୍ତଶିଳ୍ପ ବିଭାଗ ଓ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଉଦ୍ୟମରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ ରାୟଗଡା ଶାଖା ଦ୍ୱାରା ଚାଟିକୋଣା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ଗତ ୩ ମାସ ହେଲା କୁର୍ଲି ଗ୍ରାମପଞ୍ଚାୟତର ୩୦ ମହିଳାଙ୍କୁ ତାଲିମ ଦିଆଯାଉଛି । ସେମାନଙ୍କୁ ୬ ମାସ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ। ପ୍ରଶିକ୍ଷକ ଭାବେ ଭୁବନେଶ୍ୱରରୁ ସ୍କାର୍ପ ଡିଜାଇନର ଲିପ୍ସା ହେମ୍ବ୍ରମ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। କାପଡ଼ାଗୁନ୍ଧା ଶାଲ୍ ବୁଣା କାରୁକାର୍ଯ୍ୟ କିପରି ଅଧିକରୁ ଅଧିକ ସୂକ୍ଷ୍ମ ହୋଇପାରିବ। କାପଡାଗୁନ୍ଧାରେ ରହିଥିବା ଡିଜାଇନକୁ କିଭଳି ମୋବାଇଲ କଭର, ଝୁଲାବ୍ୟାଗ୍, ଉତ୍ତରୀୟ, ଦୁପଟ୍ଟା, ଚୁନିରିରେ ସ୍ଥାନିତ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ଦିବସରେ ମହିଳାମାନଙ୍କୁ ୩୦୦ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ମହିଳାମାନେ ଏହି ପ୍ରଶିକ୍ଷଣ ନେବା ପରେ ସେମାନେ ନିଜ ଅଞ୍ଚଳର ମହିଳା ଏବଂ ଝିଅଙ୍କୁ କଳାକୃତି ବୁଣିବାର ପ୍ରଶିକ୍ଷଣ ଦେବେ। ଫଳରେ ଆଦିମ ଜନଜାତି ଡଙ୍ଗରିଆଙ୍କ ଆର୍ଥିକ ସ୍ଥିତ ସୁଦୃଢ଼ ହେବା ସହ ସେମାନଙ୍କୁ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସବୁ ଖୋଲା ବଜାରରେ ଉପଲବ୍ଧ ହୋଇପାରିବ ବୋଲି ଚାଟିକୋଣା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଅଧିକାରୀ ଜଗବନ୍ଧୁ ମେହେର କହିଛନ୍ତି।

ବିଷମକଟକ ବ୍ଲକ୍ ଅନ୍ତର୍ଗତ ନିୟମଗିରି କୁର୍ଲି ପଞ୍ଚାୟତରେ ଶହ ଶହ ବର୍ଷ ଧରି ବସବାସ କରୁଥିବା ଡାଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳାମାନେ ଏହି ଶାଲ୍‌କୁ ବୁଣି ବିଭିନ୍ନ ଜାନିଯାତ୍ରା ସମେତ ଶୁଭକାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଶାଲ୍‌ର ଆକର୍ଷଣୀୟ ଡିଜାଇନ ସାଙ୍ଗକୁ ଡଙ୍ଗରିଆଙ୍କ କଳା, ସଂସ୍କୃତି ଓ ଐତିହ୍ୟର କଥା କହୁଥିବାରୁ କାପଡ଼ାଗୁନ୍ଧା ଶାଲ୍‌ର ଆମ ରାଜ୍ୟ ସମେତ ଦେଶ ବିଦେଶରେ ମଧ୍ୟ ବେଶ୍ ଚାହିଦା ରହିଛି। ଅନ୍ତର୍ଜାତୀୟ ବଜାରରେ ଏହି ଶାଲ୍‌ର ଦର ୫ ହଜାରରୁ ଅଧିକ ଟଙ୍କା ରହିଥିବା ଜଣାପଡ଼ିଛି। ତେବେ ଏହି କଳାକୃତି ରହିଥିବା ଅନ୍ୟ ସାମଗ୍ରୀର ମଧ୍ୟ ଚାହିଦା ରହିବା ନେଇ ଆଶା କରାଯାଉଛି ।

## ଆଇନଶୃଙ୍ଖଳା ସମସ୍ୟା ଉପରେ ଆଲୋଚନା

### ବିଷମକଟକ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ

ବିଷମକଟକ,୨୩।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ପରିସରରେ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ 'ଆମ ପୋଲିସ' କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଓ ଆଇନ ଶୃଙ୍ଖଳା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନାବାଳକ ଗାଡି ଚଳାଇବା, ମଦ୍ୟପାନକରି ଗାଡି ଚଳାଇବା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯିବା ବେଳେ ରୋଡ୍ ରୋମିଓଙ୍କ ଅନୁଚିତ କାର୍ଯ୍ୟ, ରାସ୍ତାରେ ଗୋରୁ ଛାଡ଼ି ଦେବା ଓ ବୃଦ୍ଧି ପାଉଥିବା ଚୋରି ଘଟଣା ରୋକିବାକୁ ନେଇ ଅଞ୍ଚଳବାସୀ ମତବ୍ୟକ୍ତ କରିଥିଲେ। ସହରରେ ସୁରକ୍ଷା ବ୍ୟବସ୍ଥା ଦୃଢ଼ କରିବା, ମୁଖ୍ୟ ଛକଗୁଡ଼ିକରେ ପୋଲିସ ମୁତୟନ କରିବା, ନିୟମିତ ପାଟ୍ରୋଲିଂ ଓ ରାସ୍ତାରେ ସିସି କ୍ୟାମେରା ଲଗାଇବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ସରପଞ୍ଚ ନମିତା କୁଲସିକା, ଡ୍ରାଇଭର ସଂଘ ସଦସ୍ୟ, ବରିଷ୍ଠ ନାଗରିକ ଓ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏସ୍‌ଆଇ ସାରିକା ସେଠ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ପ୍ରୀତିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଲୋକଙ୍କ ପ୍ରସ୍ତାବକୁ ଗମ୍ଭୀରତାରେ ନେଇ ଉଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଭାରତୀୟ ମଜଦୂର ସଂଘର ୭୦ତମ ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମିକ ନେତା।

ରାୟଗଡ଼ା, ୨୩।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହର ଗାୟତ୍ରୀ ନଗରସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟଠାରେ ଭାରତୀୟ ମଜଦୂର ସଂଘର ୭୦ ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରାୟଗଡ଼ା ନଗର କାର୍ଯ୍ୟବାହ ବିଦ୍ୟାଭୂଷଣ ପଣ୍ଡା, ସକ୍ଷମର ରାଜ୍ୟ ସଂରକ୍ଷକ ତଥା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବାଦଲ କୁମାର ତା ଏବଂ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ଲେଙ୍କା ଯୋଗଦେଇଥିଲେ। ରାଜନୈତିକ ବିଚାରା ଧାରାଠାରୁ ଦୂରରେ ରହି ଶ୍ରମିକଙ୍କ ହିତ ପାଇଁ ଭାରତୀୟ ମଜଦୁର ସଂଘ କାର୍ଯ୍ୟ କରୁଛି। ଏକ ଅଣ ରାଜନୈତିକ ଶ୍ରମିକ ସଂଗଠନ ଏବଂ ଭାରତୀୟ ବିଚାରରେ ଶ୍ରମିକଙ୍କ ସମସ୍ତ ସମସ୍ୟାର ସମାଧାନ କରିବା ସହ ତାଙ୍କ ସହ ରହି ଆଜି ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ଭାରତୀୟ ମଜଦୁର ସଂଘ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ, ରାଜ୍ୟ ଆଶାକର୍ମୀ ସଂଘ , ଜେକେ ପେପର ମଜଦୁର ସଂଘ, ଉତ୍କଳ ଆଲୁମିନା ମଜଦୁର ସଂଘ ସହ ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସଂଘର ଜିଲା ସଭାପତି ମୋହନ ରାଓ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଦୁର୍ଗା ମାଧବ ଘୋଷ, କୋଷାଧ୍ୟକ୍ଷ ଉଷାରାଣୀ ଦାସ , ନେହା ସିଂ, ଧର୍ମ ସିଂ ନାଗ, କେ ରାମ ବାବୁ, ଗୀତାଞ୍ଜଳି ହିଆଲ, ସୁନ୍ଦର ରାଓ କାଡ୍ରାକା ପରିଚାଳନା କରିଥିଲେ ।

## ଗୁଣପୁର ଉପଜିଲାପାଳଙ୍କ ବଦଳି

ଗୁଣପୁର, ୨୩।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ କିରଣଦୀପ କୌର ସହୋତାଙ୍କୁ କଟକ ମ୍ୟୁନିସିପାଲ କର୍ପୋରେଶନର କମିଶନର ଭାବେ ମଙ୍ଗଳବାର ରାଜ୍ୟ ସରକାର ବଦଳି କରିଛନ୍ତି । ଏହା ପରେ ସେ ବୁଧବାର ବଦଳି ହୋଇଥିବା ସ୍ଥାନକୁ ଯାଇ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି ।

## ଆଜି ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

### ଫଳ ପ୍ରକାଶ ପାଇଁ ହାଇକୋର୍ଟଙ୍କ ବାରଣ

ଗୁଣପୁର/ଗୁଡାରି, ୨୩।୭ (ପ୍ରଦୀପ କୁମାର ପାଢ଼ୀ/ ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଗୁରୁବାର ଅନାସ୍ଥା ଭୋଟ ଗ୍ରହଣ କରାଯିବ। ଗୁଡାରି ବ୍ଲକ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଭୋଟ ଗ୍ରହଣ ହେବ ବୋଲି ବିଡିଓ ସୁଚିସ୍ମିତା ବେହେରା ସୂଚନା ଦେଇଛନ୍ତି। ଗୁଡାରି ତହସିଲଦାର ଏ. ସ୍ନେହଲତା ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱ ତୁଲାଇବେ ଏବଂ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଅନାସ୍ଥା ଭୋଟ ପାଇଁ ନୋଟିସ ମିଳି ନ ଥିବା ଦର୍ଶାଇ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ମାମଲାର ଶୁଣାଣିକରି ଗୁରୁବାର ଭୋଟ ଗ୍ରହଣ ହେବ, କିନ୍ତୁ କୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଯାଏଁ ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଯାହା ଅଧ୍ୟକ୍ଷାଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନାସ୍ଥା ଭୋଟ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ଓ କିପରି ନୋଟିସ ଦିଆଯାଇଛି ସେନେଇ କୋର୍ଟଙ୍କୁ ଜଣାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ମଙ୍ଗଳବାର ମଧୁବନ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆବେଦନକରି ଅଧ୍ୟକ୍ଷା ବିରୋଧୀ ଗୋଷ୍ଠୀକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ଫସରଫାଟିଥିବା କୁହାଯାଉଛି। ୯ଟି ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକ୍‌ରେ ୧୮ ଜଣ ସରପଞ୍ଚ ଓ ସମିତି ସଭ୍ୟ ରହିଛନ୍ତି। ଏମାନଙ୍କ ସମେତ ଏମ୍‌ପି ଓ ବିଧାୟକ ମଧ୍ୟ ଏହି ଅନାସ୍ଥା ଭୋଟରେ ଅଂଶ ଗ୍ରହଣ କରିପାରିବେ। କିନ୍ତୁ ୧୫ ଜଣ ସଦସ୍ୟ ପ୍ରଥମରୁ ହିଁ ଅଧ୍ୟକ୍ଷାଙ୍କ ବିରୋଧରେ ରହି ଅଜ୍ଞାତବାସରେ ରହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଥାନା ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଥିବା ବେଳେ କୌଣସି ପ୍ରକାର ଅପ୍ରୀତିକର ପରସ୍ଥିତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି। କଡା ସୁରକ୍ଷା ବଳୟରେ ବ୍ଲକ କାର୍ଯ୍ୟାଳୟ ରହିବ।

ସୂଚନାଯୋଗ୍ୟ, ଅଧ୍ୟକ୍ଷା କଂଗ୍ରେସର ହୋଇଥିବା ବେଳେ ବିଧାୟକଙ୍କ ସେ ଅତ୍ୟନ୍ତ ଅନୁଗତ ହୋଇଥିବାରୁ ଏମ୍‌ପି ଓ ବିଧାୟକଙ୍କ ଏହିଭୋଟରେ କିଭୂମିକା ରହିବ ଏବଂ ହାଇକୋର୍ଟ କ'ଣ ଚୂଡ଼ାନ୍ତ ଆଦେଶ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଭାସ୍କରଙ୍କ ଜନ୍ମଦିନରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ



ବିଜେଡି ନେତା ରକ୍ତଦାନ କରୁଛନ୍ତି।

ରାୟଗଡ଼ା,୨୩।୭(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ଏମ୍‌ପି ତଥା ରାୟଗଡା ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କ ୭୫ ତମ ଜନ୍ମଦିନ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲା ବିଜେଡି କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସଂଗୃହୀତ ରକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ବିଜେଡି ନେତା ଓ କର୍ମୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏତଦ୍‌ବ୍ୟତୀତ ଶତାଧିକ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଭାସ୍କର ରାଓ ଧୁମଧାମରେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ଭାସ୍କରଙ୍କୁ ଦଳୀୟ ନେତା ଓ କର୍ମୀ ଶୁଭେଚ୍ଛା ଜଣାଇବା ସହିତ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, କାଉନସିଲର ଶ୍ରମିତା ପାଢୀ, ସନ୍ତୋଷ ଦଳାଇ, ଗୋପୀନାଥ ଗୌଡ, ଏମ୍. ଶ୍ରୀନିବାସ, ବରିଷ୍ଠ ନେତା ବିନାୟକ କର, ଚନ୍ଦ୍ରକାନ୍ତ ସାମଲ, ବି. ତିରୁପତି, ମଞ୍ଜୁ ମୁଖାର୍ଜୀ, ଅବିନାଶ ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ଉଦୟ ହିମରିକା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେନୋଗ୍ରାଫର ସଂଘର ଦାବିପତ୍ର

ରାୟଗଡ଼ା,୨୩।୭(ଆଶିଷ ରଞ୍ଜନ ପଣ୍ଡା)



ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ଦିଆଯାଉଛି।

ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଷ୍ଟେନୋଗ୍ରାଫର (କ୍ଷୀପ୍ରଲେଖକ) ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାୟଗଡା ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ ଗ୍ରହଣ କରିଛନ୍ତି । ଏଥିରେ ଷ୍ଟେନୋଗ୍ରାଫରମାନଙ୍କ ସର୍ବନିମ୍ନ ଯୋଗ୍ୟତା ସ୍ନାତକ କରିବା, ଲେଭୁଲ-୯ ଅନ୍ତର୍ଭୁକ୍ତ କରିବା, ଜିଲାପାଳ ଓ ଜିଲା ପରିଷଦ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଥିବା ବ୍ୟକ୍ତିଗତ ସହାୟକ ପଦବୀକୁ ବ୍ୟକ୍ତିଗତ ସଚିବକୁ ପଦୋନ୍ନତି କରିବା, ୩ବର୍ଷ ଚାକିରି କରିବା ପରେ କନିଷ୍ଠ କ୍ଷୀପ୍ରଲେଖକରୁ ବରିଷ୍ଠ କ୍ଷୀପ୍ରଲେଖକକୁ ପଦୋନ୍ନତି, ୧୨ ବର୍ଷ ଚାକିରି ପରେ ବ୍ୟକ୍ତିଗତ ସହାୟକରୁ ବ୍ୟକ୍ତିଗତ ସଚିବ ପଦକୁ ପଦୋନ୍ନତି ଏବଂ ୨ ବର୍ଷ ଚାକିରି ପରେ କନିଷ୍ଠ କ୍ଷୀପ୍ରଲେଖକରୁ ବ୍ୟକ୍ତିଗତ ସହାୟକକୁ ପଦୋନ୍ନତି କରିବା ଓ ଅନ୍ୟାନ୍ୟ ଦାବି ରହିଛି । ସମସ୍ତ ଦାବି ପୂରଣ କରିବାକୁ ଜିଲା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ କନିଷ୍ଠ କ୍ଷୀପ୍ରଲେଖକ ଶିବପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ବିଷମକଟକ ବିପିଏମ୍ ଗୁରୁତର

ବିଷମକଟକ,୨୩। ୭
(ପ୍ରସନ୍ନ କୁମାର ପଣ୍ଡା)



ଆହତଙ୍କୁ ମେଡିକାଲକୁ ନିଆଯାଉଛି।

ଅଜଣା ବାଇକ୍ ଧକ୍କାରେ ରାୟଗଡ଼ା ଜିଲା ବିଷମକଟକ ସରକାରୀ ମେଡିକାଲ ବିପିଏମ୍ ପ୍ରଭାକର ଧଳ ଗୁରୁତର ଆହତ ହୋଇଛନ୍ତି। ପ୍ରଭାକର ମେଡିକାଲରୁ ନିଜ କାର୍ଯ୍ୟ ସାରି ତାଙ୍କ ଘର ମୁନିଗୁଡାକୁ ବାଇକ୍ ଯୋଗେ ସନ୍ଧ୍ୟା ୭ଟାରେ ଫେରୁଥିବା ସମୟରେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ପ୍ରଭାକର ରାସ୍ତାରେ ପଡି ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତାଙ୍କ ମୁହଁ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ତାଙ୍କ ସମ୍ପର୍କୀୟ ତରଫରୁ ସୂଚନା ମିଳିଛି।

## କଲେଜରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଜେକେପୁର,୨୩।୭(ରାଜେଶ ବିଶ୍ୱାଳ)

ରାୟଗଡ଼ାର ଜିଲା ଅମଲାଭଟା ନିକଟସ୍ଥ ମଡେଲ ଡିଗ୍ରୀ କଲେଜ ଏନ୍‌ସିସି ବାଳିକା କ୍ୟାଡେଟ୍ ୟୁନିଟରେ ବୁଧବାର ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ମାନସିକଚାପ ପରିଚାଳନା ଏବଂ କିଶୋର ଅବସ୍ଥାର ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧରେ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ମାନସିକ ବିଶେଷଜ୍ଞ ଡାକ୍ତର ରାକେଶ ରଞ୍ଜନ ପାଢ଼ୀ ଯୋଗଦେଇ କିଶୋର ଅବସ୍ଥାରେ ଘଟୁଥିବା ବିଭିନ୍ନ ମାନସିକ ଅବସାଦ, ଅସ୍ଥିରତା, ଚାପ ତଥା ବିଭିନ୍ନ ଅପରାଧ ପ୍ରବଣତା ଉପରେ ବିସ୍ତୃତ ଭାବରେ ମାର୍ଗଦର୍ଶନ କରିବା ସହ ଏହାର ନିରାକରଣ ପାଇଁ ପରିବାର, ମାତାପିତାଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ ଟୋଲ୍ ଫ୍ରି ନଂ (୧୪୪୧୬ ) ଟେଲି-ମାନାସ ମାଧ୍ୟମରେ ସହାୟତା ସେବାର ଉପଲବ୍ଧତା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁନୀଲ ପ୍ରସାଦ ମହାପାତ୍ରଙ୍କ ସହିତ ଜିଲା ମାନସିକ ପରିଚାଳନା ବିଭାଗର ସଦସ୍ୟ ପୂର୍ଣ୍ଣଚନ୍ଦ୍ର କଦମ୍ବଳା, ସମରଜିତ ଖୁଣ୍ଟିଆ ଏବଂ ସୀମାଞ୍ଚଳ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ଛାତ୍ର ଏବଂ କର୍ମଚାରୀଙ୍କ ମଧ୍ୟରେ ଟେଲି-ମାନାସ ପୁସ୍ତିକା ବଣ୍ଟନ କରାଯାଇଥିଲା।



ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ଡାକ୍ତର ଏବଂ ଅନ୍ୟମାନେ।

## କୃଷି କ୍ଷେତ୍ରରେ ଏଆଇର ଉପଯୋଗିତା ବିଷୟରେ ଆଲୋଚନା

### ଜିଆଇଇଟିରେ ଲେରନାଥନ -୪.୦ ଉଦ୍‌ଘାଟିତ

ଗୁଣପୁର,୨୩।୭
(ପ୍ରଦୀପ କୁମାର ପାଢ଼ୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ କୋଇଗି ନାଇଟ ଏଡୁଟେକ ସର୍ଭିସେସ ପ୍ରାଇଭେଟ ଲିମିଟେଡ ସହଯୋଗରେ 'ଲେରନାଥନ -୪.୦' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କୋଇଗି ନାଇଟ ଏଡୁଟେକ ସର୍ଭିସେସ ପ୍ରାଇଭେଟ ଲିମିଟେଡର ସିଇଓ କେ ସେସୁ ସନ୍ୟାସୀ ନାଇଡୁ, ନିର୍ଦ୍ଦେଶକ କ୍ରିସ ଚିନ୍ତାଲୁରି ଏବଂ ତାଲିମ ମୁଖ୍ୟ ବିକ୍ରାନ୍ତ ଶିତୋଲେ ଯୋଗଦେଇ ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଓ ମେଶିନ ଲର୍ନିଂ ବିଷୟରେ ଆଲୋଚନା କରିଥିଲେ। ଆଗ ହବ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କଳ୍ପନା ଶାସ୍ତ୍ରୀ ଆଭାସି ମାଧ୍ୟମରେ ଯୋଗଦେଇ କୃଷି କ୍ଷେତ୍ରରେ ଏଆଇର ଉପଯୋଗିତା ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ ଡ୍ଲୁ ପଟ୍ଟନାୟକ ଯୋଗଦେଇ ଲେରନଥାନର ଆଭିମୁଖ୍ୟ ବିଷୟରେ କହିଥିଲେ। । ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଇଞ୍ଜିୟରିଂ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ମଡେଲ ଏବଂ ଉପସ୍ଥାପନ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଅନୁଷ୍ଠାନର ରେଜିଷ୍ଟ୍ରାର ଡ ଏନଭିଜେ ରାଓ, ଅଧ୍ୟାପକ,ଅଧ୍ୟାପିକା, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ଡିନ ଡ. କେ ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ ରଘେବନ୍ଦ୍ର କୁମାର ପରିଚାଳନା କରିଥିଲେ।

# ମନ୍ଦିର ଜମି ବିବାଦର ସମାଧାନ ଦାବି

ନବରଙ୍ଗପୁର,୨୩।୭(ସଦାଶିବ ପ୍ରହରାଜ)


ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

**ଶତାଧିକ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ**

- ଗୋଷ୍ଠୀ ଜଙ୍ଗଲ ଅଧିକାର ଆଇନରେ ଜମି ସ୍ୱତ୍ୱ ପ୍ରଦାନ ଦାବି
- ୪ଟି ଗ୍ରାମକୁ ନେଇ ନୂତନ ରାଜସ୍ୱ ଗାଁ ଗଠନ କରାଯାଉ

ନବରଙ୍ଗପୁର ତହସିଲର ୪ଖଣ୍ଡ ଗାଁର ମା'ହିଙ୍ଗୁଳାଇ ମନ୍ଦିର ଜମିକୁ ୨ଜଣ ବ୍ୟକ୍ତି କବ୍‌ଜା କରି ନେଇଛନ୍ତି। ମନ୍ଦିର ଜମିକୁ ଛାଡିଦେବା ପାଇଁ ଗାଁ ଲୋକଙ୍କୁ ଧମକଚମକ ଦେଉଛନ୍ତି। ଏଭଳିକି ଗାଁ ଲୋକଙ୍କ ନାମରେ ମିଥ୍ୟା ମାମଲା କରି ଭୟଭୀତ କରୁଛନ୍ତି। ଏନେଇ ଆଦିବାସୀ ଅଧିକାର ମଞ୍ଚର ସଭାପତି ରାଜେଶ ଜାନୀଙ୍କ ନେତୃତ୍ୱରେ ଟିକ୍ରାଗୁଡା, ଆଦମଚୁଆଁ, ଦୁଇମାଟିଗୁଡ଼ା ଓ ବୁଦୁଗୁଡ଼ାର ଶତାଧିକ ମହିଳା ଓ ପୁରୁଷ ବୁଧବାର ଜିଲାପାଳ, ଉପଜିଲାପାଳ ଓ ନବରଙ୍ଗପୁର ତହିସଲଦାରଙ୍କ ନିକଟରେ ୫ ଦଫା ଦାବି କରିଛନ୍ତି।

ଗାଁର ଜିତେଶ୍ୱରଜାନୀ, ଦେବରାଜ ନାଗ, ଦୟାନିଧି ସୁନା, ଲିଙ୍ଗରାଜ ଜାମୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ୪ ଖଣ୍ଡ ଗାଁର ପ୍ରାୟ ୨ ଏକର ମନ୍ଦିର ଜମିକୁ ମନ୍ଦିର ପରିଚାଳନା ପାଇଁ ପୂଜାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଦୁର୍ଭାଗ୍ୟକୁ ମାତ୍ର ୨ଜଣ ଲୋକ ମନ୍ଦିର ଜମିକୁ ଜବରଦଖଲ କରି ତାଙ୍କ ଜମି କହି ଗାଁ ଲୋକଙ୍କୁ ଧମକଚମକ ଦେଉଛନ୍ତି। ତେଣୁ ମନ୍ଦିର ଜମିକୁ ତୁରନ୍ତ ଚିହ୍ନଟ କରି ମନ୍ଦିର ନାମରେ ଜମି ପଟ୍ଟା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେଭଳି ଏହି ୪ଟି ଗାଁର ଭୂମିହୀନ ପରିବାରଙ୍କୁ ଦଖଲରେ ଥିବା ଜମି ଉପରେ ଘରବାରି ପଟ୍ଟା ପ୍ରଦାନ, ୪ଟି ଗାଁର ଜଙ୍ଗଲକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଆଇନରେ ଜମି ସତ୍ତ୍ୱ ପ୍ରଦାନ, ୪ଟି ଗ୍ରାମକୁ ନେଇ ନୂତନ ରାଜସ୍ୱ ଗାଁର ମାନତ୍ୟା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜମି ଚିହ୍ନଟ କରି ମାମଲାର ସମାଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି।

## ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଓଲଟିଲା ଟ୍ରକ୍


ଓଲଟି ପଡ଼ିଥିବା ଟ୍ରକ୍।

ଝରିଗାଁ,୨୩।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ବୁଧବାର ଏକ ଟ୍ରକ୍ ଓଲଟି ପଡ଼ିଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ପ୍ରକାରେ ଏକ ଧାନ ବୋଝେଇ ଟ୍ରକ ଉମରକୋଟରୁ ରାୟପୁର ଯାଉଥିଲା। ଉକ୍ତ ଟ୍ରକ୍‌ଟି ବୁଧବାର ଅପରାହ୍ନରେ ଭାରସାମ୍ୟ ହରାଇ ଝରିଗାଁ-ଚନ୍ଦାହାଣ୍ଡି ଘାଟିର ରାସ୍ତା କଡ଼ରେ ଓଲିଟି ପଡିଥିଲା। ଦୁର୍ଘଟଣାରେଗାଡ଼ି ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୨୩।୭(ସଦାଶିବ ପ୍ରହରାଜ)

ଭାରତୀୟ ମଜଦୁର ସଂଘ ନବରଙ୍ଗପୁର ଶାଖା ତରଫରୁ ୭୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଚୈତନ୍ୟ ମନ୍ଦିର ସଭାଗୃହରେ ବୁଧବାର ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ନବରଙ୍ଗପୁର ବସ୍‌ଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଚୈତନ୍ୟ ମନ୍ଦିର ପାଖରେ ପହଞ୍ଚି ଥିଲା। ଏଥିପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ଓ ବିପିନ ବିହାରୀ ମିଶ୍ର, ଭାରତୀୟ ମଜଦୁର ସଂଘ ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ଜିଲା ଶାଖା ଉପସଭାପତି ବୀରେନ୍ଦ୍ର ମୋହନ ନାୟକ, ଅଲ୍ ଓଡ଼ିଶା ଜେଭିକ୍ ୱାର୍କର ଆସୋସିଏଶନ ରାଜ୍ୟ ସଦସ୍ୟ ସବିତା ନାୟକ, ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡ଼ଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାସ, ବିଶ୍ୱକର୍ମା ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ବିଷୋୟୀ, କୋଠାବାଡି ସଂଘ ଜିଲା ସମ୍ପାଦକ ରାମ ବିଷୋୟୀ, ଆଶା କର୍ମୀ ସଂଘ ଜିଲା ସଭାନେତ୍ରୀ କବିତା ସ୍ୱାଇଁ ମଞ୍ଚାସୀନ ଥିଲେ। ଭାରତୀୟ ମଜଦୁର ସଂଘ ବିଶ୍ୱର ଦ୍ୱିତୀୟ ସଂଗଠନ ଭାବେ ଉଭା ହୋଇଛି ବୋଲି ଅତିଥି ମାନେ ମତ ଦେଇ ଥିଲେ। ବିଭିନ୍ନ ସଂଗଠନର ହିତ ଦୃଷ୍ଟିରୁ ତିନିଟି ପ୍ରସ୍ତାବ ପାରିତ କରାଯାଇଥିଲା। ଏହି ପ୍ରସ୍ତାବକୁ ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯିବ ବୋଲି ସମ୍ପାଦକ କହିଥିଲେ। ଅଙ୍ଗନୱାଡ଼ି ସଂଘ, ଆଶା କର୍ମୀମାନଙ୍କୁ ସରକାରୀ ଘୋଷଣା, ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କୁ ଅବଗତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଶେଷରେ ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## 'ନିର୍ଯାତନା ନ ସହି ଏହା ବିରୋଧରେ ସ୍ୱର ଉଠାଅ'



ମୁଖ୍ୟ ଅତିଥି ଅଭିଭାଷଣ ଦେଉଛନ୍ତି।

### ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୨୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର କରାଯାଇଥିଲା। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଦୌରାଜଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିଷା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ଏହାର ପ୍ରତିରୋଧ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଓ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉପରେ ହେଉଥିବା ଅତ୍ୟାଚାର ଓ ନିବାରଣ ସମ୍ପର୍କିତ ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା। ନିର୍ଯାତନା ନ ସହି ଏହା ବିରୋଧରେ ସ୍ୱର ଉଠାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପୋଲିସ ଉପଅଧୀକ୍ଷକ ସରୋଜ ପୁନମ କିସପୋଟ୍ଟା, ଉପମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜକିଶୋର ନାଗ, ମହିଳା ମହାବିଦ୍ୟାଳୟ ଅଧକ୍ଷା ମଲେଶ୍ୱରୀ ସାହୁ, ପାନେଲ ଲଇୟାର କିଶୋରୀ ପଟ୍ଟନାୟକ, ଜିଲା ଆଇନଜୀବୀ ସଂଘ ଉପସଭାପତି ସଦାଶିବ ସାହୁ, ରାଖୀ ଜୈନ, ସହାୟକ ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ବିଦ୍ୟାର୍ଥୀ ଡିଗ୍ରୀ କଲେଜ ଅଧକ୍ଷ ସତ୍ୟନାରାୟଣ ନାୟକ, ପାରା ଲିଗାଲ ସଦସ୍ୟ ଓ ପାନେଲ ଲୟର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଡିଏଲ୍‌ଏସ୍‌ଏ ପକ୍ଷରୁ ପରିଚାଳନା କରାଯାଇଥିଲା।

## ୭ ମାମଲାରେ ୧୫ ଅଭିଯୁକ୍ତ ଗିରଫ

ଜୟପୁର, ୨୩।୭(ପବନ ପାଣିଗ୍ରାହୀ)

**ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ**

ଜୟପୁର ଟାଉନ ପୋଲିସ ୭ ମାମଲାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି, ଲୁଟ୍ ଓ ଦାବାବଟି ଆଦାୟ ଆଦି ବିଭିନ୍ନ ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ କରି କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ସମ୍ମିଳନୀରେ ଏସ୍‌ଡିପିଓ ପାର୍ଥ କଶ୍ୟପ, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ୨୩।୩।୨୫ରେ ଏସ୍‌ଜି ରୋଡର ଏକ ସେଲୁନରେ ଚୋରି ହେବା ନେଇ ଥାନାରେ କେସ୍ ନଂ ୭୪/୨୫ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଗୋପବନ୍ଧୁ ନଗରର ପଦ୍ମନ ମାଝି(୨୩)ଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ କଟର ମେସିନ, ଗ୍ରାଇଣ୍ଡର, ହାତୁଡି କପର ୱାୟର ଆଦି ଜବତ କରାଯାଇଛି। ୧୬।୩।୨୫ ରାତିରେ ଆସିକା ହୋଟେଲ ନିକଟରେ ୨ ଦୁର୍ବୃତ୍ତ ଲୁଟ୍ କରିଥିଲେ। ପୋଲିସ ୨୫୫/୨୫ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଗୋପବନ୍ଧୁ ନଗରର ସନ୍ତୋଷ ଆରାଡ଼ା(୨୧) ଓ ବାବଲ ପୁଜାରି(୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ୨୮।୩।୨୫ରେ ଗୋଟିଏ ଦୋକାନରୁ ୨ଟି ମୁଜିକ ସିଷ୍ଟମ, ୪ଟି ସ୍ପିକର, ୧୨ ହଜାର ଟଙ୍କା, ୨ଟି ତାଲା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ୧୩୫/୨୫ରେ ମାମଲା ରୁଜୁ କରି ହାଟପଦାର ମୋଟୁ ମାଝି(୨୧)ଙ୍କୁ ଗିରଫ କରିଛି। ସେହିପରି ୨୦।୭।୨୫ରେ ୨ଦୁର୍ବୃତ୍ତ ପାରାବେଡାସ୍ଥିତ ଏସ୍‌ସିଆର ଏବିଏମ୍ ଲୁଟ୍ କରିଥିଲେ। ଏ ନେଇ ୨୬୫/୨୫ରେ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ହରିଆଣାର ରସିଦ(୨୯) ଓ ମୋହନ(୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩ ହଜାର, ଫେବିକ୍ୱିଟ, ଆଇରନ ପ୍ଲେଟକୁ ଜବତ କରାଯାଇଛି। ଜୟପୁର ସହରର ଖ୍ରୀଷ୍ଟିଆନ ପେଟା ବିନ୍ଦୁ ରାଜନଗର, ନୂଆସାହି ଏବଂ ଓିଆଇସି କୋଲୋନି ମଧ୍ୟରେ ଗୋଷ୍ଠୀ ସଂଘର୍ଷକୁ ନେଇ ୨୬୨/୨୫, ୨୬୩/୨୫ରେ ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିନ୍ଦୁ ରାଜ ନଗରର ହିପ୍ରମ ନାଗ(୧୯), ପିୟୁସ ଖଲା(୧୯) ଗୋପବନ୍ଧୁ ନଗରର ଅଙ୍ଗନ ସାଗର(୨୦) ନୁଆସାହିର ସନ୍ତୋଷ କଡିମ(୨୦) ନୂଆ ସାହି ୪ର୍ଥ ଲାଇନ୍‌ର ପିନ୍ଟୁ ହିଆଲ(୨୧)। ସେହିପରି ୨୨।୭।୨୫ରେ ପୁଜାରୀଗଡ଼ ଛକରେ ପରିବା ବିକାଳିଠାରୁ ଦାବାବଟି ଆଦାୟ କରୁଥିବା ସୂଚନା ପାଇ ପୋଲିସ ତଡାଉ କରି ହାଟପଦାର ମୋଟୁ, ଡିଙ୍ଗୁଡ଼ାର ଆକାଶ ହରିଜନ(୨୦), ଗୋପବନ୍ଧୁ ନଗରର ମହେଶ ସାଗର(୨୯) ଓ ରବିନ୍ଦ୍ର ବାଘ(୩୦)ଙ୍କୁ ଗିରଫ କରାଯାଇଛି। ପୋଲିସ ୨୬୬/୨୫ରେ ମାମଲା କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ପୋଲିସ ପକ୍ଷରୁ ସୂଚନା ରହିଛି।


ଏସ୍‌ପି ରୋହିତ ବର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ଦରମା ଦାବିରେ ଅଧିକାରୀମାନଙ୍କୁ ବନ୍ଦ କରି ରଖିଲେ

### ସେବା ପେପର୍ ମିଲ୍ ଗେଟ୍ ବନ୍ଦ କଲେ ଠିକା ଶ୍ରମିକ

ଜୟପୁର, ୨୩।୭(ପବନ ପାଣିଗ୍ରାହୀ)

ସେବା କାଗଜ କଳ ଠିକା ଶ୍ରମିକମାନେ ବକେୟା ଦରମା ପ୍ରଦାନ ଦାବି କରି ବୁଧବାର କାରଖାନା ଗେଟ୍ ବନ୍ଦ କରିଥିଲେ। ସନ୍ଧ୍ୟା ସୁଦ୍ଧା ସେମାନେ ଅଧିକାରୀମାନଙ୍କୁ ଛାଡ଼ି ନାହାନ୍ତି। ଶ୍ରମିକମାନେ ଗେଟ୍ ବନ୍ଦ କରି ଧୁଁଡ଼ିଯିବାକୁ ଦେଉ ନ ଥିଲେ। ଗତ ଜୁଲାଇ ମାସରୁ ଶ୍ରମିକ ମାନଙ୍କୁ ଦରମା ମିଳି ନ ଥିବାରୁ ସେମାନଙ୍କ ପରିବାର ଚଳିବାରେ ଅସୁବିଧା ହେଉଛି। କାରଖାନାର ଉତ୍ପାଦନ ବନ୍ଦ ରହିଛି। ଦୀର୍ଘ ଦିନ ହେଲା କାରଖାନାର ସମସ୍ୟା ସମାଧାନ କେବଳ ବୟାନବାଜିରେ ଚାଲିଛି ବୋଲି ଠିକା ଶ୍ରମିକମାନେ କହିଛନ୍ତି। କୋରାପୁଟ ଜିଲା ଜୟପୁରର ଏକ ମାତ୍ର ବୃହତ ଶିଳ୍ପ ସେବା କାଗଜ କଳର ଭବିଷ୍ୟତ ଅନ୍ଧକାରାଛନ୍ନ ଏବଂ ଶ୍ରମିକମାନେ ହତାଶ ଭିତରେ ଗତି କରୁଥିବା ସେମାନେ କହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଝରିଗାଁ, ୨୩।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁସୁମୀ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏନେଇ ଝରିଗାଁ ଥାନା କେସ ନମ୍ବର ୨୩/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଅଛି। ସୂଚନା ପ୍ରକାରେ କୁସୁମୀ ଗ୍ରାମର ମୁକୁନ୍ଦ ମାଝୀ (୪୦) ପ୍ରାୟ ୨୫ ବର୍ଷ ହେବ ଅଲେଖ ମହିମା ଦୀକ୍ଷା ଗ୍ରହଣ କରିବା ସହ ଛତିଶଗଡ ସ୍ଥିତ ଉର୍ମାଳ ଗ୍ରାମରେ ଥିବା ଆଶ୍ରମରେ ରହୁଥିଲେ। କେବେ କେମିତି ନିଜ ଘରକୁ ଆସି କିଛି ଦିନ ରହି ପୁଣି ଆଶ୍ରମକୁ ଫେରି ଯାଉଥିଲେ। କିନ୍ତୁ ଗତ ୩ ମାସ ହେବ ମୁକୁନ୍ଦ ଘରକୁ ଆସି ଆଉ ଫେରି ନ ଥିଲେ। ସେ ପରିବାର ସହ କଥା ହେଉ ନ ଥିବା ବେଳେ ଏକାକୀ ରହୁଥିଲେ। ଗତ ମଙ୍ଗଳବାର ରାତିରେ ମୁକୁନ୍ଦ ଘରେ ଖାଇବା ପରେ ଶୋଇ ପଡ଼ିଥିଲେ। ବୁଧବାର ଭୋରରୁ ଘରୁ ବାହାରି ଯାଇଥିଲେ। ସକାଳୁ ଶୌଚ ହେବାକୁ ଯାଉଥିବା କେତେଜଣ ମହିଳା କାଜୁ ବଗିଚାରେ ମୁକୁନ୍ଦଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମୁକୁନ୍ଦଙ୍କ ଭାଇ ନୀଳକଣ୍ଠ ଝରିଗାଁ ଥାନାରେ ଅଭିଯୋଗ କରିଥିଲେ। ଝରିଗାଁ ଥାନା ଏସ୍‌ଆଇ କେ.ଲକ୍ଷ୍ମୀନାରାୟଣ ଦୋରା ଏବଂ ଅନ୍ୟମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ସ୍ତ୍ରୀଙ୍କୁ ମିଳୁନି ବିଧବା ଭତ୍ତା

ନନ୍ଦପୁର/ପାଡୁଆ,୨୩।୭
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)


ରାଜୁ ସେଗେଲଙ୍କ ପରିବାର।

ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶ ଯାଇ ଧାନ କ୍ଷେତରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ସ୍ୱାମୀଙ୍କ ମୃତ୍ୟୁକୁ ୨ ବର୍ଷ ବିତିଥିବା ସତ୍ତ୍ୱେ ସ୍ତ୍ରୀଙ୍କୁ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ବିଧବା ଭତ୍ତା ମିଳୁନି। କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପାଡୁଆ ପଞ୍ଚାୟତର ଗଡରଗୁଣ୍ଡା ଗ୍ରାମର ରାଜୁ ସେଗେଲଙ୍କ ୨୦୨୩ରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ଓ ଝିଅଙ୍କ ଆଧାରକାର୍ଡ ନ ଥିବାରୁ ସେମାନେ ରାଶନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଖାଦ୍ୟ ଆଦି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଜଣାପଡ଼ିଛି। ଏହା ଲୋକଙ୍କ ନିରକ୍ଷରତା, ପଞ୍ଚାୟତିରାଜ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ଖାଦ୍ୟ ଯୋଗାଣ ବିଭାଗର ଉଦାସୀନତାର ଉଦାହରଣ ବୋଲି ଗ୍ରାମ ନାୟକ ରାଜୁ ସିରେକା, ରଘୁନାଥ ଖରା, ରାମ ପାଙ୍ଗୀ ଓ ଭୀମ ସିରେକା ପ୍ରମୁଖ କହିଛନ୍ତି।

ସୂଚନା ଅନୁଯାୟୀ, ରାଜୁଙ୍କ ଆନ୍ଧ୍ର କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଲକ୍ଷ୍ମୀ, ପୁଅ ବାବୁଲା, ୫ ଝିଅ ନନ୍ଦି, ସୁରଗୀ, କମଳି, ରୋଜି ଓ ଟିକିନ ବେସାହାରା ହୋଇଥିଲେ। ପରିବାର ଗୁଳି ମଜୁରୀ କରି ଚଳୁଥିବାରୁ ସ୍ୱାମୀଙ୍କ ମରଶରୀର ସେଠାରୁ ଆଣି ନ ପାରି ସ୍ଥାନୀୟ ଲୋକଙ୍କ ସହାୟତାରେ ଆନ୍ଧ୍ରରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଅଶିକ୍ଷିତ ଯୋଗୁ ସେଠାରୁ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ଆଣି ପାରିନଥିଲେ। ଏହା ପରିବାରର ଅସୁବିଧାର କାରଣ ହୋଇଛି। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ସ୍ତ୍ରୀଙ୍କୁ ବିଧବା ଭତ୍ତା ମିଳୁ ନ ଥିବା ବେଳେ ଝିଅଙ୍କ ସ୍କୁଲ ଶିକ୍ଷାରୁ ଦୂରରେ। ରାଜୁ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କାହାରି ଆଧାରକାର୍ଡ ନ ଥିବାରୁ ସରକାରଙ୍କ ମୌଳିକ ସୁବିଧାରୁ ସେମାନେ ବଞ୍ଚିତ ଥିବା କହିଛନ୍ତି। ରାଶନକାର୍ଡରେ କେବଳ ଲକ୍ଷ୍ମୀଙ୍କ ନାଁ ଥିବାରୁ ମାସିକ ମାତ୍ର ୫ କିଲୋ ଚାଉଳ ମିଳୁଛି। ୭ ଜଣିଆ ପରିବାର ଏକ ଚାଳ ଛପର ମାଟି କାନ୍ଥ ଘରେ ଜୀବନ ଅତିବାହିତ କରୁଛନ୍ତି। ୬ ସନ୍ତାନଙ୍କ ଆଧାର କେନ୍ଦ୍ରରୁ ନେଇ ଆଧାରକାର୍ଡ କରିବାକୁ ଆବଶ୍ୟକ ଅର୍ଥ ଓ ପ୍ରମାଣପତ୍ର ନ ଥିବା ଲକ୍ଷ୍ମୀ କହିଛନ୍ତି। ସମସ୍ତେ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ଯିବା ମାଡ଼ି ନ ଥିବାରୁ ଜନ୍ମ ପ୍ରମାଣପତ୍ର ପାଇବା ମଧ୍ୟ ତାଙ୍କ ପାଇଁ ସମ୍ଭବ ହୁଏ ନାହିଁ ବୋଲି କହିଛନ୍ତି। ଆନ୍ଧ୍ରରେ ରାଜୁଙ୍କ ମୃତ୍ୟୁ ହୋଇଥିବାରୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇପାରିବ ନାହିଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଦୁର୍ଯୋଧନ ମୁର୍ମୁ କହିଛନ୍ତି। ୬ ସନ୍ତାନଙ୍କ ଆଧାରକାର୍ଡ କରି ସେମାନଙ୍କୁ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସ ଆଦି ଅନ୍ୟ ଯୋଜନାରେ ସାମିଲ କରିବାକୁ ବ୍ଲକ୍, ଜିଲା ଓ ରାଜ୍ୟ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## କାଦବେଡ଼ାରେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ, ଝରଣା ପାଣି ଭରସା

ତେନ୍ତୁଲିଖୁଣ୍ଟି, ୨୩।୭(ବିନୋଦ ସାହୁ)

**ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ପାଣିର ଗାର**


ଜଣେ ମହିଳା ଝରଣାରୁ ପାଣି ସଂଗ୍ରହ କରୁଛନ୍ତି।


ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତର ସୀମାନ୍ତ ଗାଁ କାଦବେଡ଼ା। ଯେଉଁଠି ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ। ନିତ୍ୟ ବ୍ୟବହାର, ସ୍ନାନ ଶୌଚ ଆଦି ପାଇଁ ଗ୍ରାମବାସୀ ଝରଣା ଉପରେ ଭରସା କରନ୍ତି। ଗାଁକୁ ରାସ୍ତା ନାହିଁ। ନଳକୂପ ଖୋଳିବା ଗାଡ଼ି ଗାଁକୁ ଯାଇ ପାରୁ ନ ଥିବାରୁ ଲୋକଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନି। ଗତବର୍ଷ ବିଡିଓ ମନୋଜ ପାଣିଗ୍ରାହୀ ଉକ୍ତ ଗ୍ରାମ ପରିଦର୍ଶନରେ ଯାଇ ପାନୀୟ ଜଳ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇନି। କାଦବେଡ଼ାରେ ପ୍ରାୟ ୧୦ ପରିବାର। କୃଷି, ସଙ୍ଗ୍ରହିତ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୀ କରି ପରିବାର ଚଳାନ୍ତି। ଡାକଲ ରୁ କାଦବେଡ଼ା ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଆଜି ଯାଏଁ ପକ୍କା ହୋଇ ପାରୁନି। ୧୯୯୭ରେ ଡାକଲଠାରୁ ଗୋଟିଏ କିଲୋମିଟର ରାସ୍ତା ପିଚୁ କରାଯାଇଥିଲା। ଏହି ରାସ୍ତାରୁ ପିଚୁ ଉଠିଲାଣି। ଏଠାରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଇନ୍ଦ୍ରାବତୀ ଜଳ ଭଣ୍ଡାର ଜଳକୁ ବ୍ୟବହାର କରି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି। ନଳକୂପ ଖନନ ପାଇଁ ଗାଡ଼ି ଗ୍ରାମକୁ ଯାଇପାରୁନି କହି ଏଠାରେ ପ୍ରକଳ୍ପରେ ପାଣି ଯୋଗାଣ କାମ ଆରମ୍ଭ କରାଯାଇନି। ସାମାନ୍ୟ ଚେଷ୍ଟା କଲେ ଗାଡ଼ି ଯାଇ ପାରିବ। କିନ୍ତୁ ଗାଡ଼ି ସହ କୌଣସି ଅଧିକାରୀ ଆସୁ ନ ଥିବାରୁ ଗାଡ଼ି ଯାତାୟାତ ରାସ୍ତା ନାମରେ ଖନନ ଗାଡ଼ି ଫେରି ଯାଉଥିବା ଲୋକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷା ଋତୁରେ ଝରଣା ଜଳ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ କେତେଦୂର ଠିକ୍ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ପ୍ରମିଳା ମୁଦୁଲି ମଧ୍ୟ ଗୌଡ଼ଦେଓପାଲି ପଞ୍ଚାୟତର କାଦବେଡ଼ା, ଭୀମକୁଣ୍ଡ, ଡାକଲ, ଡିଙ୍ଗଡିସର, ଗୁଣ୍ଡୁରାଗୁଡ଼ା, ପିପଲଗୁଡ଼ା, ହିରୁଗୁଡ଼ା ଆଦି ୮ ଗାଁର ରାସ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ବହୁବାର ପ୍ରଶାସନସ୍ତରରେ ଲିଖିତ ଅନୁରୋଧ ସହ ବୈଠକରେ ଉପସ୍ଥାପନ କରିଥିବା କହିଛନ୍ତି। ଏସବୁ ସମାଧାନ ହୋଇ ପାରି ନ ଥିବା ସେ କହିଛନ୍ତି। ଏମ୍‌ଡିଏମ୍‌ଆରଉଇ କହିଛନ୍ତି, କାଦବେଡ଼ାକୁ ବର୍ତ୍ତମାନ ରାସ୍ତା କାମ ହାତକୁ ନିଆଯାଇଛି। ଅର୍ଥ ବିଳମ୍ବ ଯୋଗୁ କାମ ମନ୍ଥର ଥିବା ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ


ଜଗନ୍ନାଥଙ୍କ ବଡ଼ଗଡ଼ସ୍ଥିତ ୩ ମହଲା କୋଠା

## ଘରୁ ହରିଣ ଶିଙ୍ଗ, ଅଧ କେଜି ସୁନା, ଦେଶୀ ବନ୍ଧୁକ ଜବତ

- ଭୁବନେଶ୍ୱର ଓ ରାୟଗଡ଼ାର ୪ ସ୍ଥାନରେ ଚଢ଼ାଉ
- ୩ ବହୁତଳ ପ୍ରାସାଦ, ୩ ପ୍ଲଟ୍, ଫାର୍ମ ହାଉସ୍ ଠାବ
- ଜମା ଓ ନିବେଶ ୮୦.୩୫ ଲକ୍ଷ


ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ବଡ଼ଗଡ଼ସ୍ଥିତ ବାସଭବନ, ରାୟଗଡ଼ା ଜିଲା ଗୁଣପୁର ଜନଗମ୍ ଷ୍ଟ୍ରିଟ୍‌ସ୍ଥିତ ପୈତୃକ ଘର ଓ ବିଏମ୍‌ସି ଅଫିସସ୍ଥିତ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୬ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଜଗନ୍ନାଥଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜଗନ୍ନାଥଙ୍କ ଭୁବନେଶ୍ୱରସ୍ଥ ବଡ଼ଗଡ଼ରେ ୪,୫୬୦ ବର୍ଗଫୁଟ ଅଞ୍ଚଳ ପରିମିତ ପ୍ଲଟ୍ ନଂ.ଆର୍‌ପି-୧୨ରେ ଗୋଟିଏ ୩ ମହଲା କୋଠା ଠାବ ହୋଇଛି। ସେହିପରି ରାୟଗଡ଼ା ଜିଲା ଗୁଣପୁରରେ ୨ଟି ଦୁଇ ମହଲା କୋଠା ଓ ଭୁବନେଶ୍ୱରରେ ୩ଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଛି। ପ୍ଲଟଗୁଡ଼ିକ ମଧ୍ୟରେ ଖଣ୍ଡଗିରିରେ ଗୋଟିଏ ଓ ବଡ଼ଗଡ଼ରେ ୨ଟି ରହିଛି। ଚଢ଼ାଉବେଳେ ଜଗନ୍ନାଥଙ୍କ ବାସଭବନରୁ ହଲେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଭୁବନେଶ୍ୱର ବାଲିଅନ୍ତା ତହସିଲ୍ ଅଧୀନ ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଛି। ଏହି ଫାର୍ମ ହାଉସରେ ଗୋଟିଏ ଦୁଇମହଲା କୋଠା, ଆଉ ଏକ ଘର, ମାଛ ପୋଖରୀ ରହିଛି। ଏଥିସହ ନଡ଼ିଆ, କଦଳୀ, ଡ୍ରାଗନ୍ ଫଳ, ପିଜୁଳି, ଅଙ୍ଗୁର, ବ୍ଲାକବେରି, ଲେମ୍ବୁ, ଆମ୍ବ ଆଦି ଗଛ ଫାର୍ମରେ ଲଗାଯାଇଥିବାବେଳେ ଏକ କୁକୁଡ଼ା ଫାର୍ମ ରହିଛି। ସେହିପରି ତାଙ୍କ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଠାବ ହୋଇଛି। ଜଗନ୍ନାଥଙ୍କ ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଘରୁ ୭ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ନଗଦ ଟଙ୍କା ମିଳିଛି। ମିଳିଥିବା ବେଳେ ଗୋଟିଏ ଚାରିଚକିଆ ଯାନ (ମାରୁତି ଗ୍ରାଣ୍ଡ ଭିଟାରା) ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି।

### ୩୩ବର୍ଷର ଚାକିରି, ଜେଇରୁ ନିର୍ବାହୀ ଯନ୍ତ୍ରୀ

ଜଗନ୍ନାଥ ୧୯୯୨ ନଭେମ୍ବର ୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଗୁଣୁପୁର ଏନ୍‌ଏସିରେ କାମ କରିଥିଲେ। ୨୦୦୬ ପର୍ଯ୍ୟନ୍ତ ସେ ସେଠାରେ କାମ କରିଥିଲେ। ଉକ୍ତ ବର୍ଷ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଜଗନ୍ନାଥ ବ୍ରହ୍ମପୁର ପୌରପାଳିକାରେ ନିଯୁକ୍ତି ପାଇଥିଲେ। ୨୦୧୧ରେ ସେ ଭୁବନେଶ୍ୱର ମହାନଗର ନିଗମକୁ ବଦଳି ହୋଇଥିଲେ। ୨୦୧୬ରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଭାବେ ପଦୋନ୍ନତି ପାଇଥିଲେ। ୨୦୨୪ ଅକ୍ଟୋବରରେ ନିର୍ବାହୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇ କାମ କରି ଆସୁଛନ୍ତି।

# ଯୁବକଙ୍କ ଗଳାକାଟି ଦେଲେ ପ୍ରେମିକା

- ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ଆକ୍ରମଣକାରୀ ଫେରାର, ପୋଲିସର ତଦନ୍ତ ଜାରି

କେନ୍ଦ୍ରାପଡ଼ା,୨୩।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଧୀନ ହଜାରୀ ଛକରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଗଳାକୁ ତାଙ୍କ ପ୍ରେମିକା କାଟି ଦେଇ ଫେରାର ହୋଇଯାଇଛନ୍ତି। ରାସ୍ତା ପାର୍ଶ୍ୱରେ ପଡିଥିବା ସେହି ଯୁବକଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବକଙ୍କ ବୟାନକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୪୩/୨୫) ରୁଜୁ ତଦନ୍ତ ଚଳାଇଛି। ଏହି ତଦନ୍ତରେ ପୋଲିସ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡକୁ ସାମିଲ କରିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ।

ଉକ୍ତ ଘଟଣା ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଆହତ ଯୁବକ ଜଣକ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆ ଠେଙ୍ଗ ଗ୍ରାମର ସତ୍ୟଜିତ ଷଡ଼ଙ୍ଗୀ। ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଏଏସ୍‌ଆଇ ଲୋଭାବତୀ ସାହୁ ସତ୍ୟଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସତ୍ୟଜିତ କହିଛନ୍ତି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଡ଼ାବତୀ ଗ୍ରାମର ଜଣେ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଘଟଣାଦିନ ସମ୍ପୃକ୍ତ ମହିଳା ତାଙ୍କ ଗଳାକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ସ୍କୁଟିରେ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଜିଲା ପୋଲିସ ତନାଘନା ଚଳାଇଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡିବେ ବୋଲି ଏସ୍‌ଡିପିଓ ଗୌଡ ସୂଚନା ଦେଇଛନ୍ତି।

# ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼

କୁଆଁରମୁଣ୍ଡା,୨୩।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅଫିସ ନିକଟରେ ବୁଧବାର ଜଣେ ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଉତ୍ତମ କୁମାର ଘୋଷ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଓ ଏସ୍‌ଡିପିଓ ସୁଶାନ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ତହସିଲ ଅଫିସ ନିକଟରେ କାର ଭିତରେ ଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଆସି ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୁଳି ଉତ୍ତମଙ୍କ କାରରେ ବାଜିଥିଲା। ସେ କାର ଭିତରେ ଥିବାରୁ ସାମାନ୍ୟ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଜମି ବେପାରକୁ ନେଇ ଏହି ଗୁଳିକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି।

# ଏସ୍‌ଟିଏଫ୍ ହାତରେ ଅଭ୍ୟାସଗତ ଅପରାଧୀ

## ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ପାରାଦୀପ ଥାନାରେ ୧୭ ମାମଲା

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)



କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ରାଜଧାନୀ ତମାଣ୍ଡୋ ଥାନା ଅଞ୍ଚଳର ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ପୁରୀ ଜିଲା ଗଡ଼ିଶଗଡ଼ା ଥାନା ଅଞ୍ଚଳର ଲଳିତ ଭୁଜବଳ (୩୬)ଙ୍କୁ ଗିରଫ କରିଛି। ତାଙ୍କଠୁ ଏକ ଚାରିଚକିଆ ଯାନ (ଓଡି୦୫-ବିୟୁ-୧୮୧୩) ଓ ସେଥିରୁ ୭ଟି ଜରି ପେଟିରେ ଭର୍ତ୍ତି ୧ କୁଇଣ୍ଟାଲ ୪୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୫/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ଲଳିତଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଲଳିତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଆର୍ମସ ଆକ୍ଟ, ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ପାରାଦୀପ ଥାନାରେ ୧୭ଟି ମାମଲା ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଲଳିତ ପୂର୍ବରୁ ବହୁତ ଥର ଜେଲ ଯିବା ପରେ ମଧ୍ୟ ଅପରାଧ ଘଟାଉଥିଲେ। ତେବେ ସେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆଣିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଥ୍ୟ ସଂଗ୍ରହ କରୁଛି।

# ଗୁରୁତର ଯୁବତୀଙ୍କୁ ଏମ୍‌ସ ସ୍ଥାନାନ୍ତର

**ଫଟୋ ଭାଇରାଲ ପରେ ବିଷ ପିଇବା ଘଟଣା**

## ଫଟୋ ଭାଇରାଲ କରିଥିବା ଯୁବକ ଗିରଫ

ଉମରକୋଟ, ୨୩।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ କେତେକ ଫଟୋ ଭାଇରାଲ କରିଦେଲେ ତାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ। ତେବେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ବିଷ ପିଇଦେଲେ। ଏବେ ସେ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କୁ ଚିକିତ୍ସା କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପ୍ରଚେଷ୍ଟାରେ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇ ଥିବା ନେଇ ନବରଙ୍ଗପୁର ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଫଟୋ ଭାଇରାଲ କରିଥିବା ଯୁବକଙ୍କୁ ନୟାଗଡ଼ରୁ ଗିରଫ କରାଯାଇଥିବାବେଳେ ତାଙ୍କ ବାପାଙ୍କୁ ଅଟକ ରଖାଯାଇଛି। ସେହିଭଳି ରାଇଘର ପୋଲିସର ଏକ ଟିମ୍ ଜୟପୁର ଯାଇ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ରାଇଘର ଅଞ୍ଚଳର ଜଣେ ଯୁବତୀ ଜୟପୁରରେ ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ। ସେଠାରେ ସେ ହଷ୍ଟେଲରେ ରହି ପଢୁଥିଲେ। ପୀଡ଼ିତାଙ୍କୁ ଏକତରଫା ପ୍ରେମ କରୁଥିବା ପଡ଼ୋଶୀ ଗାଁର ସତ୍ୟଜିତ ସରକାର ଗତ ଜୁଲାଇ ୧୩ରେ ଜୟପୁର ଯାଇ ରାସ୍ତା ଉପରେ ଯୁବତୀଙ୍କୁ ମାରପିଟ କରିଥିଲେ। ସ୍ଥାନୀୟ ଲୋକେ ଜୟପୁର ପୋଲିସକୁ ଏନେଇ ଖବର ଦେଇଥିଲେ। ଜୟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ଯୁବତୀ ଜଣକ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୪୭/୨୫ରେ ମାମଲା ରୁଜୁକରିବା ସହ ସତ୍ୟଜିତଙ୍କୁ ଗିରଫ କରିଥିଲା। ୧୪ ତାରିଖରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ୧୫ ତାରିଖରେ ପୀଡ଼ିତା ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ୧୬ ତାରିଖରେ ସତ୍ୟଜିତ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ କରିଦେଇଥିଲେ। ପୀଡ଼ିତା ଲୋକାଲଜ୍ଜା ସହି ନ ପାରି ୧୭ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଛତିଶଗଡ଼ କୋଣ୍ଡାଗାଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୨୧ଜୁଲାଇରେ ପରିବାର ଲୋକେ ପୀଡ଼ିତାଙ୍କୁ ଘରକୁ ନେଇ ଆସିଥିଲେ। ମଙ୍ଗଳବାର ରାଇଘର ଥାନାରେ ପୀଡ଼ିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିଥିଲେ। ଜୟପୁର ପୋଲିସ ଉପଯୁକ୍ତ ତଦନ୍ତକରି କଠୋର କାର୍ଯ୍ୟାନୁଷ୍ଠାନ ନେଇଥିଲେ ଏପରି ସ୍ଥିତି ଉପୁଜି ନ ଥାନ୍ତା ବୋଲି ପୀଡ଼ିତାଙ୍କ ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ. ୧୬୦/୨୫ରେ ଏକ ମାମଲା ରୁଜୁ କରିଛି। ଘରକୁ ଯାଇ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ଥାନାଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ମାତୃ ଆଶ୍ରୟ ଆଶ୍ରମ ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ପୂର୍ବତନ ସଭାପତି ମୁନା ତ୍ରିପାଠୀ ଓ ଦେବବ୍ରତ ପଣ୍ଡା, ଅବଦୁଲ ଫିରୋଜ, ଧନଞ୍ଜୟ ପୂଜାରୀ ଆଇସିୟୁ ବାହାରେ ଧାରଣାରେ ବସିଥିଲେ। ପୀଡ଼ିତାଙ୍କୁ ଏସ୍‌ସିବି କିମ୍ବା ଏମ୍ସ ସ୍ଥାନାନ୍ତର ଓ ଅଭିଯୁକ୍ତଙ୍କୁ ଧରିବା ଦାବି କରିଥିଲେ। ସେହିଭଳି ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସନରାଜ ଗଣ୍ଡ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି।

# କିରୋସିନ ଢାଳି ବୃଦ୍ଧଙ୍କ ଆତ୍ମାହୁତି

## ସୁଇସାଇଡ୍ ନୋଟ୍ ଜବତ

ଦିଗପହଣ୍ଡି/ପାଟପୁର,୨୩।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦୟାନିଧିପୁର ପଞ୍ଚାୟତ ବଡ଼ିଆଓସ୍ତା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବୃଦ୍ଧ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ସେ ହେଲେ ଗାଁ ପୁରୋହିତ ପୀତବାସ ଆଚାର୍ଯ୍ୟ(୬୨)। ପାଟପୁର ପୋଲିସ ପୀତବାସଙ୍କ ଘରୁ ଏକ ସୁଇସାଇଡ୍ ନୋଟ ଜବତ କରିଛି। ସେଥିରେ ଲେଖାଅଛି ଯେ, ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ। ମୋର ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। ବୋଉକୁ ଭଲରେ ରଖିବୁ ବୋଲି ପୁଅ ଉଦ୍ଦେଶ୍ୟରେ ଲେଖାଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ କହିଛି।

ପୀତବାସଙ୍କ ପୁଅ ସୀତାରାମଙ୍କ ସୂଚନା ଅନୁଯାୟୀ, ବାପା ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ହୋଇ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଥିଲେ। କିଛିଦିନ ହେଲା କୌଣସି କାରଣକୁ ନେଇ ସବୁବେଳେ ଅନ୍ୟମନସ୍କ ରହୁଥିଲେ। ଭଭଭଭବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ତ୍ରୀଙ୍କୁ ଡାକି ଦୋକାନରୁ ଏକ ଥଣ୍ଡା ପାନୀୟ ବୋତଲ ଆଣିବାକୁ କହିଥିଲେ। ସେ ଦୋକାନକୁ ଚାଲିଯିବା ପରେ ବାରିପଟକୁ ଯାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ସୁନା କାରବାର ଆଳରେ ୧୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ଅଭିଯୁକ୍ତ ଗିରଫ, ଦାମୀ କାର୍ ଜବତ

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)


ରମେଶ ଚନ୍ଦ୍ର ମାଝୀ

ସୁନା କାରବାର ଆଳରେ ବିଭିନ୍ନ ବ୍ୟବସାୟୀଙ୍କୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ (ଏସ୍‌ସିୟୁ) ଗିରଫ କରିଛି। ସେ ହେଲେ ଆଚାର୍ଯ୍ୟ ବିହାର ଅଞ୍ଚଳର ରମେଶ ଚନ୍ଦ୍ର ମାଝୀ। ତାଙ୍କଠୁ ଏକ ଦାମୀ କାର ଜବତ କରାଯାଇଛି। ଅଭିଯୁକ୍ତ ରମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରମେଶଙ୍କ ସ୍ତ୍ରୀ ଅନିଶା ସୁବୁଦ୍ଧି ମଧ୍ୟ ସହ ଅଭିଯୁକ୍ତ ରହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏମ୍/ଏସ୍ ଷ୍ଟାରୱେ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପ୍ରାଇଭେଟ ଲିଃ ଓ ଷ୍ଟାରୱେ ଡେଭ୍‌ଲପର୍ସ ପିଭିଟି ଲିଃର ଏମ୍‌ଡି ଭୋଲାନାଥ ମହାନ୍ତି ରମେଶଙ୍କ ଦ୍ୱାରା ୫.୬ କୋଟି ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଏତଲା ଆଧାରରେ ମଙ୍ଗଳବାର ସ୍ପେଶାଲ କ୍ରାଇମ ୟୁନିଟ୍ ଏକ ମାମଲା (ନଂ.୫/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ଭୋଲାନାଥ ନୁହେଁ, ଅନ୍ୟ ୧୫ଜଣ ମଧ୍ୟ ରମେଶଙ୍କ ଦ୍ୱାରା ପ୍ରାୟ ୭କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ତେବେ ୧୦ଜଣ ପୀଡ଼ିତ ନ୍ୟାୟ ପାଇବା ପାଇଁ ବୁଧବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି। ରମେଶ ନିଜକୁ ବଡ଼ ସୁନା ଟ୍ରେଡର ବୋଲି ପରିଚୟ ଦେଉଥିଲେ। ନିଲାମ ସୁନା କିଣିବା ପରେ ବିକ୍ରି କଲେ ଅଧିକ ଲାଭ ମିଳିବା ଆଶା ଦେଇ ଲୋକଙ୍କୁ ଜାଲରେ ଫସାଉଥିଲେ। ରମେଶ କହୁଥିଲେ,ବିଭିନ୍ନ ବ୍ୟାଙ୍କରେ ସୁନା ନିଲାମ ହେବାବେଳେ ତାଙ୍କୁ ସେ ବିଲ୍ କରି ଆଣନ୍ତି। ଏହାପରେ ଉକ୍ତ ସୁନାକୁ ସେ ବ୍ୟବସାୟୀମାନଙ୍କୁ ବିକ୍ରି କରି ବହୁ ଲାଭ କରନ୍ତି। ଏଥିପାଇଁ ଆର୍‌ବିଆଇ ପକ୍ଷରୁ ଅନୁମୋଦନ ମିଳିଥିବା ବୋଲି ମଧ୍ୟ ରମେଶ ମିଛ କହୁଥିଲେ। ରମେଶ ୨୦୨୨ରୁ ୨୦୨୩ ମଧ୍ୟରେ ଅଭିଯୋଗକାରୀ ଭୋଲାନାଥଙ୍କଠାରୁ ୫.୬ କୋଟି ଟଙ୍କା ନେଇଥିଲେ। ସେ ଏହା ବଦଳରେ ଲାଭ ମିଶାଇ ୬.୭୨ କୋଟି ଦେବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ରମେଶ ଟଙ୍କା ଫେରାଉ ନ ଥିଲେ କି ଧରା ଛୁଆଁ ମଧ୍ୟ ଦେଉ ନ ଥିଲେ। ଏପରିକି ଘରକୁ ଗଲେ ବିଭିନ୍ନ ଉପାୟରେ ଧମକ ଦେଉଥିଲେ ବୋଲି ଭୋଲାନାଥ କହିଛନ୍ତି। ତେବେ ତଦନ୍ତ ଆଗେଇବା ପରେ ଠକେଇର ପରିମାଣ ଆଗକୁ ବଢ଼ିବ ବୋଲି ସନ୍ଦେହ କରାଯାଉଛି।

# ବରୀ ବିଧାୟକ, ବିଡିଓଙ୍କ ନାଁରେ ଥାନାରେ ଅଭିଯୋଗ

## ବ୍ଲକ୍‌ରେ ବିଜେଡି କର୍ମୀଙ୍କ ଆତଙ୍କରାଜ, ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ

ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ)

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ନାମରେ ବୁଧବାର ସନ୍ଧ୍ୟାରେ ବରୀ-ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକ୍ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ବ୍ଲକ୍‌ରେ ବିଜେଡି କର୍ମୀ ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ କରିଛନ୍ତି। ଏଥିରେ ବିଧାୟକ ଓ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେଣୁ ପୋଲିସ ଯଦି ଘଟଣାର ତଦନ୍ତକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଭାଜପା ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ଦର୍ଶାଯାଇଛି, ଗତ ମଙ୍ଗଳବାର ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ସହିତ ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାର ଥିଲା। ତେଣୁ ବିଡିଓଙ୍କୁ ଉପସ୍ଥିତ ରହିବାକୁ ପୂର୍ବରୁ ଅବଗତ କରାଯାଇଥିଲା। ମାତ୍ର ବିଧାୟକ ଏକଥା ଜାଣିବା ପରେ ତାଙ୍କ ନେତୃତ୍ୱରେ ବହୁ କର୍ମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି ଘଟଣା ପଛରେ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜେଡି କର୍ମୀ ହୋହଲ୍ଲା କରିବାରୁ ବିଭିନ୍ନ କାମରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଭାଜପା ଯୁବମୋର୍ଚ୍ଚାର ଶ୍ରବଣ ଦାସ, ସୌଭାଗ୍ୟ ଦାସ, ସଞ୍ଜୟ ଘଡ଼େଇ, ଓମ୍ ବେହେରା, ଅଭିଜିତ ରାୟ, ଚିତ୍ତରଞ୍ଜନ ଜେନା, ନାରାୟଣ ସାହୁ, ନୃସିଂହ ବେହେରା, ସୌମ୍ୟଜିତ ସିଂ ଓ ସୁବାସ ଦାସ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଧାୟକ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗଗୁ ଭିତ୍ତିହୀନ ବୋଲି କହିବା ସହ ତାଙ୍କ ବିରୋଧୀ ଔଷଧ ଖାଆନ୍ତୁ ତାଙ୍କିଆ ନ କାମୁଡ଼ନ୍ତୁ ବୋଲି ପ୍ରକାଶ କରିଛନ୍ତି।


ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ବନ ବିଭାଗରେ ହାଜର ହେଲେ ଖଳନାୟକ

- ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ମହଙ୍ଗା ପଡ଼ିଲା
- ଅଜଗର ନୁହେଁ, ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ବୋଲି ଦର୍ଶାଇଲେ

ଚଣ୍ଡିଖୋଲ,୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)


ଖଳନାୟକ ସାଇ ସତ୍ୟଜିତ୍ ପଣ୍ଡା।

ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ତୁଳସୀ ଗଣନାଟ୍ୟର ଖଳନାୟକ ସାଜିଥିବା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡାଙ୍କ ପାଇଁ ମହଙ୍ଗା ପଡ଼ିଛି। ବନ ବିଭାଗ ନୋଟିସ ଅନୁସାରେ ଖଳନାୟକ ସାଇ ସତ୍ୟଜିତ୍ ବୁଧବାର ଯାଜପୁର ଜିଲା ବୈରୀ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ସେ ସେଠାରେ କହିଛନ୍ତି, ଯେଉଁ ସାପଟି ଧରି ମଞ୍ଚରେ ପ୍ରଦର୍ଶନ କରିଥିଲେ, ତାହା ଅଜଗର ନ ଥିଲା, ତାହା ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ନାମକ ସାପ। ଏହା ବିଷଧର ନୁହେଁ। ଏହି ସାପ ଭାରତରେ ବିକ୍ରି କରାଯାଉଛି। ସାଇ ସତ୍ୟଜିତ୍ ଜିଏସ୍‌ଟି ସହିତ ସମ୍ପୂର୍ଣ୍ଣ ପଇସା ଦେଇ ସାପଟିକୁ କିଣିଛନ୍ତି। ଏହାକୁ ଘରେ ରଖିଲେ କୌଣସି ଅସୁବିଧା ନାହିଁ। ଏପରିକି ଓଡ଼ିଶାରେ ବିଭିନ୍ନ ଲୋକ ଏହି ସାପକୁ କିଣି ଘରେ ରଖିଛନ୍ତି। କିନ୍ତୁ ଏହାକୁ ମଞ୍ଚରେ ପ୍ରଦର୍ଶନ କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ସାଇ ସତ୍ୟଜିତ୍ ଜାଣିନାହାନ୍ତି ବୋଲି ବନ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ଯଦି ବନ ବିଭାଗ ତରଫରୁ ମନା କରାଯାଏ ତେବେ ସେ ଆଉ ସାପ ଧରି ଅଭିନୟ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୈରୀ ରେଞ୍ଜର ଆଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ନୋଟିସ ଦେବାପରେ ସେ କାଗଜପତ୍ର ଧରି ଏଠାରେ ପହଞ୍ଚିଥିଲେ। ଏହାର ଯାଞ୍ଚ କରାଯିବ। ଏହାପରେ ଆଇନ ଅନୁଯାୟୀ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏସିଏଫ୍ ରବିନାରାୟଣ ମହାନ୍ତି କହିଛନ୍ତି, ସେ ସାପ କିଣିଥିବା ନେଇ ଯେଉଁ କାଗଜପତ୍ର ଦେଖାଉଛନ୍ତି ତାହାକୁ ଯାଞ୍ଚ କରାଯିବ। ଏଥିସହ ଯେଉଁଠାରୁ ସାପ କିଣିଛନ୍ତି ତାଙ୍କର ବିକ୍ରିକରିବାର ଅନୁମତି ଅଛି କି ନାହିଁ ଏବଂ ସେ କେଉଁଠାରୁ ଆଣିଲେ ତାହାକୁ ମଧ୍ୟ ଯାଞ୍ଚ କରାଯିବ। ବନ୍ୟପ୍ରାଣୀ ନିୟମ ଅନୁଯାୟୀ ଯେଉଁମାନେ କାଗଜପତ୍ର ଠିକ୍ କରି କିଣିଥିବେ ତାହା ଠିକ୍ ଥାଇପାରେ। କିନ୍ତୁ ବନ୍ୟପ୍ରାଣୀଙ୍କୁ ଧରି ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶନ କରିବା ଦ୍ୱାରା ଆଇନର ଉଲ୍ଲଂଘନ ହେଉଛି। ତେଣୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିଲାପରେ ଯାହା ଆଇନଗତ ଦୃଷ୍ଟିକୁ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ କଳାକାର ଓ ଯାତ୍ରା ମାଲିକଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯାଇପାରେ ବୋଲି ଏସିଏଫ୍ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ କହିଛନ୍ତି, କଳାକାର ନିଜେ ସାପ କିଣି ତାହାକୁ ସେ ଆଖଡ଼ାଶାଳରେ ପ୍ରଦର୍ଶନ କରିଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ବ୍ୟାପାର। ଏଥିରେ ଯାତ୍ରା ପାର୍ଟିର କୌଣସି ସମ୍ପର୍କ ନାହିଁ।

ଖଳନାୟକ ସାଇ ସତ୍ୟଜିତ୍ ମଞ୍ଚରେ ସାପ ଧରି ଅଭିନୟ କରୁଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା। ଏହାପରେ ବୈରୀ-ଡାଳିଯୋଡ଼ା ରେଞ୍ଜ ତରଫରୁ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମ ତିରଣସ୍ଥିତ ଯାତ୍ରା ଆଖଡ଼ାଶାଳରେ ମଙ୍ଗଳବାର ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଖଳନାୟକ କିମ୍ବା ଯାତ୍ରା ପାର୍ଟି ମାଲିକ ଅନୁପସ୍ଥିତ ଥିଲେ। ତେଣୁ ବନ ବିଭାଗ କାର୍ଯ୍ୟାଳୟରେ ହାଜରହେବାକୁ ଖଳନାୟକଙ୍କୁ ବନବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା।

# ଜାତୀୟ ମାଗାଜିନରେ ମାଲକାନଗିରି କେଜିବିଭି ଛାତ୍ରୀ ବିଭୂତି

ମାଲକାନଗିରି, ୨୩।୭
(ଦୁର୍ଯ୍ୟୋଧନ ପାତ୍ର)

ଏକ ଜାତୀୟସ୍ତରୀୟ ମାଗାଜିନରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଛାତ୍ରୀ ବିଭୂତି ମୁଣ୍ଡାଗୁଡ଼ିଆ। ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ବିଭୂତିଙ୍କ ସଫଳ କାହାଣୀ ଏଥିରେ ପ୍ରକାଶ ପାଇଛି। ସେ ସଦର ବ୍ଲକ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ। ହ୍ୟାଣ୍ଡବଲ ଖେଳ ପ୍ରତି ଥିବା ତାଙ୍କ ଆଗ୍ରହ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚିତ


ବିଭୂତି ମୁଣ୍ଡାଗୁଡ଼ିଆ

କରାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ମାଗାଜିନ ପ୍ରସ୍ତୁତ କରାଯାଉଛି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସେ ଭବିଷ୍ୟତରେ ଜଣେ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ବାପା ମିସ୍ତ୍ରି କାମ କରୁଥିବାବେଳେ ମା' ଛତୁଚାଷ କରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ଭଲ ପାଠପଢ଼ି ଖେଳକୁଦରେ ଉପରକୁ ଯିବା ତାଙ୍କର ଇଚ୍ଛା। ପାଠପଢ଼ା ସହ ଖେଳପ୍ରତି ରୁଚି ରଖୁଥିବା ବିଭୂତି ଜିଲା ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଜୁନିୟର ନ୍ୟାଶନାଲ ସ୍କୁଲ ସ୍ପୋର୍ଟସ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ।

ପ୍ରକାଶ ଯେ, ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ନିମନ୍ତେ ୨୦୦୪ରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିଲା।

# ଲଘୁଚାପ: ୫ ଦିନ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୩।୭
(ଅନୁରାଧା ମହାରଣା)

ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଘୂର୍ଣ୍ଣିବଳୟ ରୂପରେ ବୁଧବାର ବଙ୍ଗୋପସାଗରରେ ପ୍ରବେଶ କରିଛି। ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବାବେଳେ ଗୁରୁବାରଠାରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବୁଧବାର କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗୁରୁବାର ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇ ଲଘୁଚାପ କ୍ଷେତ୍ର ଆଗକୁ ବଢ଼ିବ, ଯାହାର ପ୍ରଭାବରେ ଜୁଲାଇ ୨୪ ଓ ୨୫ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି। ଗୁରୁବାର କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମାଲକାନଗିରିରେ ଅତି ପ୍ରବଳ ବର୍ଷା ହେବ। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବୋହିବା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ୨୫ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ଅତି ପ୍ରବଳ ବର୍ଷା ହେବ। ସେହିପରି ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଭଦ୍ରକ, ଜଗତ୍‌ସିଂହପୁର, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।


## ODISHA CONSTRUCTION CORPORATION LIMITED, BHUBANESWAR

PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
No.CAD-1211: **"e"-Procurement Notice No.25/OCCL/2025-26 (on-line)**

Online percentage rate tender is invited from the eligible bidders for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in months) | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Construction works of Arrival Plaza for "Integrated Master Plan of Hirakud Reservoir" | OCCL_ SMP/04/ 2025-26 | Rs.17.68 Crore | Rs.17,68,000/- | 09 Calendar Months | From 25.07.2025, 03.30 PM to 14.08.2025, 05.30 PM |

Procurement Officer : Managing Director, OCCL.
Date of Opening of the Tender : **16.08.2025, 12.00 noon onwards**
Further details can be seen from the e-Procurement portal : https://www.tendersodisha.gov.in. https://odishaconstruction.com

OIPR-34120/11/0043/2526 **Sd./- Managing Director**

## ODISHA PUBLIC SERVICE COMMISSION CUTTACK

### NOTICE

**No. 5208 / P.S.C., Dt. 22.07.2025**
**1E-30-2025/26 (DR-III)**

**Post Graduate Teacher in Discipline - PSYCHOLOGY**
(Advertisement No.25 of 2023-24)

**No.D-142** : In Continuation to this Office Notice No. 5135/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Psychology - Discipline**, pursuant to Advertisement No. 25 of 2023-24 will be held from **04.08.2025 to 06.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 04.08.2025 | 08.30 A.M. | 10.30 A.M. | 103478, 103482, 103490, 103501, 103506, 103519, 103530, 202518, 202520, 202529, 202530, 308299, 308304, 308308, 308309, 308314, 308316, 308326, 308333 & 308344 **= 20 Candidates** |
| | 12.30 P.M. | 02.30 P.M. | 308357, 308359, 308360, 308365, 308369, 308374, 308376, 308378, 308383, 308388, 308410 & 308411 **= 12 Candidates** |
| 05.08.2025 | 08.30 A.M. | 10.30 A.M. | 308418, 308423, 308438, 308441, 308445, 308446, 308464, 308473, 308485, 308517, 308523, 308532, 308539, 308549, 308552, 308555, 308573, 308574, 308580 308593 **= 20 Candidates** |
| | 12.30 P.M. | 02.30 P.M. | 308594, 403727, 403728, 403733, 403738, 403774, 403776, 403778, 403785, 403807, 403817 & 403825 **= 12 Candidates** |
| 06.08.2025 | 08.30 A.M. | 10.30 A.M. | 403839, 403845, 403848, 403853, 505509, 505511, 505515, 505516, 505544, 505552, 505555, 505556, 505571, 505577, 505582 & 505597 **= 16 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0278/2526 **Sd./- Secretary**

## NOTICE

No.E-253:Sealed Tenders are invited from the interested firms for supply of dietary articles i.e. **Bengal Gram, Sliced Milk Bread, Fresh Green Grass, Fresh Green Vegetables** for the animal house of VIMSAR, Burla for the financial year 2025-26.The detail terms and conditions in this college website i.e www.vimsar.ac.in and district website i.e.www.sambalpur.odisha.govt.in. The last date of receipt of tenders will be on 19.08.2025 latest by 5.30 PM which will be opened on 19.08.2025 at 11.30 AM in the Conference Hall of Dean & Principal, VIMSAR Burla.

**Sd/-**
**Dean & Principal,**
**VSS Institution of Medical Sciences & Research, Burla**

OIPR-10012/11/0004/2526

## Bhubaneswar Municipal Corporation

Notice No. - 36035/BMC/2025-26 Dt. : 21.07.2025

**REQUEST FOR PROPOSAL FOR**

**SELECTION OF AGENCY FOR TOWING OF ILLEGALLY PARKED VEHICLE UNDER THE JURISDICTION OF BMC AREA BHUBANESHWAR MUNICIPAL CORPORATION AREA**

**No.C-728** : Bhubaneswar Municipal Corporation (BMC) invites proposals from reputed Agencies for towing of illegally parked vehicle under the jurisdiction of Bhubaneswar Municipal Corporation Area. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from **03.00 PM of 24.07.2025 to 04.00 PM of 11.08.2025**. The last date of receipt of technical and financial bids is **11.08.2025** till **4.00 PM** and the same would be opened on **11.8.2025 at 5.00 P.M. The Pre-bid meeting** is scheduled on **29.07.2025 at 04.00 P.M.** in the Conference Hall at BMC Office. Further details can be seen from the BMC Website. Any addendum/corrigendum/cancellation of tender can also be seen in the said website..

BMC reserves the right to cancel this invitation and / or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

OIPR-13002/11/0222/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA

No.O-444
Email ID : ccerwcrayagada@gmail.com

**Letter No. 1459** **Date : 15.07.2025**

**e-Procurement Notice for Periodical Renewal work of 5 Year Post DLP PMGSY Roads for financial year 2024-25 under Incentive grant**

1. Name of the work : Periodical Renewal work of 5 Year Post DLP PMGSY Roads for finacial year 2024-25 under Incentive grant (14 Nos Packages)
2. Class of contractor : "B", "A" & "Special" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.109.31 Lakhs to Rs.706.03 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-13/ RWCRGDA/ /2025-26 | Dt.23.07.2025 at 11.00 A.M. | Dt.12.08.2025 Up to 5.00 P.M. | Dt.11.08.2025 Up to 5.00 P.M. | Dt.13.08.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Rayagada**

OIPR-25196/11/0022/2526

## ODISHA PUBLIC SERVICE COMMISSION CUTTACK

### NOTICE

**No. 5204 / P.S.C., Dt. 22.07.2025**
**1E-08-2025/26 (DR-III)**

**Recruitment to the post of Post Graduate Teacher in Discipline - HOME SCIENCE**
(Advertisement No.25 of 2023-24)

**No.D-141** : In continuation to this Office Notice No. 5137/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Home Science Discipline**, pursuant to Advertisement No. 25 of 2023-24 will be held from **11.08.2025 to 14.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 11.08.2025 | 08.30 A.M. | 10.30 A.M. | 102375, 102384, 102393, 201643, 201649, 201654, 201656, 201663, 305550, 305553 & 305561 **= 11 Candidates** |
| | 12.30 P.M. | 02.30 P.M. | 305564, 305568, 305583, 305584, 305587, 305590 & 305601 **= 07 Candidates** |
| 12.08.2025 | 08.30 A.M. | 10.30 A.M. | 305603, 305604, 305606, 305607, 305610, 305612, 305616, 305622, 305635, 305636 & 305640 **= 11 Candidates** |
| | 12.30 P.M. | 02.30 P.M. | 305646, 305650, 305652, 305653, 305661, 402421 & 402433 **= 07 Candidates** |
| 13.08.2025 | 08.30 A.M. | 10.30 A.M. | 402444, 402446, 402448, 402449, 402461, 402467, 503542, 503543, 503547, 503553 & 503554 **= 11 Candidates** |
| | 12.30 P.M. | 02.30 P.M. | 503562, 503567, 503570, 503572, 503574, 503575 & 503577 **= 07 Candidates** |
| 14.08.2025 | 08.30 A.M. | 10.30 A.M. | 503591, 503596, 503602, 503610, 503611, 503615, 503622, 503623, 503638, 503640 & 503642 **= 11 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0279/2526 **Sd./- Secretary**

## Government of Odisha, "e"-Procurement Notice
## WORKS DEPARTMENT

No.B-314
E-mail : ceroads.bbsr@gmail.com

**Bid Identification No. CE-Roads-I-07/2025-26**

1. The Chief Engineer (Roads-I), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below :
2. Nature of work : Road works
3. No. of work : 4 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class / Special Class / Super Class
6. Available of bid document in the website : From 10.00 A.M. of 23.07.2025 to 5.30 P.M. of 12.08.2025
7. Date of opening of Bid : Dt.13.08.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (Roads-I), Odisha**

OIPR-34181/11/0033/2526

## ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

### ସୂଚନା

ସଂ.୧୮୯– ସି ଗୋପନୀୟ ବିବିଧ–୨୦/୨୦୨୫ ତା.୨୧.୦୭.୨୫ରିଖ

No.E-251:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, MISSION DIRECTOR, NHM,ODISHA ଦର୍ଶାଯାଇ ବର୍ତ୍ତମାନର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଜାଲି ବା ନକଲି ଦସ୍ତଖତ ଥିବା ୨୮୩୨ ତା.୯.୭.୨୦୨୫ ସଂଖ୍ୟା ବିଶିଷ୍ଟ ଏକ ଜାଲି ବା ନକଲି ଚିଠି ନିମ୍ନ ସ୍ୱାକ୍ଷରକାରୀଙ୍କ ଗୋଚରକୁ ଆସିଛି । ଏପରି ଚିଠି ନିମ୍ନ ସ୍ୱାକ୍ଷରକାରୀ ଦସ୍ତଖତ କରିନାହାନ୍ତି କି ଏହି ନିର୍ଦ୍ଦେଶାଳୟରୁ ଏହା ନିର୍ଗମନ କରାଯାଇନାହିଁ । ଏହି ଜାଲି ବା ନକଲି ଚିଠିକୁ କାର୍ଯ୍ୟକାରୀ ନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି । ଏହି ଚିଠିକୁ ନେଇ କୌଣସି ଅଘଟଣ ଘଟିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଉତ୍ତରଦାୟୀ ରହିବ ନାହିଁ ।

ସ୍ୱା./–
ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା

OIPR-10002/11/0016/2526

## idco | ODISHA NEW OPPORTUNITIES

Your power to grow
ISO 9001 & 14001 Corporation

No.CAD-1216

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

**Tender Call Notice No- BBSR/ELECT-II/E-366/25-26/1762 Dt:17.07.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply installation, testing and commissioning of two nos 10 passenger lift for integrated infrastructure Complex (Old age home) at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-24/25-26 | 23.07.2025 at 12.00 Hrs. | 02.08.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0209/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ, ଜିଲ୍ଲା:ଖୋର୍ଦ୍ଧା

ସ୍ଥାନ/ପୋ–ବାଲୁଗାଁ, ଜିଲ୍ଲା–ଖୋର୍ଦ୍ଧା
ଇ–ମେଲ୍– eonac.balugaon2013@gmail.com
ବିଜ୍ଞାପନ ସଂଖ୍ୟା ୧୩୧୩/ତାରିଖ ୨୧.୦୭.୨୦୨୫

### ବିଜ୍ଞାପନ

No.C-721: ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୫–୨୬ (ତା.୧.୦୮.୨୦୨୫ ରିଖ ଠାରୁ ତା.୩୧.୦୭.୨୦୨୬ ରିଖ) ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନିମ୍ନଲିଖିତ ନିଲାମ ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ /ତଥ୍ୟ NIC, Khordhaଙ୍କ ୱେବ୍‌ସାଇଟ୍ www.khordha.odisha.gov.in ରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି Envelopeକୁ ଅନ୍ୟ ଗୋଟିଏ ବଡ Envelopeରେ Cover No.Cରେ ଜଉମୁଦ କରି ପୌରପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ସ୍ପିଡ୍ ପୋଷ୍ଟ/ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୨୪.୦୭.୨୦୨୫ ରିଖଠାରୁ ତା.୩୧.୦୭.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender Paper) ର ମୂଲ୍ୟ Cover No.Aରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟ ସୀମା ଭିତରେ Cover No.A ରେ ରଖିବା ବାଧ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Commercial Bid, Cover No.A ଯୋଗ୍ୟ ବିବେଚିତ ହେବ, କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Price Bid, Cover No.B ଖୋଲାଯିବ ।

| କ୍ର. ସଂ. | ନିଲାମ/ଟେଣ୍ଡର ନାମ | ସର୍ବନିମ୍ନ ଇଜରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (Non–refundable) |
|---|---|---|---|
| ୧ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେକୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ଟ.୨,୬୦,୯୨୦/– | ଟ.୨,୦୦୦/– |
| ୨ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ଟ.୨,୭୫,୦୦୦/– | ଟ.୨,୦୦୦/– |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ଟ.୨,୪୩,୨୧୦/– | ଟ.୨,୦୦୦/– |

- ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୨୫.୦୭.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ ।
- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ସମୟ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ନିଲାମ/ଟେଣ୍ଡର Commercial Bid, Cover No.A ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ନ ଘ.୩.୦୦ ମିନିଟ୍ ଅଟେ ।
- ନିଲାମ/ଟେଣ୍ଡର Price Bid, Cover No.B ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

OIPR-13148/11/0011/2526

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE CHIEF ENGINEER AND BASIN MANAGER,

No.A-

**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumburla@gmail.com

**'e' Procurement Notice No-CE & BM-MB-07/2025-2026 (Online)**
**BID IDENTIFICATION NO-CE & BM-MB-07/2025-2026 (Online)**

| | | |
|---|---|---|
| 1 | Name of the work | Renovation of Canal System of Hirakud Dam Project (Bheden Canal Section, Bargarh Irrigation Division, Bargarh) |
| 2 | No of works | One (01) number |
| 3 | Class of contractor | "A Class" and "Special Class" |
| 4 | Bid Identification No | CE&BM-MB-07/2025-2026 (Online) |
| 5 | Estimated cost | Rs.13.99 Crores |
| 6 | Period of completion | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | Dated - 24.07.2025 at 11.30 A.M. to Dated - 14.08.2025 up to 5.00 P.M. |
| 8 | Last date/time for receipt of Bids in the portal | Dated - 14.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | Dated - 16.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager, Mahanadi Basin, Burla**

OIPR-32508/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ଅଲ୍ ନ୍ୟୁ ରେନୋ ଟ୍ରାଇବର

ମୁମ୍ବାଇ,୨୩।୭

ରେନୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ରେନୋ ଟ୍ରାଇବର'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଭାରତର ସବୁଠାରୁ ଅଭିନବ ଏବଂ ୭ ସିଟ୍ ବିଶିଷ୍ଟ ଏକ ଲମ୍ବା କାର୍ ହୋଇଥିଲାବେଳେ ନୂଆ ଟ୍ରାଇବରରେ ଏକ ନୂତନ ଏବଂ ଆଧୁନିକ ଡିଜାଇନ୍ ପରିଭାଷା ରହିଛି। ଏହା ଆରାମଦାୟକ ସୁବିଧା ସୁଯୋଗ ସହ ମଡ୍ୟୁଲାରିଟି, ରିଥିଙ୍କ୍ ସ୍ପେସ୍ ଦର୍ଶନର ଅନନ୍ୟ ଡିଏନ୍ଏକୁ ବଜାୟ ରଖିଛି। ନୂଆ ପିଢ଼ିର ଏହି ମଡେଲ ସବୁଠାରୁ ଅଭିନବ ଓ ପରିବାର ପାଇଁ ଉପଯୋଗୀ କାର୍ ଭାବେ ଏକ ସଂପୂର୍ଣ୍ଣ ନୂତନ ଡିଜାଇନ ସହ ଉନ୍ମୋଚିତ ହୋଇଛି। ଏଥିରେ ଏକ ନୂତନ ଗ୍ରିଲ୍, ସ୍କଲପଟରଡ ହୁଡ୍, ସତେଜ ବମ୍ପର, ସ୍ଲିକ୍ ଏଲଇଡି ପ୍ରୋଜେକ୍ଟର୍ ହେଡଲାମ୍ପ ସହ ଏଲ୍ଇଡି ଡିଆର୍ଏଲ୍ ଏବଂ ନୂତନ ଏଲଇଡି ଫୋଗ୍ ଲାମ୍ପ ରହିଛି।

ଏ ସମ୍ପର୍କରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ କହିଛନ୍ତି, ଭାରତ ରେନୋର ବିଶ୍ୱସ୍ତରୀୟ ରଣନୀତିର ଏକ ମୁଖ୍ୟ ଆଧାର ହୋଇରହିଛି। ତାହା ଏକ ଶକ୍ତିଶାଳୀ ଉତ୍ପାଦ ବର୍ଗମାଳା, ସମ୍ପ୍ରସାରିତ ରପ୍ତାନି ପରିଚାଳନା ଏବଂ ଗ୍ରାହକ ସନ୍ତୁଷ୍ଟି ଉପରେ ନୂତନ ଧ୍ୟାନ ସହିତ ପରିଚାଳିତ ହେଉଛି।




ଅଲ ନ୍ୟୁ ଟ୍ରାଇବର୍‌ର ଅନାବରଣ ଉତ୍ସବରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ (ବାମ) ଏବଂ ଉପସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ (ଡାହାଣ) ଉପସ୍ଥିତ ଅଛନ୍ତି।

ରେନୋ ଇଣ୍ଡିଆର ଉପ ସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ କହିଛନ୍ତି, ଟ୍ରାଇବର ସର୍ବଦା ଭାରତୀୟ ପରିବାରଙ୍କ ବିକଶିତ ଆବଶ୍ୟକତାକୁ ଆମର ଗଭୀର ବୁଝାମଣାକୁ ପ୍ରତିଫଳିତ କରିଆସିଛି। ଅଲ୍ ନ୍ୟୁ ଟ୍ରାଇବର୍ ସହ ଆମେ ଆମର 'ରିଥିଙ୍କ୍ ସ୍ପେସ୍' ଦର୍ଶନକୁ ଆଗକୁ ବଢ଼ାଇବ ସହ ଭାରତର ସବୁଠାରୁ ବଡ଼ ୪ ମିଟରରୁ ଊର୍ଦ୍ଧ୍ୱ କାର୍ ପ୍ରଦାନ କରୁଛୁ। ଏହା ବର୍ତ୍ତମାନ ସଂପୂର୍ଣ୍ଣ ନୂତନ ଡିଜାଇନ୍ ଏବଂ ସୁବିଧା ସହିତ ଉପଲବ୍ଧ। ସେହିଭଳି ନୂତନ ଟ୍ରାଇବର ବର୍ତ୍ତମାନ ୨୧ଟି ଷ୍ଟାଣ୍ଡାର୍ଡ୍ ସୁରକ୍ଷା ସୁବିଧା ସହ ଉପଲବ୍ଧ ରହିଛି। ନୂତନ ଟ୍ରାଇବର ବର୍ତ୍ତମାନ ୪ଟି ନୂତନ ଭାରିଆଣ୍ଟ ଯଥା ଅଥେଣ୍ଟିକ୍, ଇଭୋଲ୍ୟୁସନ୍, ଟେକନୋ ଏବଂ ଇମୋସନରେ ଉପଲବ୍ଧ। ଏହାର ପ୍ରାରମ୍ଭିକ ମୂଲ୍ୟ ୬.୨୯ଲକ୍ଷରୁ ୯.୧୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହାର ବୁକିଂ ଆଜିଠାରୁ ସମସ୍ତ ଡିଲରଶିପରେ ଆରମ୍ଭ ହୋଇଛି।


## ତ୍ରୟୋଦଶ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା



**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**

ଜନ୍ମ ତାରିଖ- ତା୨୪।୦୭।୨୦୧୨

କୋହେନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ, ଜଟଣୀ, ଖୋରଧା

ତୋର ତ୍ରୟୋଦଶ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।

ଶୁଭେଚ୍ଛା ସହ- ଜେଜେମା, ନନା, ବୋଉ, ଅଜା, ଆଈ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ଶଶିପ୍ରଭା ଭାଉଜ

ଧ-୧୩୯୯


## ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଗବେଷକ ଜିତ୍ ଅମ୍ରିତ୍ ପଟ୍ଟନାୟକ, ଭୁବନେଶ୍ୱରସ୍ଥିତ Siksha 'O' Anusandhan Deemed to be Universityରୁ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଡ. ରବିନାରାୟଣ ପଣ୍ଡା ଓ ପ୍ରଫେସର ସୁରେଶ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Surface Properties of Finite Nuclei at Local Density Approximation within Non-Relativistic and Relativistic Energy Density Functionals" ସନ୍ଦର୍ଭଟି ରଚନା କରିବା ସହ ନୂତନ ତଥ୍ୟ ଆବିଷ୍କାର କରିଛନ୍ତି। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭଟିକୁ Tata Institute of Fundamental Research, Mumbaiର ପ୍ରଫେସର ରୁଦ୍ରଜ୍ୟୋତି ପାଲିତ୍ ଏବଂ University of Surrey Englandର ପ୍ରଫେସର ପଲ୍ ଷ୍ଟିଭେନସନ ମୂଲ୍ୟାୟନ କରି ତାଙ୍କ ଗବେଷଣାକୁ ଉଚ୍ଚ ଗୁଣବତ୍ତା ଓ ମୂଲ୍ୟବାନ ଅବଦାନ ବୋଲି ପ୍ରଶଂସା କରିଥିଲେ। ଡ. ପଟ୍ଟନାୟକ ବୌଦ୍ଧ ଜିଲ୍ଲାର ଶ୍ରୀମତୀ ଗୀତାଞ୍ଜଳି ଦଲାଲ୍ ଓ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ଈଶ୍ୱରଙ୍କୁ, ସମସ୍ତ ଗୁରୁମାନଙ୍କୁ, ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ/ପ୍ରାଧ୍ୟାପିକା, ସମସ୍ତ ପରିବାରବର୍ଗ ବିଶେଷ କରି ବାପା, ମା, ଭାଇ ବିଶ୍ୱଜିତ୍ ଓ ଶିତିକଣ୍ଠ, ପିଉସା, ପିଉସୀ, ସମସ୍ତ ମିତ୍ର ଏବଂ ସହଯୋଗୀ-କମ୍-ମେଣ୍ଟର ଭାବରେ ଡ. ମୃତ୍ୟୁଞ୍ଜୟ ଭୂୟାନଙ୍କୁ ମଧ୍ୟ ସ୍ମରଣ କରି ତାଙ୍କ ସହଯୋଗ, ସ୍ନେହ ଓ ଆଶୀର୍ବାଦ ପ୍ରଦାନ କରିଥିବାରୁ ମଧ୍ୟ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇଛନ୍ତି।

ଧ-୧୪୦୬

# ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍

ଭୁବନେଶ୍ୱର,୨୩।୭

ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଯୋଜନା ତଥା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ନିଜ ପରିବାରର ସୁରକ୍ଷା ସହ ସଞ୍ଚୟ ଗଠନକରିବା ପାଇଁ ସରଳ ତଥା ଭରସାଯୋଗ୍ୟ ସମାଧାନ ଚାହୁଁଥିବା ମଧ୍ୟମ ଆୟ ବର୍ଗର ଭାରତୀୟମାନଙ୍କୁ ଦୃଷ୍ଟିରେ ରଖି ଏହି ପ୍ଲାନ୍‌କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସେହିଭଳି 'ପ୍ରୋଟେକ୍ସନ ଭି, ବଚତ୍ ଭି'ର ଦୃଢ଼ ପ୍ରତିଶ୍ରୁତି ଉପରେ ଭାରତୀ ଆକ୍ସା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍ ଗଠନ କରାଯାଇଛି। ଏପରିକି ଏହା ଗ୍ରାହକମାନଙ୍କୁ ସେମାନଙ୍କ ବାର୍ଷିକ ପ୍ରିମିୟମର ୩୦ଗୁଣା (ଏବଂ ରାଇଡର୍‌ର ୫୦ ଗୁଣା ପର୍ଯ୍ୟନ୍ତ) ବୀମା ସୁରକ୍ଷା ସହ ଗ୍ୟାରେଣ୍ଟି ରିଟର୍ନ ପ୍ରଦାନ କରୁଛି। ଶୃଙ୍ଖଳିତ, ଚିନ୍ତାମୁକ୍ତ ଆର୍ଥିକ ଯୋଜନା ଚାହୁଁଥିବା ଗ୍ରାମୀଣ ଭାରତର ଯୁବ ପେସାଦାର, ବ୍ୟବସାୟ ମାଲିକ, ବେତନଭୋଗୀ ବ୍ୟକ୍ତି ଓ ପରିବାର ପାଇଁ ଏହି ପ୍ଲାନ୍ ବେଶ୍ ଉପଯୁକ୍ତ ରହିଛି। ଭାରତୀ ଆକ୍ସା ଗ୍ୟାରେଣ୍ଟି ବଚତ୍ ପ୍ଲାନ୍‌ରେ ବାର୍ଷିକ ପ୍ରିମିୟମ୍‌ର ୩୦ ଗୁଣା ପର୍ଯ୍ୟନ୍ତ ଜୀବନ ବୀମା ସୁରକ୍ଷା, ଗ୍ୟାରେଣ୍ଟି ରିଟର୍ନ, ଦେୟ ପ୍ରଦାନ ସୁବିଧା, ବିକଳ୍ପ ରାଇଡର୍ ଓ ଟିକସ ସୁବିଧା ଆଦି ରହିଛି। ବିକଳ୍ପ ରାଇଡର୍‌ରେ ଗ୍ରାହକମାନେ ଦୁର୍ଘଟଣାଜନିତ ମୃତ୍ୟୁ, ଜଟିଳ ଅସୁସ୍ଥତା, ହସ୍ପିଟାଲ୍ କ୍ୟାଶ୍ ଏବଂ ପ୍ରିମିୟମ୍ ଛାଡ଼ ଭଳି ରାଇଡର୍ ବିକଳ୍ପ ଚୟନ କରିପାରିବେ। ଏ ସମ୍ପର୍କରେ ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ଗ୍ରୋଥ୍ ଅଫିସର ପ୍ରେରକ ପରମାର କହିଛନ୍ତି, ବୀମା ସରଳ, ଭରସାଯୋଗ୍ୟ ଏବଂ ପ୍ରତି ଭାରତୀୟଙ୍କ ପାଇଁ ପ୍ରସ୍ତୁତ ହେଉ ବୋଲି ଭାରତୀ ଆକ୍ସା ଲାଇଫ୍‌ରେ ଆମର ଲକ୍ଷ୍ୟ ରହିଛି।

# ଇସ୍ପାତ ଉତ୍ପାଦନକୁ ଗୁରୁତ୍ୱ ଦେବ ଜେଏସ୍ଏଲ୍

ଭୁବନେଶ୍ୱର,୨୩।୭ (ଅଭୟ ଦାଶ)

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ନାମ ବଦଳି ୨୦୨୫ ଜୁଲାଇ ୨୨ରୁ ଜିନ୍ଦଲ ଷ୍ଟିଲ ଲିମିଟେଡ୍ (ଜେଏସ୍ଏଲ୍) ହୋଇଛି। ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନିଜର ମଞ୍ଜୁରୀ ପରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ଜେଏସ୍‌ପିଏଲ୍‌ର ନାମ ଜେଏସ୍ଏଲ୍‌କୁ ପରିବର୍ତ୍ତନକରିବା ପଛରେ ମୁଖ୍ୟ କାରଣ ହେଉଛି, କମ୍ପାନୀ କେବଳ ଏହାର ପ୍ରମୁଖ ବ୍ୟବସାୟ ଅର୍ଥାତ୍ ଇସ୍ପାତ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ ଏବଂ ଭବିଷ୍ୟତରେ ଏକ ମଜଭୁତ ଇସ୍ପାତ କମ୍ପାନୀ ଭାବେ ଆଗକୁ ବଢ଼ିବ। ଏହି ନୂତନ ନାମ ଦେଶ ଓ ବିଦେଶରେ ପରିଚିତ ହେବା ସହ କମ୍ପାନୀ ତା'ର ପୂର୍ବ ମୂଲ୍ୟବୋଧକୁ ବଜାୟ ରଖିବ। ଅପରପକ୍ଷରେ ଏହି ନାମ ପରିବର୍ତ୍ତନ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମ ୨୦୧୪ ର ନିୟମ ୨୯ ଅନୁଯାୟୀ କରାଯାଇଛି। ନୂତନ ନାମକୁ ପ୍ରତିଫଳିତ କରୁଥିବା ଇନ୍‌କର୍ପୋରେଶନ ପ୍ରମାଣପତ୍ର ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ଦ୍ୱାରା ଜାରି କରାଯାଇଛି। କମ୍ପାନୀର କର୍ପୋରେଟ ଆଇଡେଣ୍ଟିଫିକେଶନ ନମ୍ବର (CIN: L27105 HR 1979 PLC009913) କିମ୍ବା ପଞ୍ଜୀକୃତ ଠିକଣାରେ (ଜିନ୍ଦଲ ଷ୍ଟିଲ ଲିମିଟେଡ୍, ଓ.ପି. ଜିନ୍ଦଲ ମାର୍ଗ, ହିସାର-୧୨୫୦୦୫, ହରିୟାଣା, ଭାରତ) କିଛି ପରିବର୍ତ୍ତନ ହୋଇନାହିଁ। ସେହିଭଳି କମ୍ପାନୀର ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଜିନ୍ଦଲ ଷ୍ଟିଲ୍ ପୂର୍ବ ଭଳି ଏକ ପବ୍ଲିକ ଲିମିଟେଡ୍ କମ୍ପାନୀ ଭାବେ ପରିଚାଳିତ ହେବ, ଯାହାର ଶେୟାର ଲୋକେ କ୍ରୟ ବିକ୍ରୟ କରିପାରିବେ।

# ପିଏନ୍‌ବିର ଆର୍ଥିକ ସାକ୍ଷରତା ଶିବିର

ଭୁବନେଶ୍ୱର,୨୩।୭

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଆର୍ଥିକ ସାକ୍ଷରତା ଶିବିର ଏବଂ ଜନସୁରକ୍ଷା ପରିପୂର୍ତ୍ତି ଅଭିଯାନ ବ୍ରହ୍ମପୁରର ଶେରଗଡ଼ ଓ ଆସ୍କା ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବର ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶେରଗଡ଼ ଶାଖାର ବାରୁମଣ୍ଡଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦ ଗ୍ରାମ ଏବଂ ଆସ୍କା ଶାଖାର ବାରଗାମ ଗ୍ରାମପଞ୍ଚାୟତଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେରଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍‌ଜେଡିୱାଇର ୧୦ଟି, ପିଏମ୍‌ଏସ୍‌ବିୱାଇର ୧୩ଟି, ପିଏମ୍‌ଜେଜେବିୱାଇର ୯ଟି, ଏପିୱାଇର ୨ଟି ଲିଡ୍ ମିଳିଥିଲା। ଏଥିରେ ପିଏନ୍‌ବି ଶେରଗଡ ଶାଖାର ଶାଖା ମୁଖ୍ୟ ଯୋଗଦେଇଥିଲେ। ଆସ୍କା ବ୍ଲକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍‌ଜେଡିୱାଇର ୧୬ଟି, ପିଏମ୍‌ଏସ୍‌ବିୱାଇର ୧୦ଟି, ପିଏମ୍‌ଜେଜେବିୱାଇର ୧୧ଟି ଲିଡ୍ ମିଳିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଏଫ୍ଏଲସି ସଂଯୋଜକ, ବ୍ଲକ ଅଧିକାରୀ, ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

# ଏବିଏସ୍ଏଲ୍ଏମ୍ଏଫ୍‌ର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୨୩।୭

ଆଦିତ୍ୟ ବିର୍ଲା ସନ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ (ଏବିଏସ୍ଏଲ୍ଏମ୍ଏଫ୍) ର ନୂତନ ଉତ୍ପାଦ ରେଞ୍ଜ ତଥା ୨ଟି ଫାକ୍ଟର ବେସ୍‌ଡ ଇଣ୍ଡେକ୍ସ ଫଣ୍ଡ ' ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ମୋମେଣ୍ଟମ ୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ କ୍ୱାଲିଟ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ଫଣ୍ଡର ନ୍ୟୁ ଫଣ୍ଡ ଅଫର୍ସ (ଏନ୍ଏଫ୍‌ଓ) ନିକଟରେ ଆରମ୍ଭ ହୋଇଯାଇଥିଲାବେଳେ ଏହା ୨୦୨୫ ଅଗଷ୍ଟ ୪ରେ ବନ୍ଦ ହେବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ ଲାଇଫ୍ ଏଏମ୍‌ସି ଲିମିଟେଡ୍‌ର ଏମ୍ଡି ତଥା ସିଇଓ ଏ ବାଲସୁବ୍ରମଣ୍ୟନ କହିଥିଲେ, ଆମେ ଆମର ଦୁଇଟି ନୂତନ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି ଫଣ୍ଡ ରେଞ୍ଜ ଉଭୟ ନିବେଶକ ଓ ଉପଭୋକ୍ତାଙ୍କୁ ଅଧିକ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୩।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୪୦(୫୩୯.୮୩) ପଏଣ୍ଟ ବୃଦ୍ଧି ଘଟି ୮୨,୭୨୭ (୮୨,୭୨୬.୬୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୫୯(୧୫୯.୦୦) ପଏଣ୍ଟ ବଢ଼ି ୨୫,୨୨୦ (୨୫,୨୧୯.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288





Newly open Jyoti SPA positively health benefits (expert therapist). 8458067955. D-76927

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.- 941/25), I Sunil Patakar of Village- Raikona, P.O./- Gumma, P.S.-Rayagada, Dist.- Rayagada declare that I have changed my name from Sujata Patakar to Sunil Patakar. Henceforth, I shall be known as Sunil Patakar for all purpose.
Sunil Patakar
D-1408

By virtue of an affidavit No.- 7360 sworn before Executive Magistrate, Bhadrak, dated 22.07.2025, I Benazir Khan, D/o-Anwar Hossain, Vill- Bada Sankarpur, P.O./P.S.- Purunabazar, Dist.- Bhadrak, PIN- 756100, Odisha declare that I have changed my name from Banazeer Khatoon to Benazir Khan. Henceforth, she shall be known as Benazir Khan for all future purposes.
D-1409

I, Sharmistha Samantray, W/o- Late Satyajit Bata Samantray, resident of Plot No.- 1051, Gada Sahi, Nayapalli, P.O./P.S.- Nayapalli, Bhubaneswar- 751012, Dist.- Khurda, Odisha, declare by this affidavit No.- 12AA 758043, dtd- 13.05.2025. That now onwards I shall be known as Sharmistha S Samantray for all future purposes.
D-1404

By virtue of an affidavit sworn before the Executive Magistrate, Muniguda on dated 23.07.2025, (SL No.- 942/25), I Sujata Pratakar of Village- Raikona, P.O./-Gumma, P.S.- Rayagada, Dist.- Rayagada declare that I have changed my name from Sunil Pratakar to Sujata Pratakar. Henceforth, I shall be known as Sujata Pratakar for all purpose.
Sujata Pratakar
D-1407

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.- 938 /25), I Nepal Patra of Village- Talabarangapadar, P.O.-Durgi, P.S.- Bissam Cuttack, Dist.- Rayagada declare that I have changed the name of my son from Thabindra Patra to Kanha Patra. Henceforth, he shall be known as Kanha Patra for all purpose.
D-1403

By virtue of an affidavit sworn before the Executive Magistrate, Darpan, dated 21.07.2025, I, Sahina Begum, Address-Gaharnagar, AT/ P.O.- Charinangal, P.S.- Balichandrapur, Dist.- Jajpur, Odisha-754292 declare that I have changed my name from Sai Begam to Sahina Begum. Henceforth, I shall be known as Sahina Begum for all purposes.
D-1400

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଏବସନ୍ତ କୁମାରୀ ପଟ୍ଟନାୟକ**

ଆବିର୍ଭାବ: ୧୫।୦୮।୧୯୩୩
ତିରୋଧାନ: ୦୫।୦୮।୨୦୨୪

ପୁତ୍ର: ବିପିନ ବିହାରୀ ପଟ୍ଟନାୟକ
ପୁରୁଷୋତ୍ତମପୁର

ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୬୧୯୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ**

ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ

ଚାହୁଁ ଚାହୁଁ ବର୍ଷେ ବିତିଗଲା। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ନୀତି, ଆଦର୍ଶ ଓ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ।

ଶୋକସନ୍ତପ୍ତ: ପତ୍ନୀ: ଶାନ୍ତିଲତା, ପୁଅ: ବଦ୍ରୀନାରାୟଣ (୨୨ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ) ବିରଞ୍ଚି ନାରାୟଣ (ବିଶିଷ୍ଟ ସମାଜସେବା ତଥା ଯୁବଉଦ୍ୟୋଗୀ) ଓ ପରିବାରବର୍ଗ

ଧ-୧୪୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଏ ଶାନ୍ତିଲତା ପ୍ରଧାନ**

ପ୍ଲଟ୍ ନଂ.: ଏନ୍୪/୩୧୯, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୩.୦୪.୧୯୫୧
ତିରୋଧାନ: ୦୩.୦୮.୨୦୨୪

ଚାହୁଁ ଚାହୁଁ ଏକବର୍ଷ ଅତିବାହିତ ହୋଇଯାଇଛି। ଏମିତି ବି ଦିନ ଆସିନାହିଁ ଯେଉଁଦିନ ତୁମେ ଆମ ସ୍ମୃତିପଟଳରୁ ବିସ୍ମୃତ ହୋଇଯାଇଛ। ତୁମେ ହିଁ ଆମ ଜୀବନାଦର୍ଶ ଏବଂ ପ୍ରେରଣା ସ୍ରୋତ ହୋଇ ରହିବ। ନିଳାଦ୍ରୀଭୂଷଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ପଦ୍ମପାଦରେ ତୁମ ଅମର ଆତ୍ମା ଚିର ବିଶାନ୍ତି ପ୍ରାପ୍ତ ହେଉ, ଏତିକି ହୃଦୟବନ୍ତ ପ୍ରାର୍ଥନା।

ସ୍ମୃତି ଧାରକ
ବ୍ରଜ କିଶୋର ପ୍ରଧାନ ଓ ଶ୍ରଦ୍ଧା ବିଜଡିତ ପ୍ରଧାନ ପରିବାର

ଧ-୬୬୫୭୬

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


ପୂଜା ହେଗଡେ

## ରହସ୍ୟ ଖୋଲିଲେ ପୂଜା

ପୂଜା ହେଗଡେ ଇତିମଧ୍ୟରେ ଅନେକ ଦକ୍ଷିଣ ଭାରତୀୟ ସିନେମାରେ ଅଭିନୟ କରିସାରିଲେଣି। ତା'ସହ କେତୋଟି ହିନ୍ଦୀ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଛି। କିନ୍ତୁ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେବା ପୂର୍ବରୁ ସେ ମିସ୍ ଇଣ୍ଡିଆ ୨୦୦୯ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ଅଂଶଗ୍ରହଣ କରିଥିଲେ। ମିସ୍ ଇଣ୍ଡିଆରେ ପ୍ରତିଯୋଗିତା ଫାଇନାଲ ତାଲିକାରୁ ବାଦ୍ ପଡିଥିଲେ ମଧ୍ୟ ସେ 'ମିସ୍ ଇଣ୍ଡିଆ ଟ୍ୟାଲେଣ୍ଟେଡ-୨୦୦୯' ଟାଇଟଲ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ସେକେଣ୍ଡ ରନର ଅପ୍ ହୋଇଥିଲେ। ଯେତେବେଳେ ସେ ଅଭିନୟକୁ ଏଣ୍ଟ୍ରି କରିବାକୁ ଚାହିଁଲେ ସେତେବେଳେ ଟିକେ ଦୋଛକିରେ ପଡିଥିଲେ। ହଁ-ନାଁ ଭିତରେ ସେ ଏମିତି ଫସି ଯାଇଥିଲେ ଯେ ଦେଖୁଦେଖୁ ଅଯଥାରେ ତିନି ବର୍ଷ ଅତିକ୍ରମ କରିଯାଇଥିଲା। ଆଉ ଏଭଳି ସ୍ଥିତି ଯୋଗୁ ସେ ଏହି ସମୟ ଭିତରେ ବଡ ବଡ ବ୍ୟାନରରୁ ମିଳିଥିବା ଭଲ ଅଫରଗୁଡିକୁ ମଧ୍ୟ ହାତଛଡା କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ସ୍ଥିତି ବିଷୟରେ ପୂଜା କହନ୍ତି, ''ସେତେବେଳେ ମୋର ନିଜ ଉପରେ ଭରସା ନ ଥିଲା। ଆଉ ତା'ଭିତରେ ତିନି ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା। ଶେଷରେ ମନୋବଳ ଦୃଢ଼ କରି ନିଷ୍ପତ୍ତି ନେଲି ଯେ ମୁଁ ଆକ୍ଟିଂକୁ କ୍ୟାରିୟର କରିବି। ଆଉ ଏବେ ଦର୍ଶକଙ୍କ ଭଲ ପାଇବା ଯୋଗୁ ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି।'' ତାଙ୍କ ଅଭିନୀତ ପ୍ରଥମ ତାମିଲ ଫିଲ୍ମ ଥିଲା 'ମୁଗାମୋଡି'।

## ଭାଗ୍ୟର ଦୋଷ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ସେ କାହାକୁ ଦୋଷ ଦେଉଛନ୍ତି ଜାଣନ୍ତି? ନିଜ ଭାଗ୍ୟକୁ। କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' (୨୦୧୯) ଥିଲା ତାଙ୍କର ପ୍ରଥମ ହିନ୍ଦୀ ସିନେମା। ଏହାଭିତରେ ସେ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛନ୍ତି। ପୁଣି ଦୁଇଟି ସିନେମା ନିର୍ମାଣାଧୀନ ଅବସ୍ଥାରେ ଅଛି। ଏ ବିଷୟରେ ଅନନ୍ୟା କହନ୍ତି, ''କରନ୍ ସାରଙ୍କ ଫିଲ୍ମରେ ଅଭିନୟ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ଆଶା ରଖିଛି ଦିନେ ନା ଦିନେ ମୁଁ ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପ୍ରମାଣିତ କରିବି। ଆଉ ସେଥିପାଇଁ ଏଣିକି ମାପିଚୁପି ଚାଲିବାକୁ ପଡିବ।'' ଅନନ୍ୟାଙ୍କ ସ୍ୱପ୍ନ କେତେ ସଫଳ ହେଉଛି ତାହା ଆଗାମୀ ସମୟ ହିଁ କହିବ।


ଅନନ୍ୟା

## ସତ ହେଲା ଅତୀଶଙ୍କ ପୂର୍ବାନୁମାନ


ଅତୀଶ

ବେଳେବେଳେ ପୂର୍ବାନୁମାନ ସତରେ ପରିଣତ ହୋଇଥାଏ। ପୁଣି ଆଶାତୀତ ସଫଳତା ଏହି ଖୁସିକୁ ଦ୍ୱିଗୁଣିତ କରିଦେଇଥାଏ। ଠିକ୍ ସେହିପରି ପ୍ରଯୋଜକ ଅତୀଶ କୁମାର ରାଉତଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଏକ ଭିନ୍ନ ଧରଣର କାହାଣୀକୁ ନେଇ ସେ ନିକଟରେ ପ୍ରସ୍ତୁତ କରିଥିଲେ ମାତ୍ର ୩୭ମିନିଟ୍ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର 'ଚାରିକାନ୍ଧ'। ଆଉ ଇତିମଧ୍ୟରେ ଫିଲ୍ମଟି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ସଫଳ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥ। ଏହାର କାହାଣୀ, ଉପସ୍ଥାପନା ଏବଂ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ଚିତ୍ରଟି ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛି। ନିକଟରେ କୋଲକାତାର ଦୁର୍ଗାପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ବେଷ୍ଟ ଶର୍ଟ ଫିଲ୍ମ) ପୁରସ୍କାର ହାସଲ କରିଛି। ଏ ନେଇ ଅତୀଶ କହନ୍ତି, ''ଜଣେ ଯେତେବେଳେ ମରିଯାଆନ୍ତି ତାଙ୍କ ମୃତ ଶରୀରକୁ କୋକେଇରେ ମଶାଣି ପର୍ଯ୍ୟନ୍ତ ନେବାକୁ ପଡେ। ହେଲେ ଏବେ ଏମିତି ସମୟ ହେଲାଣି ଯେ ଏହି ସମୟରେ ଚାରିକାନ୍ଧ ମିଳିବା କଷ୍ଟକର ହୋଇଗଲାଣି, ଯାହାକୁ ବେଶ୍ ନିଖୁଣ ଭାବରେ ଏଥିରେ ଉପସ୍ଥାପନା କରାଯାଇଛି। ଯାହା ଅନୁମାନ କରିଥିଲି ତାହା ସତରେ ପରିଣତ ହୋଇଛି। ଅନ୍ତର୍ଜତୀୟ ସ୍ତରରେ ମୋ ସିନେମା ବେଶ୍ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି।'' ଏହାର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି ବିଶ୍ୱନାଥ। ରିତୁପ୍ରିୟା ପ୍ରଡକ୍ସନସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମରେ ଶକ୍ତି ବରାଳ, ସୁଶୀଲ ମିଶ୍ର, ଶତାବ୍ଦୀ ସୂର୍ଯ୍ୟସ୍ନାତା, ଗୌରବ ମହାନ୍ତି ଏବଂ ପ୍ରଭଞ୍ଜନ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

## ମୋ କାଳିଆ ରେ...

ଜଲିଉଡ୍‌ର ଚର୍ଚ୍ଚିତ ୟଙ୍ଗ ବ୍ୟାଡ୍‌ମ୍ୟାନ୍ ପୀୟୂଷ ତ୍ରିପାଠୀଙ୍କୁ ଏବେ ଭଜନ ଆଲବମ୍‌ରେ ଦେଖିବାକୁ ମିଳିଛି। ଏହାର ଟାଇଟଲ ରହିଛି 'ମୋ କାଳିଆରେ'। କେବଳ ସେତିକି ନୁହେଁ, ଏଥିରେ ଓଲିଉଡ୍‌ର ଆଗଧାଡିର ପ୍ରଯୋଜକ ଶ୍ରୀଧର ମାର୍ଥା ମଧ୍ୟ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ। କଳାରେ କଳଙ୍କ ଲାଗିବା ପରେ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ କିପରି ମନଧ୍ୟାନ ସହ ତାଙ୍କୁ ସ୍ମରଣ କରୁଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଗୀତଟିକୁ ରଚନା କରିବା ସହ ସ୍ୱର ଦେଇଛନ୍ତି ଜଲି ସ୍ୱାଇଁ। ଖାସ୍ କଥା ହେଲା, ଯେତେବେଳେ ଏହାର ଦୃଶ୍ୟାୟନ କରାଯାଉଥିଲା ସେତେବେଳେ ପୀୟୂଷ ଭଜନରେ ଏତେ ତଲ୍ଲୀନ ହୋଇଯାଇଥିଲେ ତାଙ୍କ ଆଖି ଅଶ୍ରୁପ୍ଲାବିତ ହୋଇଯାଇଥିଲା। ଜେ.ବି. ମ୍ୟୁଜିକ ବ୍ୟାନରରେ ବିଶ୍ୱପ୍ରକାଶଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ ଭଜନ ଆଲବମ ପାଇଁ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ। ଅନ୍ୟପକ୍ଷରେ ପୀୟୂଷଙ୍କର ଏହା ହେଉଛି ପ୍ରଥମ ଭଜନ ଆଲବମ୍ ଏବଂ ଏହା ନିଶ୍ଚୟ ଶ୍ରୋତାଦୃତ ହେବ ବୋଲି ସେ ଦୃଢ଼ ଆଶା ରଖିଛନ୍ତି।


ପୀୟୂଷ ତ୍ରିପାଠୀ

ଛୋଟ ପରଦା |

## ୧୦୦୦ ଏପିସୋଡ୍‌ରେ 'ସୁନା ଝିଅ'

ଅନ୍ୟତମ ଦର୍ଶକାଦୃତ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଗତ ତିନି ବର୍ଷ ଧରି ପ୍ରସାରିତ ହୋଇଆସୁଥିବା ମେଗା ଧାରାବାହିକ 'ସୁନାଝିଅ' (ସୋମବାର-ଶନିବାର, ପ୍ରସାରଣ ସମୟ-ସନ୍ଧ୍ୟା ୭.୩୦) ୧୦୦୦ତମ ଏପିସୋଡ୍‌ରେ ପ୍ରବେଶ କରିଛି। ଚଳିତ ମାସ ୧୮ ତାରିଖରେ ଏହା ଏଭଳି ସଫଳତା ହାସଲ କରିଛି। କାହାଣୀର ପ୍ରଥମ ସୋପାନ ଯେଉଁଥିରେ ଦର୍ଶକ ଦେଖିଥିଲେ ପ୍ରିୟା ଓ ବିଷ୍ଣୁଙ୍କ ସଫଳ ଦାମ୍ପତ୍ୟ ଜୀବନରେ ଆସିଥିଲେ ଦୁଇ ଝିଅ ଅଂଶୁ ଓ ବଂଶୁ। ଦ୍ୱିତୀୟ ସୋପାନରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଜ ଦୁଇ ଝିଅଙ୍କ ସହ ଆଗକୁ ବଢିଥିଲେ ପ୍ରିୟା। ଏବେ ତୃତୀୟ ସୋପାନରେ ନିଜ ଝିଅକୁ ଅସୁବିଧାରୁ ବଞ୍ଚାଇବାକୁ ପୁଣି ଆଗକୁ ଆସିଛନ୍ତି ପ୍ରିୟା। ଆଉ ଏଇଠୁ କାହାଣୀ ନୂଆ ମୋଡ ନେଉଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଗୌରୀଶଙ୍କର ଦାସ। ସଂଳାପ ରଚନା କରିଛନ୍ତି ଶ୍ରୀହର୍ଷ କର। ସମ୍ଭବ ମାନସିଂ, ଅଙ୍କିତା ମିଶ୍ର ଏବଂ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।


ସମ୍ଭବ-ଅନନ୍ୟା

## ନିଶାନ୍ତରୁ ଆୟୁଷ୍ମାନ୍

ବଲିଉଡ୍‌ରେ ଆୟୁଷ୍ମାନ ଖୁରାନା ନିଜ ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପିଲାଦିନେ ସେ ନିଶାନ୍ତ ନାମରେ ପରିଚିତ ଥିଲେ। ତାଙ୍କୁ ଯେତେବେଳେ ମାତ୍ର ତିନି ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ବାପା ଜଣେ ଜ୍ୟୋତିଷଙ୍କ ସହ ଆଲୋଚନା କରି ପୁଅ ନାମକୁ ପରିବର୍ତ୍ତନ କରି ଆୟୁଷ୍ମାନ ରଖିଥିଲେ। ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ଜଣେ ରେଡିଓ ଜକି ଭାବରେ ବେଶ୍ ପ୍ରଶଂସା ସାଉଁଟିଥିଲେ। ତାଙ୍କ ଦ୍ୱାରା ସଞ୍ଚାଳିତ ରେଡିଓ କାର୍ଯ୍ୟକ୍ରମ 'ବିଗ୍ ଚାଇ', 'ମନ୍ ନା ମନ୍' ଏବଂ 'ମେଁ ତେରା ଆୟୁଷ୍ମାନ' ବେଶ୍ ଶ୍ରୋତାଦୃତ ହୋଇଥିଲା। ହେଲେ ବଡ ପରଦାକୁ ଆସିବା ପୂର୍ବରୁ ସେ ଥିଏଟର ସହ ଜଡିତ ଥିଲେ।


ଆୟୁଷ୍ମାନ

## ଭୁଲନ୍ତି ନାହିଁ ଆଲିୟା

ଆଲିୟା ଭଟ୍ଟଙ୍କ ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର (ସଂଘର୍ଷ) ଭାବରେ। ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ଆଲିୟା ୬ଟା ପୂର୍ବରୁ ବିଛଣା ଛାଡନ୍ତି। ପିଲାଟି ଦିନରୁ ଏହା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏ ନେଇ ସେ କହନ୍ତି, 'ପିଲାଦିନେ ପାଠ ପଢ଼ିବାକୁ ମୋତେ ପାପା ଏକ ଅଭ୍ୟାସରେ ପକାଇ ଦେଇଥିଲେ। ଭୋରରୁ ଉଠି ମୁଁ ପଢୁଥିଲି। ତେଣୁ ସେହି ସମୟରୁ ଏହା ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏବେ ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ମୁଁ ଭୋରରୁ ଉଠିଯାଏ। ଆଲିୟା କଦାପି ମଲ୍‌କୁ ଯାଇ ଶପିଂ କରି ନ ଥାନ୍ତି। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ବହି ପଢ଼ିବା। ତେଣୁ ଏଥିପାଇଁ ସେ ଘରେ ଏକ ସ୍ୱତନ୍ତ୍ର ଲାଇବ୍ରେରି କରିଛନ୍ତି।


ଆଲିୟା

ନୂଆ ସିନେମା

## ବିନ୍ଦୁସାଗର

ଆମ ରାଜ୍ୟର ପରମ୍ପରାରେ ଅନେକ ନୂଆ ନୂଆ କଥା ଲୁଚି ରହିଛି। ସେଭଳି କିଛି ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'। ଏଥିରେ ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ବଲିଉଡ ପ୍ରଯୋଜକ ଶିଳାଦିତ୍ୟ ଭୋରା ପ୍ରଥମ ଥର ପାଇଁ ଓଡ଼ିଆ ଫିଲ୍ମ ପ୍ରଯୋଜନା କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ଓଡ଼ିଶାରେ ଏଭଳି ବିଷୟ ରହିଛି ଯାହାକୁ ଆଧାର କରି ସୁନ୍ଦର ଓଡ଼ିଆ ସିନେମା ପ୍ରସ୍ତୁତ କରାଯାଇପାରିବ। ଓଡ଼ିଆ ସିନେମାକୁ କିପରି ଏକ ନୂଆ ସ୍ତରକୁ ନିଆଯାଇପାରିବ ସେନେଇ ମୋ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରିବି। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ଭରି ରହିଛି। ଓଡ଼ିଆ ସିନେମା କିପରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଚେଷ୍ଟା ଜାରି ରଖିବି।'' ପ୍ଲାଟୁନ୍ ୱାନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନ ଏବଂ ଲଣ୍ଡନରେ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ ବିଜୟ ରେଡ୍ଡି ଏବଂ ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟ। ଫିଲ୍ମଟିର ମୁଖ୍ୟ ଭୂମିକାରେ ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ମହାପାତ୍ର ଅଭିନୟ କରିଛନ୍ତି।


'ବିନ୍ଦୁସାଗର' ଫିଲ୍ମରେ ପ୍ରକୃତି-ଦୀପନ୍ୱିତ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ Bhubaneswar, Thursday, July 24/ 2025

# ସ୍ପୋର୍ଟ୍ସ ଇକୋସିଷ୍ଟମ ବଦଳାଇବାକୁ ଐତିହାସିକ ପଦକ୍ଷେପ

## ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ

ନୂଆଦିଲ୍ଲୀ,୨୩।୭(ପି.ଟି.)

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ କରିଛନ୍ତି। ଏହା ଆଇନରେ ପରିଣତ ହେବାକୁ ସମୟ ଲାଗିବ। କିନ୍ତୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ପୁନର୍ଗଠିତ ଓ ଅଧିକ ଉତ୍ତରଦାୟୀ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ।

୨୦୩୬ ସମର ଅଲିମ୍ପିକ୍ସ ଲାଗି ବିଡିଂ କରିବାକୁ ଦେଶ ପ୍ରସ୍ତୁତ ହେଉଥିବା ବେଳେ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ଫଳାଫଳ ଓ ଆଥଲେଟ୍‌ଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସହାୟତା କରିବା ପାଇଁ କ୍ରୀଡ଼ା ପ୍ରଶାସନ ଦୃଶ୍ୟପଟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ବିଲ୍‌ର ଉଦ୍ଦେଶ୍ୟ। କ୍ରୀଡ଼ାରେ ଭଲ ଫଳାଫଳ ପାଇବା ପାଇଁ କ୍ରୀଡ଼ା ସଂସ୍ଥାରେ ଦେଶର କ୍ରୀଡ଼ା ପ୍ରଶାସନିକ ସ୍ଥିତିରେ ବ୍ୟାପକ ସୁଧାର ଆଣିବା ସହିତ କ୍ରୀଡ଼ା ମହାସଂଘ ସହ ଜଡ଼ିତ ବିବାଦର ସଂଖ୍ୟାକୁ ହ୍ରାସ କରିବାର ଆବଶ୍ୟକତା ରହିଛି। ମହାସଂଘ ମଧ୍ୟରେ ଗୋଷ୍ଠୀବାଦ୍ ଓ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ କ୍ରୀଡ଼ାରେ ଦେଶ ଓ ସମ୍ପର୍କିତ ଉନ୍ନତି ପ୍ରଭାବିତ ହେଉଛି। ଏଣୁ ଏହାକୁ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରାଯାଇଛି।


### ବୟସ ଓ କାର୍ଯ୍ୟକାଳ କ୍ୟାପ

ଏହିବିଲ୍‌ରେ କୌଣସିବ୍ୟକ୍ତିଲଗାତର୩ଥର କ୍ରୀଡ଼ା ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ରହିପାରିବେ। ଅର୍ଥାତ୍ ସେମାନଙ୍କ କାର୍ଯ୍ୟକାଳକୁ ୧୨ ବର୍ଷରେ ସୀମିତ ରଖାଯାଇଛି। ୭୦ ବର୍ଷ ବୟସ କ୍ୟାପ୍ ରଖାଯାଇଛି, ଯାହାକୁ ୭୫କୁ ବୃଦ୍ଧି କରାଯାଇପାରିବ। କିନ୍ତୁ ଏଥିଲାଗି ଅନ୍ତର୍ଜାତୀୟ ସଂସ୍ଥାର ଅନୁମତି ଦରକାର। କାର୍ଯ୍ୟକାରୀ କମିଟିରେ ସଦସ୍ୟଙ୍କ ଲାଗି ୧୫ ବର୍ଷର କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଅତିକମ୍‌ରେ ଦୁଇବିଶିଷ୍ଟ ଆଥ୍‌ଲେଟ୍ ଓ ୪ ମହିଳା ରହିବା ବାଧ୍ୟତାମୂଳକ। କ୍ରୀଡ଼ା ପ୍ରଶାସନରେ ଲିଙ୍ଗଗତ ସମାନତାକୁ ନିଶ୍ଚିତ କରିବା ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଆଥ୍‌ଲେଟଙ୍କୁ ସାମିଲ କରିବା ଏହାର ଉଦ୍ଦେଶ୍ୟ।

### ଜାତୀୟ କ୍ରୀଡ଼ା ବୋର୍ଡ

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ନିୟମ ପ୍ରସ୍ତୁତ କରିବା ସହ ଜାତୀୟ ଫେଡେରେଶନ୍‌ର କାର୍ଯ୍ୟକଳାପକୁ ତଦାରଖ କରିବ। ଏଥିରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ମଧ୍ୟ ସାମିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ପାଣ୍ଠି ପାଇବା ପାଇଁ ଦେଶର ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନକୁ ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଏନ୍‌ଏସ୍‌ବିର ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନ୍ ଲାଗି କଠୋର ଦାୟିତ୍ୱ ବ୍ୟବସ୍ଥା ତିଆରି କରିବା। ଯଦି କୌଣସି ମହାସଂଘ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ କମିଟିର ନିର୍ବାଚନ ଆୟୋଜନ କରିବାରେ ବିଫଳ ହୁଏ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ଏନ୍‌ଏସ୍‌ବି ଉକ୍ତ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର କରିପାରିବ। ସେହିଭଳି ବାର୍ଷିକ ଅଡିଟ୍ ରିପୋର୍ଟ ପ୍ରକାଶ କରିବାରେ ବିଫଳତା କିମ୍ବା ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ମହାସଂଘ ବିରୋଧରେ ଏନ୍‌ଏସ୍‌ବି ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏଥିଲାଗି ଉକ୍ତ କ୍ରୀଡ଼ାର ଅନ୍ତର୍ଜାତୀୟ ସଂସ୍ଥା ସହ ପରାମର୍ଶ କରିବାକୁ ପଡ଼ିବ।

ବ୍ୟକ୍ତିଙ୍କ ଦକ୍ଷତା ଓ ସଚ୍ଚୋଟତା ଆଧାରରେ କେନ୍ଦ୍ର ସରକାର ଏନ୍‌ଏସ୍‌ବିର ଚେୟାରମ୍ୟାନ୍ ଓ ଏହାର ସଦସ୍ୟଙ୍କୁ ନିଯୁକ୍ତ କରିବେ। ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍‌ଶନ କମିଟିର ସୁପାରିସ୍ ଆଧାରରେ କରାଯିବ। ସିଲେକ୍‌ଶନ କମିଟିରେ ଚେୟାରମ୍ୟାନ୍ ଭାବେ କ୍ୟାବିନେଟ ସଚିବ କିମ୍ବା କ୍ରୀଡ଼ା ସଚିବ ରହିବେ। ସଦସ୍ୟ ଭାବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ନିର୍ଦ୍ଦେଶକ, ଯେକୌଣସି ଜାତୀୟ କ୍ରୀଡ଼ା ମହାସଂଘର ସଭାପତି କିମ୍ବା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ଦୁଇ କ୍ରୀଡ଼ା ପ୍ରଶାସକଙ୍କ ସହିତ ଦ୍ରୋଣାଚାର୍ଯ୍ୟ କିମ୍ବା ଖେଳରତ୍ନ କିମ୍ବା ଅର୍ଜୁନ ପୁରସ୍କାରପ୍ରାପ୍ତ ଜଣେ ବିଶିଷ୍ଟ କ୍ରୀଡ଼ାବିତ୍ ରହିବେ।



ବିଲ୍ ଉପସ୍ଥାପନ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

### ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ

କ୍ରୀଡ଼ା ମନ୍ତ୍ରଣାଳୟ ମୁତାବକ, ନିର୍ବାଚନଠାରୁ ଆରମ୍ଭକରି ଚୟନ ଭଳି ୩୫୦ରୁ ଅଧିକ ମାମଲା ଦେଶର ବିଭିନ୍ନ ଅଦାଲତରେ ଚାଲିଛି, ଯାହାକି ଆଥ୍‌ଲେଟ୍ ଓ ଜାତୀୟ କ୍ରୀଡ଼ା ମହାସଂଘର ଉନ୍ନତିରେ ବାଧକ ସାଜୁଛି। ଏଭଳି ସମସ୍ୟାର ସମାଧାନ ଲାଗି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ(ଏନ୍‌ଏସ୍‌ଟି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଜଣେ ଚେୟାରମ୍ୟାନ୍ ଓ ଦୁଇ ସଦସ୍ୟ ରହିବେ। ଟ୍ରିବ୍ୟୁନାଲର ମୁଖ୍ୟ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ହେବେ। ଏନ୍‌ଏସ୍‌ଟି ନିକଟରେ ଏକ ଦେୱାନୀ ଅଦାଲତର କ୍ଷମତା ରହିଛି। ଏଥିସହିତ ଜାତୀୟ ଦଳ ଲାଗି ଖେଳାଳି ଚୟନରୁ ଫେଡେରେଶନର ନିର୍ବାଚନ ସହ ଜଡ଼ିତ ବିବାଦର ସମାଧାନ କରିବାର କ୍ଷମତା ଦିଆଯାଇଛି। ଏହି ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ କେବଳ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ।

### ଆର୍‌ଟିଆଇ

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ରହିବେ। ସରକାରୀ ପାଣ୍ଠିର ଆବଶ୍ୟକତା ନ ଥିବାରୁ ବିସିସିଆଇ ଆର୍‌ଟିଆଇ ଅଧୀନରେ ରହିବାକୁ ଦୀର୍ଘବର୍ଷ ହେଲା ବିରୋଧ କରିଆସୁଛି। ହେଲେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିବାରୁ ବିସିସିଆଇକୁ ମଧ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅଧୀନରେ ରହିବାକୁ ପଡ଼ିବ ଏବଂ ସମସ୍ତ ଆଇନ ପାଳନ କରିବାକୁ ହେବ।

### ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ (ଏନ୍‌ଏସ୍‌ଇପି)

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ(ଏନ୍‌ଏସ୍‌ଇପି) ଗଠନ କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଏନ୍‌ଏସ୍‌ବିର ସୁପାରିସ୍‌କ୍ରମେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କିମ୍ବା ରାଜ୍ୟ ନିର୍ବାଚନ କମିଶନର ପୂର୍ବତନ ସଦସ୍ୟ କିମ୍ବା ରାଜ୍ୟର ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା ଡେପୁଟି ଇଲେକ୍‌ଶନ କମିଶନରଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ସେମାନେ ସମସ୍ତ ଜାତୀୟ ମହାସଂଘର କାର୍ଯ୍ୟକାରୀ ପରିଷଦ ଏବଂ ଜାତୀୟ କ୍ରୀଡ଼ାର ଆଥଲେଟ୍ କମିଟିର ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବେ।

### ସରକାରଙ୍କ ଇଚ୍ଛାଧୀନ କ୍ଷମତା

'ଇଣ୍ଡିଆ' କିମ୍ବା 'ଇଣ୍ଡିଆନ୍' କିମ୍ବା ନ୍ୟାଶନାଲ କିମ୍ବା କୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଲାଗି କ୍ରୀଡ଼ା ମହାସଂଘକୁ କେନ୍ଦ୍ର ସରକାରଙ୍କଠାରୁ ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ (ଏନ୍‌ଓସି) ନେବାକୁ ପଡ଼ିବ। କେନ୍ଦ୍ର ସରକାର ଯଦି ତାହାକୁ ସାଧାରଣ ସ୍ୱାର୍ଥ ପାଇଁ ଆବଶ୍ୟକ ବୋଲି ମନେକରନ୍ତି, ତେବେ ଏନ୍‌ଓସି ଦେବେ। ଯଦି ସରକାର ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ପ୍ରସ୍ତାବିତ କୌଣସି ଅଧିନିୟମକୁ ବାଦ୍ ଦେବାକୁ ଚାହାନ୍ତି, ତେବେ ମଧ୍ୟ ଦେଇପାରିବେ। ଅସାଧାରଣ ପରିସ୍ଥିତିରେ କୌଣସି ଜାତୀୟ ଦଳର ଭାଗନେବା ଉପରେ କଟକଣା ଲଗାଇବା କ୍ଷମତା ସରକାରଙ୍କ ନିକଟରେ ରହିବ।

## ଜାତୀୟ ଡୋପିଂ ନିରୋଧୀ (ସଂଶୋଧିତ) ବିଲ୍ ଆଗତ

ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସହ ପରାମର୍ଶ ପରେ ସଂଶୋଧନ କରାଯାଇଥିବା ଜାତୀୟ ଡୋପିଂ ନିରୋଧୀ ବିଲ୍‌କୁ କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଆଗତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଦେଶର ଡୋପିଂ ନିରୋଧୀ ସଂସ୍ଥା(ନାଡା) କାର୍ଯ୍ୟକଳାପରେ ସରକାରଙ୍କ ହସ୍ତକ୍ଷେପକୁ ରୋକିବା। ଏହି ଆଇନକୁ ୨୦୨୨ରେ ପାରିତ କରାଯାଇଥିଲା। ହେଲେ ଏହାକୁ ୱାଡା ପକ୍ଷରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ବିଲ୍‌ରେ ବୋର୍ଡକୁ ରଖାଯାଇଛି। କିନ୍ତୁ ଏହା ପାଖରେ ନାଡାର କାର୍ଯ୍ୟକଳାପ ତଦାରଖ କରିବା କ୍ଷମତା ରହିବ ନାହିଁ।

## କଳାହାଣ୍ଡି ପାଇଁ ଗୌରବ ଆଣିଲେ ତୀରନ୍ଦାଜ୍ କ୍ଷୀରୋଦ




କ୍ଷୀରୋଦ କୁମାର(ଡାହାଣ)।

ଭୁବନେଶ୍ୱର, ୨୩।୭(ତପନ ସ୍ୱାଇଁ)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜ୍‌ମାନଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ୍ କ୍ଷୀରୋଦ କୁମାର କୋଲ୍‌କାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି କ୍ଷୀରୋଦ ଏକାଗ୍ରତା ପ୍ରଦର୍ଶନକରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଛନ୍ତି। ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ୩ ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନାର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ''କ୍ଷୀରୋଦଙ୍କ ସଫଳତା ଆମର ତୃଣମୂଳସ୍ତରରୁ ପରିବର୍ତ୍ତନକାରୀ ପ୍ରଭାବର ଏକ ବଳିଷ୍ଠ ପ୍ରମାଣ। ବେଦାନ୍ତରେ ଆମେ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଆମେ କ୍ଷୀରୋଦଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିଭା ପାଇଁ ଗର୍ବିତ। ଆଗାମୀ ଦିନରେ ଆମେ କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିୟନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।''

# ଜୟସ୍ୱାଲଙ୍କ ଅର୍ଦ୍ଧଶତକ, କାମ୍ବୋଜଙ୍କ ଡେବ୍ୟୁ

ମାଞ୍ଚେଷ୍ଟର, ୨୩।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଚତୁର୍ଥ କ୍ରିକେଟ ଟେଷ୍ଟ ବୁଧବାର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ରିପୋର୍ଟ ପ୍ରସ୍ତୁତ ବେଳକୁ ୫୯ ଓଭରରେ ୩ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଛି। କରୁଣ ନାୟାରଙ୍କ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ୩୮ ଓ ରିଷଭ ପନ୍ତ ୧୫ ରନରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଅଂଶୁଲ କାମ୍ବୋଜ ଡେବ୍ୟୁ କରିଥିବାବେଳେ

**ଚତୁର୍ଥ ଟେଷ୍ଟ**

ଦୀର୍ଘ ୮ ବର୍ଷ ପରେ ଇଂଲଣ୍ଡ ଦଳକୁ ସ୍ପିନର ଲିଆମ ଡସନ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ଭାରତ ପକ୍ଷରୁ ଭଲ ଆରମ୍ଭ କରିଥିଲେ। ୩୦ତମ ଓଭରରେ ରାହୁଲ ୪୬ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଏହି ଅବସରରେ ରାହୁଲ ଇଂଲଣ୍ଡ ମାଟିରେ ୧୦୦୦ ରନ ପୂରଣ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୯୪ ରନ ଯୋଗକରି ଭଲ ମୂଳଦୁଆ ପକାଇଥିଲେ। ଜୟସ୍ୱାଲ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ମଝିରେ ତାଙ୍କ ବ୍ୟାଟ୍ ଭାଙ୍ଗିଥିଲା। ତେବେ ୧୦୭ ବଲ୍‌ରୁ ବ୍ୟକ୍ତିଗତ ୫୮ ରନ କରିଥିବାବେଳେ ସେ ଲିଆମ ଡସନଙ୍କ ବଲ୍‌ରେ ହ୍ୟାରି ବ୍ରୁକ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ୍ ମାତ୍ର ୧୨ ରନର ଯୋଗଦାନ ଦେବାକୁ ସକ୍ଷମ ହୋଇଥିଲେ। ସାଇ ସୁଦର୍ଶନ ଓ ରିଷଭ ପନ୍ତ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ, ଲିଆମ ଡସନ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




ଟିମ୍ ଇଣ୍ଡିଆ ଟେଷ୍ଟ କ୍ୟାପ୍ ପରିଧାନ କରୁଛନ୍ତି ଅଂଶୁଲ କାମ୍ବୋଜ।




ପ୍ରଥମ ଦିବସ ବ୍ୟାଟିଂ ଅବସରରେ ଯଶସ୍ୱୀ ଜୟସ୍ୱାଲଙ୍କ ବ୍ୟାଟ୍ ଭାଙ୍ଗିଥିବାବେଳେ ଅମ୍ପାୟର ରଡ଼ ଟୁକର ଚାହିଁ ରହିଛନ୍ତି।

# ଡବ୍ଲ୍ୟୁୟୁଜି ବିବାଦ: ଯୁଗ୍ମ ସମ୍ପାଦକ ଶେଖନ ସସ୍‌ପେଣ୍ଡ

ନୂଆଦିଲ୍ଲୀ,୨୩।୭(ପି.ଟି.)

ଜର୍ମାନୀର ରାଇନ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି) ଲାଗି ଚୟନ ହେବା ପରେ ବି କିଛି ଆଥ୍‌ଲେଟ୍ ପ୍ରତିଯୋଗିତାରେ ଭାଗ ନେବାରୁ ବାଦ୍ ପଡ଼ିବା ଘଟଣାରେ ଭାରତୀୟ ୟୁନିଭର୍ସିଟି ମହାସଂଘ (ଏଆଇୟୁ) ପକ୍ଷରୁ ବୁଧବାର ପଦକ୍ଷେପ ନିଆଯାଇଛି। ଏଆଇୟୁ ପକ୍ଷରୁ ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖନଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହିତ ଘଟଣାର ତଦନ୍ତ କରିବା ପାଇଁ ଏକ ୩ ଜଣିଆ ତଦନ୍ତ ପ୍ୟାନେଲ ଗଠନ କରିଛି। ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ଲାଗି ୧୨ ଜଣଙ୍କୁ ଚୟନ କରାଯାଇଥିଲା ବେଳେ ମ୍ୟାନେଜର୍ସ ବୈଠକରେ ଭାରତୀୟ ଅଧିକାରୀ ସଠିକ୍ ଭାବେ ଆଥଲେଟ୍‌ଙ୍କ ନାମ ଉଲ୍ଲେଖ କରି ନ ପାରିବାରୁ ୬ ଜଣଙ୍କୁ ପ୍ରତିଯୋଗିତାରେ ଭାଗ ନେବାକୁ ଦିଆଯାଇ ନଥିଲା। ଏହା ଜଣାପଡ଼ିବା ପରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିବାଦରେ ଘେରି ହୋଇଯାଇଥିଲା। ତେବେ ଏଆଇୟୁ ପକ୍ଷରୁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ୟୁନିଭର୍ସିଟି ଗେମ୍ସ (ଏଫ୍‌ଆଇଏସ୍‌ୟୁ) ସହ ବୁଝାମଣା ପରେ ଦଳର ସମସ୍ତ ୧୨ ସଦସ୍ୟଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ରୋହନ କୁମାର, ଦର୍ଶନ ପୂଜାରୀ, ଆଦିତି ଭଟ୍ଟ, ଅଭିନାଶ ମହାନ୍ତି, ବିରାଜ କୁଭାଲେ, ଆଲିଶା ଖାନ ଆଦି ୬ ଖେଳାଳିଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବଞ୍ଚିତ ରଖାଯାଇଥିଲା।

ତଦନ୍ତକାରୀ ପ୍ୟାନେଲ ପୂରା ଘଟଣାକୁ ତଦନ୍ତ କରିବ। ଏହାର ନିରପେକ୍ଷ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ଆମେ ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖନଙ୍କୁ ସସ୍‌ପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛୁ। ଏହି ପ୍ୟାନେଲ ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବ। ମ୍ୟାନେଜରଙ୍କ ତ୍ରୁଟି ଲାଗି ଭାଗ ନେଇପାରିନଥିବା ଆଥଲେଟ୍‌ଙ୍କୁ ଏଫ୍‌ଆଇଏସ୍‌ୟୁ ପକ୍ଷରୁ ପଦକ ଓ ପ୍ରମାଣ ପତ୍ର ଦିଆଯାଇଛି। ଏଫ୍‌ଆଇଏସ୍‌ୟୁ ସହ ଆମେ ଆଲୋଚନା କରିବା ପରେ ଏହା ସମ୍ଭବ ହୋଇଛି ବୋଲି ଏଆଇୟୁ ସମ୍ପାଦକ ଡ. ପଙ୍କଜ ମିତ୍ତଲ କହିଛନ୍ତି।

## ଓଲ୍ଡ ଟ୍ରାଫୋର୍ଡରେ ଫାରୁଖ୍, ଲୟଡ ଷ୍ଟାଣ୍ଡ

ମାଞ୍ଚେଷ୍ଟର, ୨୩।୭(ପି.ଟି.)

ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ବୁଧବାର ଲଙ୍କାଶାୟାର କାଉଣ୍ଟି କ୍ରିକେଟ କ୍ଲବ ପକ୍ଷରୁ ପୂର୍ବତନ ଭାରତୀୟ ଉଇକେଟ୍‌କିପର ଫାରୁଖ୍ ଇଞ୍ଜିନିୟର ଓ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇଭ୍ ଲୟଡଙ୍କ ନାମରେ ୨ଟି ଷ୍ଟାଣ୍ଡ ନାମିତ କରାଯାଇଛି। ଫାରୁଖ୍ ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ଲଙ୍କାଶାୟାର ପକ୍ଷରୁ ପ୍ରତିନିଧିତ୍ୱ କରି ୧୭୫ଟି ମ୍ୟାଚ୍ ଖେଳିଛନ୍ତି। ଏହା ମଧ୍ୟରେ ସେ ୫,୯୪୨ ରନ୍ କରିବା ସହ ୪୨୯ଟି କ୍ୟାଚ୍ ନେଇଛନ୍ତି ଏବଂ ୩୫ଟି ଷ୍ଟମ୍ପିଂ କରିଛନ୍ତି। ତାଙ୍କ ଉପସ୍ଥିତି କ୍ଲବ ପାଇଁ ଟର୍ନିଂ ପଏଣ୍ଟ ସଦୃଶ ହୋଇଥିଲା। ଦୀର୍ଘ ୧୫ ବର୍ଷର ଟାଇଟଲ ଶୂନ୍ୟତାକୁ ପୂରଣ କରି ୧୯୭୦ରୁ ୧୯୭୫ ମଧ୍ୟରେ କ୍ଲବ ୪ଥର ଜିଲେଟ କପ୍ ବିଜୟୀ ହୋଇଥିଲା। ଭାରତୀୟ କ୍ରିକେଟ ସହ ବିଶେଷକରି ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ତାଙ୍କର ଅନେକ ସ୍ମରଣୀୟ ସ୍ମୃତି ରହିଥିଲେ ମଧ୍ୟ ସେଠାରେ ତାଙ୍କ ନାମରେ ଏପର୍ଯ୍ୟନ୍ତ କୌଣସି ଷ୍ଟାଣ୍ଡକୁ ନାମିତ କରାଯାଇନାହିଁ। ସେହିପରି ଦୁଇଥର ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଲୟଡ ୧୯୭୦ ଦଶକ ପ୍ରାରମ୍ଭରେ ଲଙ୍କାଶାୟାର ଦଳରେ ଜଣେ ବିଦେଶୀ ଖେଳାଳିଭାବେ ଯୋଗ ଦେଇଥିଲେ। କ୍ଲବ ସହ ତାଙ୍କର ଦୁଇ ଦଶନ୍ଧିର ସମ୍ପର୍କ ମଧ୍ୟରେ ଲଙ୍କାଶାୟାରର ଭାଗ୍ୟ ପରିବର୍ତ୍ତନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୮୭ ବର୍ଷୀୟ ଇଞ୍ଜିନିୟର ଅବସର ପରେ ମାଞ୍ଚେଷ୍ଟରରେ ରହୁଛନ୍ତି।

# ସୁନ୍ଦରଗଡ଼ ସେମିଫାଇନାଲରେ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

କେନ୍ଦୁଝର,୨୩।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆଠାରେ ଚାଲିଥିବା ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଜୋନାଲ ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖେଳ ସୁନ୍ଦରଗଡ଼ ଓ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ସୁନ୍ଦରଗଡ଼ ୩-୧ ଗୋଲରେ ରାଉରକେଲାରୁ ପରାସ୍ତ କରି କେନ୍ଦୁଝର ଜୋନ୍‌ରୁ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କେତୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇପାରି ନ ଥିଲେ। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକ୍‌ର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ର ଗୋଲ କିପର ଆକାଶ ଓରାମ ଅତି ଚମତ୍କାର ଭାବେ ୩ ଟି ପେନାଲ୍ଟି କିକ୍‌କୁ ଗୋଲ ହେବାରୁ ରକ୍ଷା କରି ସୁନ୍ଦରଗଡ଼କୁ ୩-୧ ଟାଇ ବ୍ରେକର ଗୋଲରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। କେନ୍ଦୁଝର ଜୋନ୍‌ରୁ ସୁନ୍ଦରଗଡ଼ ଜିଲା ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ତଥା କେନ୍ଦୁଝର ଜିଲା କ୍ରୀଡା ସଂସ୍ଥା ଉପ ସଭାପତି ନୀତିନ କୁଶଲକର ଯୋଗଦେଇଥିଲେ। ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନ୍‌ସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, , ସନାତନ ବେହେରା, ସନ୍ଦୀପ ବେହେରା, ଗିରୀଶ ଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚକ୍ରଧର ଚାଟାର ଚତୁର୍ଥ ରେଫରୀ ଥିଲେ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ୍ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ଓ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

**ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ**

(କ୍ୱାର୍ଟର ଫାଇନାଲ)

**କେନ୍ଦ୍ରାପଡ଼ା**
କଟକ-୫, ଝାରସୁଗୁଡ଼ା-୦

**ବ୍ରହ୍ମପୁର**
କୋରାପୁଟ-୨, ଭୁବନେଶ୍ୱର-୧

**ବୌଦ୍ଧ**
(ଲିଗ୍ ମ୍ୟାଚ)
ବରଗଡ଼-୫, ନୟାଗଡ଼-୦
ଦେବଗଡ଼-୧, କଳାହାଣ୍ଡି-୦

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ